নিরপেক্ষ দৈনিক সম্বাদপত্র




ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୯ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 May 2024

Vol.No. 35 ■ No.124 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନିଶା ଦେଇ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ୮ ନାବାଳକ ଅଟକ

ବ୍ରହ୍ମପୁର, ୦୮/୫ (ନି.ପ୍ର): ନିଶା ଦେଇ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ। ପୁଲିସ ଏହି ଘଟଣାରେ ୮ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ୩ ତାରିଖ ଦିନ ଛାତ୍ରୀ ଜଣଙ୍କ ପୁଅ ସହପାଠୀଙ୍କ ଘରକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ ସହପାଠୀଙ୍କ ଘରେ କେହି ନଥିଲେ।ପୁଅ ସହପାଠୀ ଜଣଙ୍କ ଘରେ ଏକୁଟିଆ ଥିଲେ। ପରେ ସହପାଠୀ ଜଣଙ୍କ ଛାତ୍ରୀଙ୍କୁ ଥଣ୍ଡା ପାନୀୟରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ଛାତ୍ରୀ ଜଣକ ପିଇ ଦେଇଥିଲେ। ପରେ ଛାତ୍ରୀଙ୍କୁ ନିଶା ହେବା ପରେ ପୁଅ ସହପାଠୀ ଜଣଙ୍କ ଦୁଷ୍କର୍ମ କରିଥିଲେ। ପରେ ନାବାଳକ ନିଜର ୭ ଜଣ ସାଙ୍ଗଙ୍କୁ ମଧ୍ୟ ଘରକୁ ଡାକିଥିଲେ। ସେମାନେ ମଧ୍ୟ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ। ଛାତ୍ରୀ ଜଣଙ୍କ ଚେତା ଫେରିବା ପରେ ଘରକୁ ଫେରି ସବୁକଥା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଏନେଇ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ୮ ଜଣଙ୍କୁ ଅଟକ ରଖି ସେମାନଙ୍କ ଡାକ୍ତରୀମାଇନା କରିଥିବା ଜଣାପଡ଼ିଛି ଓ ଏହାସହ ତଦନ୍ତ ଜାରି ରଖିଛି।

# ଓଡ଼ିଶାରେ ଏଥର ମାହୋଲ ବଦଳୁଛି : ରାଜନାଥ



ରାୟଗଡ଼ା, ୦୮/୫ (ନି.ପ୍ର): ବିଜେପି ପାଇଁ ରାୟଗଡ଼ାରେ ପ୍ରଚାର କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଗୋଟିଏ ଜନସଭାକୁ ସମ୍ବୋଧନ କରି ଜାତୀୟ ପ୍ରସଙ୍ଗରେ କଂଗ୍ରେସକୁ ଘେରିଛନ୍ତି। ବିଜେଡି ସରକାର ନିଜର ପ୍ରତିଶ୍ରୁତି ପୂରଣ କରି ନାହିଁ ବୋଲି ରାଜନାଥ କହିଛନ୍ତି। ଏଥିସହ ଏଥର ମାହୋଲ ବଦଳିବ ଓ ବିଜେପି ଓଡ଼ିଶାର ସମସ୍ତ ୨୧ଟି ଯାକ ଲୋକସଭା ଆସନରେ ଜିତିବ ବୋଲି ଶ୍ରୀ ସିଂହ କହିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁ ପ୍ରାୟ ୪ ଘଣ୍ଟା ୩୦ ମିନିଟ ବନ୍ଦ ରହିଥିଲା ବୋଲି ମଧ୍ୟ ଶ୍ରୀ ସିଂହ ଦାବି କରିଛନ୍ତି। ଜନସଭାକୁ ସମ୍ବୋଧନ କରି ଶ୍ରୀ ସିଂହ କହିଛନ୍ତି, "ଅନେକ ଥର ଓଡ଼ିଶା ଆସିଛି, କିନ୍ତୁ ଏଥର ମାହୋଲ ବଦଳିଲା ଭଳି ଲାଗୁଛି। ଏଥର ୨୧ରୁ ୨୧ ଲୋକସଭା ସିଟ୍ ଜିତିବୁ ଓଡ଼ିଶାବାସୀ କହୁଛନ୍ତି। ଏହା ଜଗନ୍ନାଥଙ୍କ ଧରିତ୍ରୀ, ବିଦେଶରେ ବି ଜଗନ୍ନାଥଙ୍କ ପ୍ରତି ସମସ୍ତଙ୍କ ଶ୍ରଦ୍ଧା ରହିଛି। ଗତ ୧୦ ବର୍ଷ ହେଲା କେନ୍ଦ୍ରରେ ମୋଦି ସରକାର କାମ କରୁଛନ୍ତି। ମୋଦିଙ୍କ କାମ କଥା ଲୋକେ କହୁଛନ୍ତି। କଂଗ୍ରେସ ୫୦ ବର୍ଷ ହେଲା ଶାସନ କରିଥିଲେ ହେଁ କିଛି କରି ନଥିଲା। ହେଲେ ମୋଦି ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ଗରିବୀ ରେଖା ତଳକୁ ହଟିଛନ୍ତି। ବିଶ୍ୱର ବିଭିନ୍ନ ଅର୍ଥନୀତିକ ବିଶେଷଜ୍ଞ କହୁଛନ୍ତି ଯେ ଯଦି ମୋଦି ଆଗକୁ ପ୍ରଧାନମନ୍ତ୍ରୀ ରହିବେ, ତା'ହେଲେ ୧୦ରୁ ୧୫ ବର୍ଷ ମଧ୍ୟରେ ଦେଶରୁ ଗରିବୀ ସଂପୂର୍ଣ୍ଣ ଭାବେ ହଟିଯିବ।" ଓଡ଼ିଶାରେ ୨୫ ବର୍ଷ ହେଲା ଶାସନ କରୁଥିବା ବିଜେଡି ଉପରେ ମଧ୍ୟ ରାଜନାଥ ସିଂହ ବର୍ଷିଛନ୍ତି। ସେ କହିଛନ୍ତି, "ପ୍ରଥମେ ଓଡ଼ିଶା ଆସିଲା ବେଳେ ଗରିବୀ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଓଡ଼ିଶାରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ବିଜେଡି ସରକାରରେ ଯେଉଁ ସୁବିଧା ମିଳୁନି, ବିଜେପି ଆସିଲେ ସେସବୁ ମିଳିବ। କଂଗ୍ରେସ ଓ ବିଜେଡି କେବଳ ଆଶ୍ୱାସନା ଦେଲେ। କିନ୍ତୁ ପୂରଣ କଲେନି। ବିଜେପି ସରକାର ଆସିଲେ ଆୟୁଷ୍ମାନ କାର୍ଡ ମିଳିବ। ଗରିବ ହେଉ କି ଧନୀ ସମସ୍ତଙ୍କୁ ଆୟୁଷ୍ମାନ ସୁବିଧା ମିଳିବ। ସମସ୍ତଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ଯୋଗାଇ ଦିଆଯିବ। ୭୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ମାଗଣା ଚିକିତ୍ସା ସୁବିଧା ମିଳିବ। ଯାହା ଆମେ କହୁ ତାହା କରୁ, ଏହା ଆମ ଚରିତ୍ର । ଧାରା ୩୭୦ ହଟାଇବୁ କହିଥିଲୁ, ହଟାଇଦେଲୁ। ରାମ ମନ୍ଦିର ନିର୍ମାଣ କରିବାକୁ କହିଥିଲୁ, ତାହାକୁ ବି ସତରେ ପରିଣତ କରି ଦେଖାଇଲୁ। ତିନ୍ ତଲାକ୍ ସମାପ୍ତ କରିବାକୁ କହିଥଲୁ, ସମାପ୍ତ କଲୁ। କଂଗ୍ରେସ ପୂର୍ବରୁ ରାମ ମନ୍ଦିର କଥା କହୁଥିଲା। ବିଜେପି ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଦଳ ନାରା ଦେଉଥିଲା। ହେଲେ ମୋଦି ସରକାର ରାମଲଲାଙ୍କୁ କୁଆଡୁରୁ ଆଣି ମନ୍ଦିରରେ ବସାଇଛନ୍ତି। ଯେମିତି ରାମ ମନ୍ଦିର ନିର୍ମାଣ ହେଲା, ସେତିମି ପୂରା ଦେଶ ରାମ ରାଜ୍ୟରେ ପରିଣତ ହେବ। ଯେଉଁ ଧର୍ମର ହେଉନା କାହିଁକି ମାଆ, ଭଉଣୀଙ୍କୁ ଅସମ୍ମାନ ବରଦାସ୍ତ ହେବନି।" ଦୁର୍ନୀତି ପ୍ରସଙ୍ଗରେ ବିଜେଡି ଅପେକ୍ଷା କଂଗ୍ରେସ ଉପରେ ବେଶୀ ବର୍ଷିଛନ୍ତି ରାଜନାଥ ସିଂହ। ସେ କହିଛନ୍ତି, "କଂଗ୍ରେସ ଦୁର୍ନୀତିକୁ ଉଚ୍ଛେଦ କରିବ ବୋଲି କହୁଛି। ହେଲେ କଂଗ୍ରେସ କ୍ଷମତାରେ ଥିବା ବେଳେ


▶▶ପୃଷ୍ଠା ୭


## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ




ଜଗତସିଂହପୁର, ୦୮/୫ (ନି.ପ୍ର): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ନିମାପଡ଼ା ଗ୍ରାମରେ ୨୦୨୧ ମସିହା ଡିସେମ୍ବର ୧୬ ତାରିଖରେ ଏକ ହତ୍ୟାକାଣ୍ଡ ମାମଲାର ବିଚାରକରି ଜିଲ୍ଲା ଦୌରାଜଜ ଅଭିଯୁକ୍ତ ସୁଶ୍ରୀ ରଞ୍ଜନ ବିଶ୍ୱାଳକୁ ଆଜୀବନ କାରାଦଣ୍ଡ କରିବା ସହିତ ୫ହଜ଼ାର ଟଙ୍କା ଜୋରିମାନା କରିଛନ୍ତି। ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲା ନିମାପଡ଼ା ଗାଁର ଅଭୟ ନାୟକଙ୍କ ଘର ସମ୍ମୁଖରେ ଅଭିଯୁକ୍ତ ସୁଶ୍ରୀ ରଞ୍ଜନ ପରିସ୍ରା କରୁଥିଲେ। ଏହି ସମୟରେ ଅଭୟ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଓ ପରେ ସୁଶ୍ରୀ ରଞ୍ଜନ ଏକ ଠେଙ୍ଗା ଆଣି ଅଭୟ ନାୟକଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଗୁରୁତର ଅବସ୍ଥାରେ ଅଭୟଙ୍କୁ ପ୍ରଥମେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତ ଅଭୟ ନାୟକଙ୍କ ପତ୍ନୀ କ୍ରୀଷ୍ଣରାଣୀ ସାହୁ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତ ସୁଶ୍ରୀ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ଅନୁଭବଙ୍କ ଆବେଦନ ଖାରଜ: ଚାର୍ଜଫ୍ରେମ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର, ୦୮/୫ (ନି.ପ୍ର): ସାଂସଦ ଅନୁଭବ ମହାନ୍ତିଙ୍କ ଅଡୁଆ ବଢ଼ିଛି। ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ଅଭିଯୋଗର ବିଚାର ପାଇଁ କଟକ ଜେଏମଏଫସି କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରୁ ମୁକ୍ତି ପାଇଁ ଅନୁଭବ ଦାଏର କରିଥିବା ଡିସଚାର୍ଜ ପିଟିସନକୁ ଆଜି କୋର୍ଟ ଖାରଜ କରିବା ସହ ଆସନ୍ତା ୧୦ ତାରିଖରେ ତାଙ୍କ ବିରୋଧରେ ଚାର୍ଜଫ୍ରେମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଭବ ମହାନ୍ତି ଓ ତାଙ୍କର ଦୁଇ ଜଣ ସହଯୋଗୀ ସୁଜିତ ଦଲେଇ ଏବଂ ଖଗେନ୍ଦ୍ର ପ୍ରସାଦ ସାହୁ ମିଳିତ ଭାବେ ବର୍ଷାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଥିଲେ। ଏନେଇ ବର୍ଷା ୨୦୨୦ ମସିହା ଡିସେମ୍ବର ୧୯ ତାରିଖରେ


▶▶ପୃଷ୍ଠା ୭


## ସମୂହ ଛୁଟିରେ ଗଲେ ଏୟାର ଇଣ୍ଡିଆର ୩ଶହ କର୍ମଚାରୀ: ୭୮ ବିମାନର ଉଡ଼ାଣ ବାତିଲ




ନୂଆଦିଲ୍ଲୀ, ୦୮/୫ : ସମୂହ ଛୁଟିରେ ଗଲେ ଏୟାର ଇଣ୍ଡିଆର ୩ଶହ କର୍ମଚାରୀ। ଅସୁସ୍ଥତା ଦର୍ଶାଇ ଏକ ସଙ୍ଗେ ସମସ୍ତ କର୍ମଚାରୀ ସମୂହ ଛୁଟିରେ ଚାଲି ଯାଇଛନ୍ତି। ଫଳରେ ଗତ ରାତିରୁ ଆଜି ସକାଳ ପର୍ଯ୍ୟନ୍ତ ଏୟାର ଇଣ୍ଡିଆ ୭୮ରୁ ଅଧିକ ଘରୋଇ ଓ ଅନ୍ତର୍ଜାତୀୟ ଉଡ଼ାଣକୁ ବାତିଲ୍ କରି ସାରିଲାଣି। ଗତକାଲି ହଠାତ୍ କର୍ମଚାରୀମାନେ ଅସୁସ୍ଥତା ଦର୍ଶାଇ ଛୁଟି ପାଇଁ ଆବେଦନ କରିଥିଲେ। ଏହାପରେ ସମସ୍ତଙ୍କ ମୋବାଇଲ ସୁଇଚ ଅଫ୍ ହୋଇ ଯାଇଛି। ସେମାନଙ୍କ ସହ


▶▶ପୃଷ୍ଠା ୭


## ଆଜି ୬ ଘଣ୍ଟା ବନ୍ଦ ରହିବ ଶ୍ରୀଜିଉଙ୍କ ସାଧାରଣ ଦର୍ଶନ

ପୁରୀ, ୦୮/୫ (ନି.ପ୍ର): ଆଜି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ହେବ ବନକଲାଗି ନୀତି। ବନକଲାଗି ନୀତି ପାଇଁ ୬ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିବ। ସନ୍ଧ୍ୟା ୬ଟାରୁ ରାତି ୧୨ଟା ଯାଏ ସାଧାରଣ ଦର୍ଶନ ବନ୍ଦ ରହିବ। ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ହେବ ବନକଲାଗି ନୀତି। ବିଭିନ୍ନ ପ୍ରାକୃତିକ ରଙ୍ଗରେ ମହାପ୍ରଭୁଙ୍କୁ ବନକଲାଗି କରାଯାଇଥାଏ।


▶▶ପୃଷ୍ଠା ୭


## ବିଜେଡିରେ ଅଛନ୍ତି ଅନେକ ଏକନାଥ ସିନ୍ଦେ: ବିଜେପି




ଭୁବନେଶ୍ୱର, ୦୮/୫ (ନି.ପ୍ର): ବିଜେଡିରେ ସମସ୍ତେ ତ କ୍ରୀତଦାସ ନୁହନ୍ତି। ଅନେକ ଏକନାଥ ସିନ୍ଦେ ବି ଅଛନ୍ତି। ଆଉ ଏମାନେ ସମସ୍ତେ ବିଜେପି ସହ ସଂପର୍କରେ ଅଛନ୍ତି। ବିଜେଡି ନେତା ପାଣ୍ଡିଆନଙ୍କ ମନ୍ତବ୍ୟକୁ ନେଇ ଆଜି ଏଭଳି ବଡ଼ ପ୍ରତିକ୍ରିୟା ରଖିଛନ୍ତି ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି। ନୂଆ ନୂଆ ରାଜନୀତିକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଗୁମାସ୍ତାଗିରି କରୁଥିବା ପାଣ୍ଡିଆନ୍ କେବେଠୁ ସେଫୋଲଜିଷ୍ଟ ହେଲେଣି ବୋଲି ପ୍ରଶ୍ନ କରିଛନ୍ତି ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି। ସେ କହିଛନ୍ତି ପାଣ୍ଡିଆନ୍ ଯଦି ସ୍ୱୀକାର କରୁଛନ୍ତି ବିଜେପିର ୫୦ଟି ସିଟ୍ ହେବ ବୋଲି ଜୁନ୍ ୪ ତାରିଖ ଦିନ ଜାଣିବେ କ'ଣ ହେବ। ତେବେ ବିଜେଡିରେ ସମସ୍ତେ ତ କ୍ରୀତଦାସ ନୁହଁନ୍ତି। ଅନେକ ଏକନାଥ ସିନ୍ଦେ ବି ଅଛନ୍ତି। ସେମାନେ ଆମ ସହ ସମ୍ପର୍କରେ ଅଛନ୍ତି। ପୂର୍ବରୁ ସଭାପତି କହିଛନ୍ତି ଯେ ଓଡ଼ିଶା ମାଟିର ଓଡ଼ିଆ ପିଲା ସ୍ୱାଭିମାନୀ ପିଲା ଯାହା ଦେହରେ ଓଡ଼ିଆ ରକ୍ତ ଅଛି ସେ କ୍ରୀତଦାସ ପାଖରେ ରହିପାରିବନାହିଁ। ତେଣୁ ଗୋଡ଼ ତଳୁ ମାଟି ଖସୁଥିବା ବିଜେଡି ଜାଣିଗଲାଣି ବୋଲି କହିଛନ୍ତି ସମୀର। ପାଣ୍ଡିଆନ୍ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଓଡ଼ିଶାରେ ବିଜେପି ୪୦ରୁ ୫୦ ସିଟ୍ ପାଇ ଆସିଲେ ବିଜେଡି ସରକାର ଭାଙ୍ଗିଦେବେ ବୋଲି କହିବା ପରେ ରାଜ୍ୟ ରାଜନୀତିରେ ହଟ ଚମକ ସୃଷ୍ଟି ହୋଇଛି।

## ଆତ୍ମସମର୍ପଣ କଲେ ୨ ମହିଳା ଓ ୭ ପୁରୁଷ ମାଓବାଦୀ



ବୌଦ୍ଧ, ୦୮/୫ (ନି.ପ୍ର): ବୌଦ୍ଧ ପୁଲିସକୁ ମିଳିଛି ବଡ଼ ସଫଳତା। ଏନକାଉଣ୍ଟର କିଛି ଦିନ ପରେ ଆତ୍ମସମର୍ପଣ କରିଛନ୍ତି ୯ ଜଣ ମାଓବାଦୀ। ଆତ୍ମସମର୍ପଣ କରିଥିବା ନକ୍ସଲମାନେ କେକେବିଏନ ସଂଗଠନରେ ଦୀର୍ଘ ବର୍ଷ ହେଲା ସକ୍ରିୟ ଥିଲେ। ହେଲେ ନକ୍ସଲ ସଂଗଠନରେ ଦିଆଯାଉଥିବା ନିର୍ଯାତନାକୁ ସହି ନ ପାରି ସେମାନେ ସମାଜ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୨ ଜଣ ମହିଳା ଓ ୭ ଜଣ ପୁରୁଷ ଥିବା ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ହିଂସା ଛାଡ଼ି ଏମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଉଦ୍ଦେଶ୍ୟରେ ଆତ୍ମସମର୍ପଣ କରିଛନ୍ତି। ୯ ଜଣ


▶▶ପୃଷ୍ଠା ୭


## ମଳଦ୍ୱାରରେ ଆଣୁଥିଲେ ୩ କେଜିରୁ ଅଧିକ ସୁନା: ଭୁବନେଶ୍ୱରରେ ଧରା ପଡ଼ିଲେ




ଭୁବନେଶ୍ୱର, ୦୮/୫ (ନି.ପ୍ର): ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହୋଇଛି ୩ କେଜିରୁ ଅଧିକ ସୂଚନା। ଜବତ ସୁନାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ। ଦୁବାଇରୁ ଭୁବନେଶ୍ୱର ଆସିଥିବା ୪ ଜଣ ଯାତ୍ରୀଙ୍କ ଠାରୁ ମୋଟ ୩ କେଜି ୭୭ ଗ୍ରାମର ତରଳ ସୁନା ଜବତ ହୋଇଛି। ଏମାନେ ମଳଦ୍ୱାରରେ ତରଳ ସୁନାକୁ କ୍ୟାପସୁଲ ମାଧ୍ୟମରେ ରଖି ଚାଲାଣ କରୁଥିବା ବେଳେ କେନ୍ଦ୍ରୀୟ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଏହାକୁ ଜବତ କରିଛି। ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ଯେ ଗୁଇନ୍ଦା ସୂଚନା ଆଧାରରେ ଡିଆରଆଇ ଅଧିକାରୀମାନେ ଦୁବାଇରୁ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଏୟାରପୋର୍ଟକୁ ଆସିଥିବା ୪ ଜଣ ଯାତ୍ରୀଙ୍କୁ ପ୍ରଥମେ ଚିହ୍ନଟ କରିଥିଲେ। ସେମାନେ ୬ ତାରିଖରେ ଏଠାକୁ ଆସିଥିଲେ। ସେମାନଙ୍କୁ ଅଟକ ରଖି ପଚରା ଉଚରା କରାଯାଇଥିଲା। ଏହି ସମୟରେ ଜଣାପଡ଼ିଥିଲା ଯେ ଏହି ୪ ଜଣ ତରଳ ସୁନାର ଚୋରା ଚାଲାଣ ପାଇଁ ଉଦ୍ୟମ କରୁଥିଲେ। ଏହି ସୁନାକୁ ସେମାନେ କ୍ୟାପସୁଲ ମାଧ୍ୟମରେ ନିଜ ମଳଦ୍ୱାରରେ ରଖି ଦୁବାଇରୁ ଆଣିଥିଲେ। ତଦନ୍ତ ବେଳେ ୧୨ଟି କ୍ୟାପସୁଲରେ ଥିବା ତରଳ ସୁନାକୁ ଜବତ କରାଯାଇଛି। କ୍ୟାପସୁଲ ମଧ୍ୟରୁ


▶▶ପୃଷ୍ଠା ୭


## ଅଂଶୁଘାତ ସ୍ଥିତି ସାଂଘାତିକ: ଗଲାଣି ୨୦ ଜୀବନ !

ଭୁବନେଶ୍ୱର, ୦୮/୫ (ନି.ପ୍ର): ରାଜ୍ୟରେ ଦିନକୁ ଦିନ ଅଂଶୁଘାତ ସ୍ଥିତି ସାଙ୍ଘାତିକ ହେବାରେ ଲାଗିଛି। ୨ ଦିନ ହେଲା ଉପକୂଳରେ ତାତି ସମାନ୍ୟ କମିଥିଲେ ହେଁ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ୨ ଦିନ ପୂର୍ବରୁ ମଧ୍ୟ ଉପକୂଳ ଓଡ଼ିଶାରେ ହେଉଥିବା ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଏଥିଯୋଗୁ ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୨୦ ଜଣ ଅଂଶୁଘାତ ଯୋଗୁ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ୩ଟି ଅଭିଯୋଗର ତଦନ୍ତ କରି ସେମାନଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛି। ଢେଙ୍କାନାଳ, ବାଲେଶ୍ୱର ଓ ମୟୂରଭଞ୍ଜରେ ୩ ଜଣ ଅଂଶୁଘାତରେ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ବିଭାଗ କହିଛି। ବାକି ୧୭ଟି ଅଭିଯୋଗର ତଦନ୍ତ ଚାଲିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ବିଭାଗ ଆହୁରି କହିଛି ଯେ ଏ ପର୍ଯ୍ୟନ୍ତ ରାଜ୍ୟରେ ୭୮୬ଟି ଅଂଶୁଘାତ ମାମଲା ଆସିଛି। ସ୍ଥିତି ଆଗକୁ ବଗିଡ଼ିବାର ଆଶଙ୍କା ନାହିଁ। ଗତ କିଛି ଦିନ ହେଲା ତାତି କମିଥିବାରୁ ସ୍ଥିତି ଏବେ ନିୟନ୍ତ୍ରଣରେ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି।

## ବିବାଦ ପରେ ସାମ ପିତ୍ରୋଡାଙ୍କ ଇସ୍ତଫା



ନୂଆଦିଲ୍ଲୀ, ୦୮/୫ : ନିର୍ବାଚନ ବେଳେ ବର୍ଣ୍ଣ ବୈଷମ୍ୟ ଉପରେ ଦେଇଥିବା ବୟାନ ଯୋଗୁ ବିବାଦରେ ଥିବା ବରିଷ୍ଠ କଂଗ୍ରେସ ନେତା ସାମ ପିତ୍ରୋଡା ଆଜି ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସର ଇଣ୍ଡିଆନ ଓଭରସିଜ୍ ଚେୟାରମ୍ୟାନ ପଦ ଛାଡ଼ି ଦେଇଛନ୍ତି। ସେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ପାଖରୁ ଇସ୍ତଫାପତ୍ର ପଠାଇଥିଲେ। ଏହାକୁ କଂଗ୍ରେସ ସଭାପତି ଗ୍ରହଣ କରିଥିବା ଏକ୍ସରେ ସୂଚନା ଦେଇଛନ୍ତି ଦଳର ବରିଷ୍ଠ ନେତା ଜୟରାମ ରମେଶ। ପିତ୍ରୋଡାଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଅଡୁଆରେ ପଡ଼ିଥିଲା କଂଗ୍ରେସ। ନିର୍ବାଚନ ବେଳେ ବିଜେପି ଏହି ବୟାନକୁ ନେଇ କଂଗ୍ରେସକୁ ଘେରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର


▶▶ପୃଷ୍ଠା ୭


## ଟଳମଳ ହରିଆଣାର ବିଜେପି ସରକାର: ଫ୍ଲୋର ଟେଷ୍ଟ ଦାବି



ହରିଆଣା , ୦୮/୫: ହରିଆଣା ବିଜେପି ସରକାରରେ ଘନେଇବାରେ ଲାଗିଛି ସଙ୍କଟ। ଯକୌଣସି ମୁହୂର୍ତ୍ତରେ ଭାଙ୍ଗିପାରେ ନାୟବ ସିଂହ ସୈନିଙ୍କ ସରକାର। ୩ ସ୍ୱାଧୀନ ବିଧାୟକ ନିଜ ସମର୍ଥନ ଫେରାଇବା ନେବା ପରେ ବିଜେପିର ନମ୍ବର ଗେମ୍ ବିଗିଡି ଯାଇଛି। ଏବେ ବିଜେପି ସମ୍ମାରେ ସରକାର ବଞ୍ଚାଇବା ନେଇ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସେପଟେ ବିରୋଧୀ ନାୟବ ସରକାରଙ୍କ ଫ୍ଲୋର ଟେଷ୍ଟ ଦାବି କରିଛନ୍ତି। ପ୍ରତି ମୁହୂର୍ତ୍ତ ହରିଆଣା ରାଜନୀତିରେ ନୂଆ ମୋଡ଼ ଆସୁଛି । ଏକଦା ବିଜେପି ସହିତ ସରକାରେ ଭାଗିଦାରୀ ଥିବା ଜେଜେପି ବର୍ତ୍ତମାନ ଏହାର ଗେମ୍‌କୁ ବିଗାଡିବାରେ ଲାଗିପଡିଛି। ଜେଜେପି ନେତା ତଥା ହରିଆଣାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ସିଂହ ଚୌଟାଲା ନାୟବ ସୈନି ସରକାରଙ୍କୁ ହଟାଇବା ପାଇଁ କଂଗ୍ରେସକୁ ଖୋଲା ଅଫର ଦେଇଛନ୍ତି। ଦୁଷ୍ୟନ୍ତ ଚୌଟାଲା କହିଛନ୍ତି, ଯଦି ହରିୟାଣାର ସରକାର ସଂଖ୍ୟା ଗରିଷ୍ଠତା ହରାଇ ବସେ ତେବେ ସେ ସରକାରଙ୍କୁ ହଟାଇବା ପାଇଁ ବାହାରୁ ସମର୍ଥନ କରିବେ। ବିଜେପି ସରକାରକୁ ହଟାଇବା ପାଇଁ କ'ଣ ପଦକ୍ଷେପ ନିଆଯିବ କି ନାହିଁ ତାହା କଂଗ୍ରେସ ଚିନ୍ତା କରିବ। ଆମେ ତାଙ୍କୁ ବାହାରୁ ସମର୍ଥନ ଯୋଗାଇବୁ। ଯେ ପର୍ଯ୍ୟନ୍ତ ହ୍ୱିପର ଶକ୍ତି ଅଛି, ସେତେ ଯାଏ ସମସ୍ତଙ୍କୁ ହ୍ୱିପ୍‌ର ନିର୍ଦ୍ଦେଶ ଅନୁଯାୟୀ ଭୋଟ୍ ଦେବାକୁ ପଡିବ। ମଙ୍ଗଳବାର ଠାରୁ ହରିଆଣା ରାଜନୀତିରେ ହଲଚଲ ଜାରି ରହିଛି। ହରିଆଣାର ବିଜେପି ସରକାରଙ୍କ ଉପରେ ଅସନ୍ତୋଷ ହୋଇ ତିନି ସ୍ୱାଧୀନ ବିଧାୟକ ସୋମବୀର ସାଙ୍ଗୱାନ, ରଣଧିର ସିଂହ ଗୋଲନ ଓ ଧର୍ମପାଲ ଗୋନ୍ଦର ନିଜ ସମର୍ଥନ ଫେରାଇ ନେଇଛନ୍ତି। ଏମାନେ କଂଗ୍ରେସକୁ ସମର୍ଥନ ଜଣାଇଛନ୍ତି। ଏହାପରେ ହରିଆଣାର ନାୟବ ସରକାରଙ୍କ ନମ୍ବର ଗେମ୍ ବିଗଡି ଯାଇଛି। ସେପଟେ


▶▶ପୃଷ୍ଠା ୭

# ଜିଲ୍ଲା ଆଂଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୮/୫ (ନି.ପ୍ର): ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାଲିଆଠାରେ ଗତ ରବିବାର ଦିବା ୧୦ଘଟିକା ସମୟରେ ଜିଲ୍ଲାର ସମସ୍ତ ଆଂଚଳିକ ସାଧନକେନ୍ଦ୍ରର ସଂଯୋଜକମାନଙ୍କ ଦ୍ୱାରା ବିଦାୟକାଳୀନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ସୁଲୋଚନା ଦେହୁରୀ ସଭାପତିତ୍ୱ କରିଥିଲେ । ଉକ୍ତ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ ଓ ବର୍ତମାନ ଶିକ୍ଷକ ତଥା ଭୁବନେଶ୍ୱର ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସହକାରୀ ନିର୍ଦ୍ଦେଶକ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଏଠାରୁ ବିଦାୟକାଳୀନ ଓ ଭୁବନେଶ୍ୱର ଠାରେ ନୂତନ ପଦୋନ୍ନତିର ଦାୟିତ୍ୱ ନେବା ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାର ପରମ୍ପରାକୁ ବ୍ରତଭାବେ ଗ୍ରହଣ କଲେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ସାଧନ ହେବ ବୋଲି କହିଥିଲେ। ଶିକ୍ଷାକ୍ଷେତ୍ରରେ କେନ୍ଦ୍ରାପଡାର ସୁନାମ ଅର୍ଜନ ପାଇଁ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକମାନଙ୍କ ସହଯୋଗ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ତାଙ୍କର ଅଭିଭାଷଣରେ ପ୍ରକାଶ କରିଥିଲେ ଯେ କେନ୍ଦ୍ରାପଡାର ଶୈକ୍ଷିକ ବାତାବରଣ ସହିତ ସେ ଏତେ ଜଡିତ ଥିଲେ ଯେ ସ୍ନେହଶ୍ରଦ୍ଧାର ବନ୍ଧନରେ ବାନ୍ଧି ହୋଇ ଶିକ୍ଷାର ପ୍ରଗତିର ରଥକୁ ଆଗେଇ ନେବାପାଇଁ ଆ ଳିକ ସାଧନକେନ୍ଦ୍ର ସଂଯୋଜକମାନଙ୍କର ସହାୟତା, ଶିକ୍ଷକମାନଙ୍କର ସହଯୋଗ ଓ ଉତ୍ସର୍ଗୀକୃତ ମନୋଭାବର ନିଦର୍ଶନ ଦେଖିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଆନ୍ଦୋଳନକୁ ଆହୁରି ଶାଣିତ କରି ଆଗେଇ ନେଲେ ଜାତୀୟ ଶିକ୍ଷାନୀତି-୨୦୨୦ ସଫଳ ହେବ ବୋଲି ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଜିଲ୍ଲାର ଶୈକ୍ଷିକ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସମସ୍ତ ଶିକ୍ଷକ, ଆଂଚଳିକ ସାଧନକେନ୍ଦ୍ର ସଂଯୋଜକମାନଙ୍କର ସହଯୋଗ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ଶିକ୍ଷାନୀତିକୁ ସାର୍ବଜନୀନ କରିବା ଓ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ଆମର ପରମ ଲକ୍ଷ୍ୟ ହେବା ଆବଶ୍ୟକ। ଏହି ସଭାରେ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖଗେଶ୍ୱର ପଢ଼ିହାରୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଚ୍ୟୁତାନନ୍ଦ ଆଂଚଳିକ ସାଧନକେନ୍ଦ୍ରର ସଂଯୋଜକ ମାନପତ୍ର ପଠନ କରିଥିଲେ। ସମସ୍ତ ଆ ଳିକ ସାଧନକେନ୍ଦ୍ର ସଂଯୋଜକ ଯଥା କନକଲତା ପୃଷ୍ଟି, ମଧୁସୂଦନ ସାର, ମହମ୍ମଦ ଅଜଗର ଅଲ୍ଲୀ, କିଶୋର ଜେନା, ଗୟାସୁଦ୍ଦିନ, ଦେବାଶିଷ ସା, ପ୍ରଦୀପ ଖଟୁଆ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଡଃ ବ୍ରହ୍ମାଙ୍କର ବିଭିନ୍ନ ଶୈକ୍ଷିକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଶେଷରେ ଆଂଚଳିକ ସାଧନକେନ୍ଦ୍ରର ସଂଯୋଜକ ସଂଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସଭାପତିଙ୍କ ଦ୍ୱାରା ସଭାସଙ୍ଗ ହୋଇଥିଲା ।

# ଭୋଟ୍ ବର୍ଜନ ପାଇଁ ଅଡ଼ି ବସିଛନ୍ତି ଦୁଣ୍ଡାଗାଁର ଲୋକେ: ଗାଁରେ ପୂରାଇ ଦେଲେନି, ଫେରିଗଲେ ହୋମ୍‌ଭୋଟିଂ କର୍ମଚାରୀ




ଭବାନୀପାଟଣା, ୦୮/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦୁନ୍ଦେଲମାଲ ପଞ୍ଚାୟତର ଦୁର୍ଗମ ମାଓ ଅଧୁଷିତ ଅଞ୍ଚଳ ଗାଁ ଦୁଣ୍ଡାଗାଁକୁ ହୋମ୍‌ଭୋଟିଂ ପାଇଁ ଯାଇଥିବା କର୍ମଚାରୀଙ୍କୁ ବିରୋଧ କରିଥିଲେ ଗ୍ରାମବାସୀ। ଫଳରେ ଗାଁକୁ ପଶି ନ ପାରି କର୍ମଚାରୀମାନେ ଫେରି ଯାଇଛନ୍ତି। ସୋମବାର ଜୁନାଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ହୋମଭୋଟିଂ ପାଇଁ ଦୁଣ୍ଡାଗାଁକୁ ଯାଇଥିଲେ। ତେବେ ଗ୍ରାମବାସୀ ଗାଁ ଭିତରକୁ ପୂରାଇ ନ ଦେବାରୁ ସେମାନେ ଫେରିଯିବାକୁ ବାଧ ହୋଇଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ ଦୁଣ୍ଡାଗାଁରେ ବାସ କରୁଥିବା ନିରୀହ ଆଦିବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି, ମୋବାଇଲ ନେଟଓ୍ୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାସ୍ତା ନ ଥିବା ଯୋଗୁଁ ଗ୍ରାମବାସୀ ପାହାଡ଼ ଚଢ଼ି ଯିବା ଆସିବା କରିଥାନ୍ତି। ଏଠାରେ ସ୍ୱଚ୍ଛ ପାନୀୟ ଜଳ ସାତସପନ। କାହାରିକୁ ଆବାସ ଯୋଜନାରେ ପକ୍କା ଘର ବି ମିଳିନାହିଁ। ଗାଁର କିଛି ଲୋକ ଥୁଆମୂଳ ରାମପୁର ବ୍ଲକ୍‌ର କିଆପଦର ପଞ୍ଚାୟତରୁ ଚାଉଳ ନେଉଥିବା ବେଳେ କିଛି ଲୋକ ଦୁନ୍ଦେଲମାଲ ପଞ୍ଚାୟତରୁ ଚାଉଳ ନେଇଥାନ୍ତି। ୫୦ କେଜି ଚାଉଳକୁ ୫୦୦ ଟଙ୍କା ଖର୍ଚ୍ଚ କରି ନେବା ଘଟଣା ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ରାସ୍ତା ନ ଥିବାରୁ ଜୁନାଗଡ଼ ବ୍ଲକ ଅଫିସ୍ ସହ ସିଧାସଳଖ ଯୋଗଯୋଗ ହୋଇପାରେ ନାହିଁ।

# ମହୁ ପଂଚାୟତ ଅଙ୍ଗନୱାଡ଼ି କେନ୍ଦ୍ରରେ ଦୁର୍ନୀତିର ତଦନ୍ତ ଦାବି

କେନ୍ଦ୍ରାପଡ଼ା, ୦୮/୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମ ପଂଚାୟତ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ହୋଇଥିବା ଦୁର୍ନିତି ଓ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି । ଦାବି ମୁତାବକ ବଜାରଦାଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା କର୍ମୀ ନିଜର ମନମୁଖୀ କାର୍ଯ୍ୟ କରି କେନ୍ଦ୍ରରେ ବ୍ୟାପକ ଦୁର୍ନିତି କରିବା ସହିତ ଦୀର୍ଘ ବର୍ଷ ହେଲା ଉକ୍ତ କେନ୍ଦ୍ରରେ ସରକାରୀ ଯୋଜନା ଗୁଡିକୁ ବାଟ ମାରଣା କରୁଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ମାସରେ ସିଡିପିଓଙ୍କ ନିକଟରେ ପହଂଚି ଏ ବିଷୟରେ ଅଭିଯୋଗ କରିବା ସହିତ ସିଡିପିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଅଭିଯୋଗକାରୀ ମଞ୍ଜୁଲତା ପାତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତଦନ୍ତ କରିବା ପାଇଁ ଦାବି କରିଛନ୍ତି।

# ଜୟନ୍ତୀ ଅବସରରେ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କୁ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୦୮/୫ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ମଙ୍ଗଳବାର ପ୍ରତ୍ୟୁଷରେ ରବୀନ୍ଦ୍ର ମଣ୍ଡପ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତି କରିଥିବା ବେଳେ ପ୍ରଗତି ଅନୁଷ୍ଠାନର ସମ୍ପାଦକ ସୁଧାଂଶୁ ମାରିକ, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ପଣ୍ଡିତ ସର୍ବେଶ୍ୱର ଦାଶ, ଅକ୍ଷୟ ଜେଠୀ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ୍ ପାତାଳସିଂହ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଓଡ଼ିଶାର ରାହାମା ନିକଟସ୍ଥ ତାଙ୍କ ଜମିଦାରୀ ପଣ୍ଡୁଆରେ ଅବସ୍ଥାନ କଲାବେଳେ ଗୀତାଞ୍ଜଳି କାବ୍ୟ ରଚନା କରିଥିଲେ ଓ ଗୀତାଞ୍ଜଳି କାବ୍ୟ ପାଇଁ ରବୀନ୍ଦ୍ରନାଥ ନୋବେଲ୍ ପୁରସ୍କାର ପାଇଥିଲେ । ଏହି ଗୀତାଞ୍ଜଳି କାବ୍ୟ ନାମରେ ଗୀତାଞ୍ଜଳି ଏକ୍ସପ୍ରେସ୍ ନାମରେ ଏକ ଟ୍ରେନ୍ ଚଳାଚଳ କରୁଛି। ସେହି ଆଧାରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ଲାବଣ୍ୟବତୀ କାବ୍ୟ ଆଧାରରେ ଏକ ଟ୍ରେନ୍ ଚଳାଚଳ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । କେବଳ ସାହିତ୍ୟ ରଚନା ନୁହେଁ, ଶାନ୍ତିନିକେତନ ପ୍ରତିଷ୍ଠା କରି ତାହା ମାଧମରେ ନୀତିଶିକ୍ଷା ଓ ମୌଳିକ ଶିକ୍ଷା ପ୍ରଦାନ କରି ସମଗ୍ର ଭାରତ ବର୍ଷ ସହିତ ବିଶ୍ୱରେ ଉଚ୍ଚ ଶିକ୍ଷା ବିକାଶ ପାଇଁ ରବୀନ୍ଦ୍ରନାଥଙ୍କ ଅବଦାନ ଅତୁଳନୀୟ । ସେହିଭଳି ତାଙ୍କ ରଚିତ 'ଜନଗଣମନ ଅଧିନାୟକ' କବିତା ଆଜି ଭାରତ ବର୍ଷର ଜାତୀୟ ସଂଗୀତର ମାନ୍ୟତା ପାଇଛି। ସାହିତ୍ୟ, ସଂଗୀତ ଓ ଶିକ୍ଷା ପାଇଁ କବି ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରମୋଦ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବହି ଯୋଗାଇପାରୁନି ଏନ୍‌ସିଇଆରଟି: ନକଲି ବହି ଛାପି ପ୍ରକାଶନୀ ସଂସ୍ଥା ମାଲାମାଲ

ଭୁବନେଶ୍ୱର, ୦୮/୫ (ନି.ପ୍ର): ମେ' ପ୍ରଥମ ସପ୍ତାହ ସରିଲାଣି। ତଥାପି ବଜାରରେ ମିଳୁନାହିଁ ନ୍ୟାସନାଲ୍ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆରଟି) ଦ୍ୱାରା ପ୍ରଚଳିତ ପାଠ୍ୟପୁସ୍ତକ। ସିବିଏସ୍‌ଇ ଅଧୀନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅନ୍‌ଲାଇନ୍‌ରେ ଚାଲିଥିଲେ ମଧ ଏପର୍ଯ୍ୟନ୍ତ ପ୍ରଚଳିତ ପାଠ୍ୟପୁସ୍ତକ ବଜାରରେ ଉପଲବ୍ଧ ହେଉନାହିଁ। ୩ୟ ଓ ୬ଷ୍ଠ ଶ୍ରେଣୀର ବହି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିବାରୁ ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ଚିନ୍ତାରେ ଥିବା ବେଳେ ବଜାରରେ ନକଲି ପାଠ୍ୟପୁସ୍ତକ ବିକ୍ରି ହେଉଛି। ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏନ୍‌ସିଇଆରଟି କର୍ତ୍ତୃପକ୍ଷ ଅନ୍‌ଲାଇନ୍‌ରେ କିଛି ପାଠ୍ୟପୁସ୍ତକ ଛାଡ଼ିଛନ୍ତି। ଆଉ ଏହାର ଫାଇଦା ନେଇ କେତେକ ପ୍ରକାଶନୀ ସଂସ୍ଥା ଏବେ ନିଜସ୍ୱ ଲୋଗୋ ଲଗାଇ ପାଠ୍ୟପୁସ୍ତକ ଛାପିବା ସହ ତାହାକୁ ବଜାରକୁ ଛାଡ଼ିଥିବା ନଜରକୁ ଆସିବା ପରେ ଏନ୍‌ସିଇଆରଟି କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭୁବନେଶ୍ୱରରେ ଚଢ଼ଉ କରାଯିବା ସହ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ତା'ସତ୍ତ୍ୱେ ଆବଶ୍ୟକତା ଅନୁଯାୟୀ ବହି ନ ମିଳିବା ଏବେ ଏନ୍‌ସିଇଆରଟିର ପାରିବାପଣିଆ ନେଇ ପ୍ରଶ୍ନ ଉଠିଲାଣି। ଏନ୍‌ସିଇଆରଟି ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ତୃତୀୟ ଶ୍ରେଣୀର ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ଭାଷାର ପାଠ୍ୟପୁସ୍ତକ ଏନସିଇଆରଟି ୱେବସାଇଟ୍‌ରେ ଉପଲବ୍ଧ ରହିଛି। ବିଦ୍ୟାଳୟ ଶିକ୍ଷା ଜାତୀୟ ପାଠ୍ୟଚର୍ଯ୍ୟା ୨୦୨୩ରେ ଷଷ୍ଠ ଶ୍ରେଣୀ ପାଇଁ ପ୍ରସ୍ତାବିତ ସମସ୍ତ ୧୦ଟି ବିଷୟ ପାଇଁ ଏକ ମାସ ସଂଯୋଗ କାର୍ଯ୍ୟକ୍ରମ ୱେବ୍‌ସାଇଟ୍‌ରେ ରହିଛି। ଷଷ୍ଠ ଶ୍ରେଣୀର ନୂତନ ପାଠ୍ୟପୁସ୍ତକ ବ୍ୟବହାର ପୂର୍ବରୁ ମୌଳିକ କିମ୍ବା ସଂଯୋଗ କାର୍ଯ୍ୟକ୍ରମ ଜରୁରି। ପିଲାମାନେ ସେମାନଙ୍କର ମୌଳିକ ଓ ଏକ ମାସ ସଂଯୋଗ କାର୍ଯ୍ୟକ୍ରମ ସମାପ୍ତ କରିବା ପରେ ନୂତନ ପାଠ୍ୟକ୍ରମକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ। ସେତେବେଳକୁ ସେମାନଙ୍କ ପାଇଁ ପାଠ୍ୟପୁସ୍ତକ ଉପଲବ୍ଧ ହୋଇଥିବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ନୂତନ ପାଠ୍ୟପୁସ୍ତକ ଏବଂ ସପ୍ତମ, ଅଷ୍ଟମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ଛପାଯାଇଛି। ୪ର୍ଥ, ୫ମ, ନବମ ଓ ଏକାଦଶ ଶ୍ରେଣୀର ଅଧିକାଂଶ ପାଠ୍ୟପୁସ୍ତକ ପ୍ରକାଶ ପାଇଛି ଏବଂ ମେ' ୩୧ ସୁଦ୍ଧା ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ହେବ। ଏହି ପାଠ୍ୟପୁସ୍ତକଗୁଡ଼ିକର ଡିଜିଟାଲ ସଂସ୍କରଣ ଏନ୍‌ସିଇଆରଟି ୱେବ୍‌ସାଇଟ୍, ଦୀକ୍ଷା ଓ ଇ-ପାଠଶାଳା ସହ ମୋବାଇଲ୍ ଆପ୍‌ରେ ମଧ ଉପଲବ୍ଧ ହେଉଛି। ଛାତ୍ରଛାତ୍ରୀ, ଅଭିଭାବକ ଏହାକୁ ସହଜ ଓ ମାଗଣାରେ ଡାଉନ୍‌ଲୋଡ୍ କରିପାରିବେ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏନ୍‌ସିଇଆରଟିର ବିଳମ୍ବିତ ପାଠ୍ୟପୁସ୍ତକ ପ୍ରକାଶନର ଫାଇଦା ନେଇ କେତେକ ପ୍ରକାଶନୀ ସଂସ୍ଥା ପାଠ୍ୟପୁସ୍ତକର ନକଲ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀ ଉପକୃତ ହେଉଥିବା ବେଳେ ଏନ୍‌ସିଇଆରଟିର କାର୍ଯ୍ୟାନୁଷ୍ଠାନକୁ ନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଲେଣି। ସେମାନଙ୍କ କହିବା କଥା ହେଉଛି ଯେ ଏନ୍‌ସିଇଆରଟି ୱେବସାଇଟ୍‌ରେ ପାଠ୍ୟପୁସ୍ତକ କପି ରହିଥିବାରୁ ପ୍ରକାଶନୀ ସଂସ୍ଥାଗୁଡ଼ିକ ପାଠ୍ୟପୁସ୍ତକକୁ ନକଲ କରି ପ୍ରକାଶ କରୁଛନ୍ତି। ଏହାଦ୍ୱାରା କପିରାଇଟ୍ ଆଇନ ଉଲ୍ଲଂଘନ ହେଉଥିବା ଠିକ୍।

# ପାରାଦୀପ ପ୍ରକଳ୍ପ ପାଇଁ ଚୀନ୍ ସଂସ୍ଥା ସହ ଜେଏସ୍‌ଡବ୍ଲ୍ୟୁର ଆଲୋଚନା: ଲିଥିଅମ୍-ଆୟନ୍ ବ୍ୟାଟେରି ତିଆରି ହେବ




ଭୁବନେଶ୍ୱର, ୦୮/୫ (ନି.ପ୍ର): ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶାରେ ଇଲେକ୍ଟ୍ରିକ୍ ଯାନ (ଇଭି) ଓ ତାହାର ବିଭିନ୍ନ ଉପକରଣ ତିଆରି କରିବା ଲାଗି ୪୦ ହଜାର କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଥିଲା। କମ୍ପାନି ରାଜ୍ୟର ପାରାଦୀପରେ ଏକ ଲିଥିଅମ୍ ଆୟନ୍ ବ୍ୟାଟେରି କାରଖାନା ସ୍ଥାପନ କରିବାକୁ ଯାଉଛି। ସେଥିପାଇଁ ଚୀନ୍‌ର ଏକ ସଂସ୍ଥା ସହ କମ୍ପାନି ଆଲୋଚନା କରୁଥିବା ଜଣାପଡ଼ିଛି। ତେବେ ସେହି କମ୍ପାନି ସମ୍ପର୍କରେ କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ। ଆସନ୍ତା ମାସେ କିମ୍ବା ଦେଢ଼ ମାସ ଭିତରେ ଆଲୋଚନା ଚୂଡ଼ାନ୍ତ ହେବା ସମ୍ଭାବନା ରହିଛି। କମ୍ପାନିର ଲିଥିଅମ୍-ଆୟନ ରିଫାଇନାରି ଓ ବ୍ୟାଟେରି ଉତ୍ପାଦନ କାରଖାନାର କ୍ଷମତା ୬୦,୦୦୦ ଟନ୍ ରହିବ। ପାରାଦୀପରେ ଜେଏସ୍‌ଡବ୍ଲୁର ଇଭି ପ୍ରକଳ୍ପ ଆସନ୍ତା ତିନିରୁ ଚାରି ବର୍ଷ ଭିତରେ କାର୍ଯ୍ୟକ୍ଷମ ହେବ। ଇଭିକୁ ନେଇ କମ୍ପାନି ମହତ୍ୱକାଂକ୍ଷୀ ଯୋଜନା ରଖିଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା କମ୍ପାନି ୧୦ ଲକ୍ଷ ଇଭି ବିକ୍ରି କରିବାକୁ ଚାହୁଁଛି। ଭାରତୀୟ ଇଭି କାର ବଜାରର ଏକ ତୃତୀୟାଂଶ ଅଂଶକୁ କମ୍ପାନି ହାସଲ କରିବାକୁ ଯୋଜନା ରଖିଛି। କମ୍ପାନି ଏଭଳି ଇଭି ତିଆରି କରିବାକୁ ଚାହୁଁଛି ଯାହା ଦ୍ୱାରା ଏହା ବଜାରରେ ଅନ୍ୟ କମ୍ପାନିଗୁଡ଼ିକ ସହ ସହଜରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ। ଜେଏସ୍‌ଡବ୍ଲୁ ଓଡ଼ିଶାରେ ଦୁଇଟି ପର୍ଯ୍ୟାୟରେ ୪୦ ହଜାର କୋଟି ଟଙ୍କା ନିବେଶ କରିବ। ଏହା କଟକରେ ୨୫ ହଜାର କୋଟି ଟଙ୍କା ନିବେଶ କରି ଇଭି ଓ ବ୍ୟାଟେରି ଉତ୍ପାଦନ କମ୍ପ୍ଲେକ୍ସ ସ୍ଥାପନ କରିବ। ଅବଶିଷ୍ଟ ୧୫ ହଜାର କୋଟି ଟଙ୍କାକୁ ପାରାଦୀପରେ ଇଭି ଉପକରଣ ତିଆରି କାରଖାନା ସ୍ଥାପନ କରିବାରେ ବ୍ୟବହାର କରିବ। କମ୍ପାନିର ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ୧୧ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସୁଲଭ ମୂଲ୍ୟରେ ଉନ୍ନତ ମାନର ବ୍ୟାଟେରି ଉତ୍ପାଦନ କରିବା ଲାଗି ବିଶ୍ୱର ବିଭିନ୍ନ କମ୍ପାନି ଚୀନ୍ ପ୍ରଯୁକ୍ତି ବ୍ୟବହାର କରିବା ଉପରେ ଜୋର ଦେଉଛନ୍ତି। ଭାରତୀୟ କମ୍ପାନିଗୁଡ଼ିକ ଚୀନ୍‌ର ବିଭିନ୍ନ ସଂସ୍ଥା ସହ ଯୌଥ ଉଦ୍ୟୋଗ ସ୍ଥାପନ କରୁଛନ୍ତି।

# ଏମ୍‌ସ ଭୁବନେଶ୍ୱରରେ ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମରର ସଫଳ ଅସ୍ତ୍ରୋପଚାର





ଭୁବନେଶ୍ୱର, ୦୮/୫ (ନି.ପ୍ର): ଏମ୍‌ସ ଭୁବନେଶ୍ୱରରେ ପଶ୍ଚିମବଙ୍ଗର ୫୧ବର୍ଷ ବୟସ୍କ ରବୀନ୍ଦ୍ର ବିଶୁଇଙ୍କ ଖପୁରୀର ଉପର ଅଂଶ(ସ୍କାଲ୍‌ପ)ରୁ ପ୍ରାୟ ୭ କେଜି ଓଜନର ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମରକୁ ସଫଳତାର ସହିତ ଅସ୍ତ୍ରୋପଚାର କରାଯାଇଛି। ଭାରତରେ ଏପରି ଅସ୍ତ୍ରୋପଚାର ଦ୍ୱିତୀୟ ଥର ପାଇଁ ସମ୍ପାଦିତ ହୋଇଥିବା କୁହାଯାଉଛି।

ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବିରଳ ଅପରେସନ୍‌ରେ ସଂପୃକ୍ତ ଥିବା ଡାକ୍ତରୀ ଦଳ ତଥା ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଉକ୍ତ ରୋଗୀ ଜଣଙ୍କ ଏହି ବିରଳ ଟ୍ୟୁମ୍‌ର ଚିକିତ୍ସା ପାଇଁ ବିଭିନ୍ନ ହସ୍‌ପିଟାଲରୁ ନିରାଶ ହୋଇ ଫେରିବା ପରେ ଏମ୍‌ସ ଭୁବନେଶ୍ୱରର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗକୁ ଆସିଥିଲେ। ତେବେ ଏପରି କାର୍ଯ୍ୟକୁ ସିଦ୍ଧିରେ ପୂରଣ କରିବାକୁ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଇଣ୍ଟରଭେନ୍‌ସନାଲ ରେଡିଓଲୋଜି, ସର୍ଜିକାଲ୍ ଅଙ୍କୋଲୋଜି, ନ୍ୟୁରୋ ସର୍ଜରୀ, ପ୍ଲାଷ୍ଟିକ୍ ସର୍ଜରୀ, ଆନାସ୍ଥେସିଓଲୋଜି ଏବଂ ପାଥୋଲୋଜି ବିଶେଷଜ୍ଞଙ୍କୁ ନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇ, ଏହି ଅପରେସନ୍ ନିମନ୍ତେ ରଣନୀତି ପ୍ରସ୍ତୁତ ହୋଇଥିଲା।

ଶ୍ରୀ ବିଶୁଇ ଦୁଇ ଦଶନ୍ଧି ହେବ ଏହି ଟ୍ୟୁମ୍‌ରରେ ପିଡ଼ୀତ ଥିଲେ। ମାତ୍ର ଗତ କିଛି ମାସ ମଧରେ ଏହା ଅହେତୁକ ଭାବେ ବୃଦ୍ଧି ପାଇ ପ୍ରାୟ ୭ କେଜିରେ ପହଞ୍ଚିଥିଲା। ଯାହାକି ତାଙ୍କ ଜୀବନକୁ ଦୁର୍ବିସହ କରିପକାଇଥିଲା। ବିରଳ ସିନୋଭିଆଲ୍ ସାର୍କୋମା ଟ୍ୟୁମର୍ ଭାବରେ ଚିହ୍ନଟ ହେଲା ପରେ, ପାରମ୍ପାରିକ ଚିକିତ୍ସା ପଦ୍ଧତି ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।

ଏହି ଜଟିଳ ଅସ୍ତ୍ରୋପଚାରର ପ୍ରଥମ ସୋପାନରେ ରେଡିଓଲୋଜି ବିଭଗାର ଡ. ମନୋଜ କୁମାର ନାୟକଙ୍କ ଦ୍ୱାରା ଧମନୀ ଏବଂ ବାମ ଓସିପିଟାଲ୍ ଧମନୀକୁ ଲକ୍ଷ୍ୟ କରି ରକ୍ତବାହୀଗୁଡ଼ିକ ସହିତ ସଠିକ୍ ସଂଯୋଗୀକରଣ କରାଯାଇଥିଲା। ପରେ ନ୍ୟୁରାସର୍ଜରୀ ବିଭାଗ ମୁଖ୍ୟ ଡ. ରବି ନାରାୟଣ ସାହୁ, ସର୍ଜିକାଲ୍ ଅଙ୍କୋଲୋଜି ବିଭାଗର ଡ. କନଭ ଗୁପ୍ତା, ଡ. ଅନିଲ କୁମାର, ଡ. ଫନୀନ୍ଦ୍ର କୁମାର ସ୍ୱାଇଁ, ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡ. ଦୀନେଶ, ଡ. ସଞ୍ଜୟ କୁମାର ଗିରି, ଡ. ସାନ୍ତନୁ ସୁବା, ଡ. ରଞ୍ଜିତ କୁମାର ସାହୁ, ଡ. ଅପର୍ଣ୍ଣା କାନୁନ୍‌ଗୋ, ଡ. ଗୋପିକା ଜିତ୍, ଡ. ଆକାଙ୍କ୍ଷା ରାଜପୁତ ଏବଂ ଡ. ଆହାନାଙ୍କ ଦ୍ୱାରା ବିଭିନ୍ନ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଅତ୍ୟନ୍ତ ଜଟିଳ ପଦ୍ଧତି ସହାୟତାରେ ଦୀର୍ଘ ୭ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ମାରାତ୍ମକ ଟ୍ୟୁମରର ସଫଳ ଅସ୍ତ୍ରୋପଚାର ସମାପ୍ତ ହୋଇଥିଲା। ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ୬ୟୁନିଟ୍ ରକ୍ତ ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକତାକୁ ଡ. ଅପରାଜିତା ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଦଳ ପୂରଣ କରିଥିଲା। ସେହିପରି ସୂର୍ଯ୍ୟ, ଅଶୋକା, ସିବାଞ୍ଜଳି, ପ୍ରମୋଦଙ୍କୁ ନେଇ ଗଠିତ ଉତ୍ସର୍ଗୀକୃତ ନର୍ସିଂ ଦଳ ବିଶେଷ ଯତ୍ନ ନେଇଥିଲେ। ସଫଳ ଅସ୍ତ୍ରୋପଚାର ପରେ ରୋଗୀକୁ ଅଧିକ ନିରୀକ୍ଷଣ ଏବଂ ଚିକିତ୍ସା ପ୍ରଦାନ ନିମିତ୍ତ ୱାର୍ଡକୁ ସ୍ଥାନାନ୍ତର କରିବା ପୂର୍ବରୁ ୨୪ ଘଣ୍ଟା ପାଇଁ ଆଇସିୟୁରେ ରଖାଯାଇଥିଲା। ଚିକିତ୍ସା ପ୍ରକ୍ରିୟାରେ ଡ. ପ୍ରୀତିନନ୍ଦା ମିଶ୍ର ପାଥୋଲୋଜିକାଲ୍ ମୂଲ୍ୟାଙ୍କନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟ ଚାରିପଟେ ବ୍ୟାରିକେଟ୍ ଓ ପୋଲିସ ମୁତୟନ

କେନ୍ଦ୍ରାପଡ଼ା, ୦୮/୫ (ନି.ପ୍ର): ସାଧାରଣ ନିର୍ବାଚନ ୨୦୨୪ ପାଇଁ ନାମାଙ୍କର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଚତୁପାର୍ଶ୍ୱରେ ଭିଡ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇ ଥିବା ଦେଖିବାକୁ ମିଳିଛି । ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ନାମାଙ୍କର ଦାଖଲ ପ୍ରକ୍ରିୟା ଥିବାବେଳେ ଆଶାୟୀ ପ୍ରାର୍ଥୀଙ୍କ ସହିତ ଆସୁଥିବା ସମର୍ଥକମାନଙ୍କ ଭିଡ ନିୟନ୍ତ୍ରଣ, ଶୋଭାଯାତ୍ରା ଆଦି ଜିଲ୍ଲା କାର୍ଯ୍ୟାଳୟର ୧୦୦ ମିଟର ପୂର୍ବରୁ ନିୟନ୍ତ୍ରଣ କରାଯାଇଛି । ୧୦୦ ମିଟର ମଧରେ ପ୍ରାର୍ଥୀଙ୍କ ସହ ୫ ଜଣ ନାମାଙ୍କନ ପତ୍ର ଦାଖଲ ପାଇଁ ପ୍ରବେଶ ଅନୁମତି ପାଇବେ । ଜିଲ୍ଲା କାର୍ଯ୍ୟାଳୟ ନିକଟରେ ଥିବା ଅଦାଲତ ଛକ, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡି ନିକଟରେ ବ୍ୟାରିକେଟ କରାଯାଇ ପୋଲିସ ମୁତୟନ ରହିଛନ୍ତି । ଏଥିପାଇଁ ୯ ପ୍ଲାଟୁନ ପୋଲିସ ଫୋର୍ସ ସହ ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହି ସମ୍ଭାବ୍ୟ ଭିଡକୁ ନିୟନ୍ତ୍ରଣ କରିବେ ବୋଲି ଜଣାପଡିଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ ୩ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡିଏସ୍‌ପି -୪ ଜଣ, ଇନିସପେକ୍ଟର-୧୨ ଜଣ, ସବ ଇନିସପେକ୍ଟର-୨୧ଜଣ, ଏ.ଏସ୍.ଆଇ-୩୦ଜଣ ପ୍ରମୁଖ ମୁତୟନ ରହି ପରିସ୍ଥିତି ଉପରେ ନଜର ରଖିବେ ବୋଲି ଜଣାପଡିଛି ।

# ପଣ୍ଡିତ ଭୁବନେଶ୍ୱର ମିଶ୍ର ଓଡ଼ିଶାର ସଂଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର

ଭୁବନେଶ୍ୱର, ୦୮/୫ (ନି.ପ୍ର): ଓଡ଼ିଶାର ସଂଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କର ୩୧ତମ ପୂଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ସିକତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ଗୁରୁ କେଶବ ଚନ୍ଦ୍ର ରାଉତ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଅକ୍ଷୟ ଜେଠୀ, ବିଜୟ ସାହୁ, କାରୁବାକି ନାୟକ, ପଲ୍ଲୀଶ୍ରୀ ଜେନା, ମାନସୀ ପ୍ରିୟଦର୍ଶିନୀ, ଶୁଭସ୍ମିତା ଜେନା, ସୁକାନ୍ତ ଶେଖର ଶତପଥୀ, ଗୋପୀନାଥ ସୁନା, ସତ୍ୟାନନ୍ଦ ମିଶ୍ର, ପି. ଗୁଲସନ୍, ଜଳନ୍ଧର ନାୟକ, ଜୟଗୁରୁ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରତୀକ୍ଷା ନନ୍ଦ, ଶୁଭଦର୍ଶିନୀ କୁଣ୍ଡୁ, ଇରାରାଣୀ ଗୁରୁ, ଦଶମତୀସିଂହ ହେମ୍ବ୍ରମ୍, ସ୍ମୃତିରେଖା ପ୍ରତିହାରୀ, ଜ୍ୟୋତିରାଣୀ ନାୟକ, ନୀଳିମା ପ୍ରଧାନଙ୍କ ସମେତ ବହୁ ଛାତ୍ରଛାତ୍ରୀ ନୃତ୍ୟ, ସଂଗୀତ ଗବେଷକ ଓ କଳାପ୍ରେମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଓଡ଼ିଶାର ସଂଗୀତର ବିକାଶରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଅବଦାନ ଅତୁଳନୀୟ ବୋଲି ମତ ଦେଇଥିଲେ।

# ଫିରିଙ୍ଗିଆ ନିର୍ବାଚନ ମଣ୍ଡଳୀରେ ବିଜେଡିର ଜୋରଦାର ପ୍ରଚାର

କନ୍ଧମାଳ, ୦୮/୫ (ନି.ପ୍ର): ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଚ୍ୟୁତ ସାମନ୍ତଙ୍କ ମାରାଥନ ପ୍ରଚାର ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସାଂସଦ ପ୍ରାର୍ଥୀ ଡକ୍ଟର ଅଚ୍ୟୁତ ସାମନ୍ତ ଓ ବିଧାୟକ ପ୍ରାର୍ଥୀନୀ ଜୟଶ୍ରୀ କହଁରଙ୍କ ମାରାଥନ ପଥପ୍ରାନ୍ତ ପ୍ରଚାର ଓ ରୋଡ଼ ସୋ। ସାଂସଦ ଓ ବିଧାୟକ ପ୍ରାର୍ଥୀନୀ ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀର ଫିରିଙ୍ଗିଆ ବ୍ଲକର ସଲାଗୁଡ଼ା, ଗୋଛାପଡ଼ା, ପଲାବୃଡ଼ି, କାଶିନିପଦର, ଭୃଙ୍ଗୀଯୋଡ଼ି, କେଲାପଡ଼ା ଆଦି ପଂଚାୟତରେ ଜନ ସମ୍ପର୍କ ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ। ସେହିଭଳି ଫିରିଙ୍ଗିଆ ହାଟରେ ରୋଡ଼ ସୋ କରିଥିଲେ ଅଚ୍ୟୁତ ସାମନ୍ତ ଓ ଜୟଶ୍ରୀ କହଁର। ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ସାମନ୍ତ କହିଥିଲେ, ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଗତିର ରଥ ଆଗେଇ ଚାଲିଛି। ଓଡ଼ିଶାକୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ସମସ୍ତେ ଆଶୀର୍ବାଦ ପ୍ରଦାନ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବର୍ତମାନର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବିଜେଡି ନେତ୍ରୀ ପୁନମ କହଁର, ଫିରିଙ୍ଗିଆ ବ୍ଲକ ଅଧକ୍ଷା ନମିତା କହଁର, ବିଜେଡି ନେତା ସତ୍ୟନାରାୟଣ ବେହେରା, କୈଳାସ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରି ମାମଲାରେ ୨ ଗିରଫ

ଜୟପୁର, ୦୮/୫ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ମାମଲା ରେ ୨ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଉମୁରି ଗ୍ରାମର ଗୁରୁ ବିଷୋୟୀ (୪୨) ଓ ଗୌରାଙ୍ଗ ବିଷୋୟୀ (୩୨) । ପୋଲିସ ସୂଚନା ଅନୁଯାଇ ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ସଦର ପୋଲିସ ଗତ ୩୦ ତାରିଖରେ ଉମୁରି କେନାଲ ତଟରେ ଚଢାଉ କରିଥିଲା । ଚଢାଉ କରି ୨ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶି ମଦ, ମଦରନ୍ଧା ସରଞ୍ଜାମ ଜବତ କରିଥିଲା । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ଜଣକୁ କାବୁ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୦୯ ମଇ ୨୦୨୪

## ଧାରାବାହିକ:

ଭାଗ-୭

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ନିର୍ଗୁଣ ବ୍ରହ୍ମୋପାସକ ହୋଇଥିଲେ ହେଁ ଏହି ପରମ ପବିତ୍ର ପୁରାଣରେ ଭଗବାନଙ୍କର ଲୀଳା ପ୍ରତି ଆକୃଷ୍ଟ ହୋଇଥିଲି । ଏହାକୁ ଶ୍ରବଣ କଲେ ଆତ୍ମମଙ୍ଗଳ ହେବା ସହିତ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ନିଷ୍କାମ ଭକ୍ତି ଉଦୟ ହେବ । ପୂର୍ବେ ଖଟ୍ୱାଙ୍ଗ ନାମ୍ନୀ ରାଜନ ଦେବତାଙ୍କୁ ଯୁଦ୍ଧରେ ସହାୟତା ପ୍ରଦାନ କରି ବର ସ୍ୱରୂପ ନିଜର ଆୟୁ ଆଉ କେତେ ଅଛି ଜାଣିବାକୁ ଚାହିଁବାରୁ ଦେବତାମାନେ ଆଉ ମୁହୂର୍ତ୍ତ ଥିବା କହିଲେ । ସେହି ମୁହୂର୍ତ୍ତ ସମୟତକ ହରିନାମ ଜପି ଖଟ୍ୱାଙ୍ଗ ମୁକ୍ତି ପାଇଗଲେ । ହରିନାମର ମହିମା ଏପରି । ହେ ରାଜନ ! ତୁମର ଆୟୁ ସାତଦିନ ଥିବାରୁ ମୁଁ ଏହି ପରମ ପବିତ୍ର ଭାଗବତ ବାଣୀକୁ କହିବି ଯାହା ଶୁଣି ତୁମେ ସଦଗତି ଲାଭ କରିବ । ଅନ୍ତଃକାଳ ଉପସ୍ଥିତ ହେଲେ ମନୁଷ୍ୟ ଗୃହତ୍ୟାଗ କରି ପବିତ୍ର ତୀର୍ଥରେ,ନଦୀକୂଳରେ ସ୍ନାନ ପୂର୍ବକ ଶୁଦ୍ଧ ଆସନରେ ବସି ସମ୍ଭବ ମତେ ଯମ, ଆସନ, ନିୟମ, ପ୍ରାଣାୟାମ, ପ୍ରତ୍ୟାହାର ଆଦି ଅଷ୍ଟାଙ୍ଗ ଯୋଗ ଅଭ୍ୟାସକରି ଚଞ୍ଚଳ ମନକୁ ସ୍ଥିରକରି ଧ୍ୟାନ ଚକ୍ଷୁରେ ଶ୍ରୀବିଷ୍ଣୁଙ୍କର ଗୋଟିଏ ଅବୟବ ଦର୍ଶନ କରି କ୍ରମେ ସମ୍ପୂର୍ଣ୍ଣ ରୂପ ଦର୍ଶନ କରିବା ସହ ସେହି ରୂପକୁ ଧ୍ୟାନ କରିବେ । ଏଥିରେ ଧାରଣା ଦୃଢ ହେବା ସହ ସିଦ୍ଧି ନିଶ୍ଚିତ ଲାଭ ହେବ । ଚରାଚର ଭଗବାନଙ୍କର ବିରାଟ ଶରୀର, ସପ୍ତ ଆବରଣ ଯଥା- କ୍ଷିତି, ଆପ,ତେଜ, ମରୁତ, ବ୍ୟୋମ, ଅହଙ୍କାର, ମହତ୍ତତ୍ୱ ଦ୍ୱାରା ଆବୃତ୍ତ ହୋଇ ରହିଛି । ସେହି ବିରାଟ ପୁରୁଷଙ୍କ ପାଦତଳ - ପାତାଳ, ଚରଣାଗ୍ର-ରସାତଳ, ଗୁଳଫଦେଶ- ମହାତଳ, ଜଂଘଦ୍ୱୟ- ତଳାତଳ, ଜାନୁଦ୍ୱୟ-ସୁତଳ,ଉରୁଦ୍ୱୟ-ବିତଳ, ଜଘନ ଦେଶ-ମହୀତଳ ଏବଂ ନାଭିବିବର-ନଭସ୍ଥଳ ଅଟେ । ବକ୍ଷସ୍ଥଳ -ସ୍ୱର୍ଗଲୋକ, ଗ୍ରୀବା- ମହଲୋକ, ବଦନମଣ୍ଡଳ-ଜନଲୋକ, ଲଲାଟ-ତପୋଲୋକ ଏବଂ ସହସ୍ର ଶିର-ସତ୍ୟଲୋକ ଅଟେ । ଇନ୍ଦ୍ରାଦି ଦେବତା ତାଙ୍କର ବାହୁ, ଅଷ୍ଟଦିଗ-କର୍ଣ୍ଣ, ଶବ୍ଦ-ଶ୍ରବଣେନ୍ଦ୍ରିୟ, ଅଶ୍ୱିନୀକୁମାର-ନାସିକା, ଗନ୍ଧ-ଘ୍ରାଣେନ୍ଦ୍ରିୟ ଅଟେ । ଅଗ୍ନି ତାଙ୍କର ମୁଖ, ଆକାଶ-ଚକ୍ଷୁ, ସୂର୍ଯ୍ୟ-ଦର୍ଶନଶକ୍ତି, ଦିବାରାତ୍ରି-ତାଙ୍କରପକ୍ଷ୍ମ, ରସ- ତାଙ୍କର ରସନା ଓ ଜଳ-ତାଙ୍କର ତାଳୁଦେଶ ଇତ୍ୟାଦି । ବେଦ ତାଙ୍କର ବ୍ରହ୍ମରନ୍ଧ୍ର, ତୁଣ୍ଡ-ଯମ, ଦନ୍ତପନ୍ତି-ସ୍ନେହ-କଳା, ମାୟା-ହାସ୍ୟ, ସଂସାର ତାଙ୍କର କଟାକ୍ଷ । ତାଙ୍କର ଓଷ୍ଠରେ ଲଜ୍ଜା ଓ ଅଧରରେ ଲୋଭ, ବକ୍ଷରେ ଧର୍ମ, ପୃଷ୍ଠଦେଶରେ ଅଧର୍ମଅଣ୍ଡରେ ପ୍ରଜାପତି,କୋଷରେ ସୂର୍ଯ୍ୟବରୁଣ, କୁକ୍ଷିଦେଶରେ ସମୁଦ୍ର ଅବସ୍ଥିତ । ଗିରି ସମୁଦ୍ର ତାଙ୍କର ଅସ୍ଥିମାଳା, ନଦୀସମୂହ-ଶିରାପ୍ରଶିରା, ବୃକ୍ଷ ସମୂହ-ରୋମାବଳୀ ଅଟେ । ବାୟୁ ତାଙ୍କର ଗତି, ଜଗତ ତାଙ୍କର କ୍ରୀଡା, ମେଘମାଳା-କେଶ, ସନ୍ଧ୍ୟା-ବସ୍ତ୍ରାବରଣ, ପ୍ରକୃତି-ହୃଦୟ ଓ ଚନ୍ଦ୍ରମା ତାଙ୍କର ମନଅଟେ । ସେହି ମନ ହିଁ ସର୍ବ ବିକାରର ନିବାସ । ବିଜ୍ଞାନ ଶକ୍ତି-ତାଙ୍କର ମହିମା, ରୁଦ୍ର-ଅନ୍ତଃକରଣ, ହସ୍ତୀ-ଅଶ୍ୱାଦି ତାଙ୍କର ନଖ, ସିଂହମୃଗାଦି-କଟୀଦେଶ, ପକ୍ଷୀଜଗତ ତାଙ୍କର କଳାନୈପୁଣ୍ୟ, ସ୍ୱାୟମ୍ଭୁବ ମନୁଆଦି ଋଷି ତାଙ୍କର ବୁଦ୍ଧି, ଗନ୍ଧର୍ବ କିନ୍ନର ଗଣ ତାଙ୍କର ସ୍ୱର, ଅସୁରମାନେ ତାଙ୍କର ବୀର୍ଯ୍ୟ ଅଟନ୍ତି । ତାଙ୍କର ମୁଖରୁ ବ୍ରାହ୍ମଣ, ଭୁଜରୁ କ୍ଷତ୍ରିୟ, ବକ୍ଷଦେଶରୁ ବୈଶ୍ୟ ଏବଂ ପାଦଦେଶରୁ ଶୂଦ୍ରର ଜନ୍ମ । ବିଭିନ୍ନ ନାମ ଧାରୀ ଦେବଗଣ ଦ୍ୱାରା ସେ ସର୍ବଦା ପରିବେଷ୍ଟିତ । ବେଦର ଯାବତୀୟ କର୍ମକାଣ୍ଡ, ଯଜ୍ଞାଦି ତାଙ୍କୁ ହିଁ ଆଶ୍ରୟ କରି ରଚିତ ହୋଇଅଛି ।

### ୨ୟ ଅଧ୍ୟାୟ

### ।। ଭଗବାନଙ୍କ ସ୍ଥୁଳ ଓ ସୂକ୍ଷ୍ମ ରୂପର ଧାରଣା ତଥା ମୁକ୍ତିର ବର୍ଣ୍ଣନା ।।

ଶ୍ରୀ ଶୁକଦେବ ବିଷ୍ଣୁଙ୍କ ମାୟା ସମ୍ପର୍କରେ ବର୍ଣ୍ଣନା କଲେ । ବିଷ୍ଣୁଙ୍କ ମୟାରେ ସ୍ୱୟଂ ବ୍ରହ୍ମଦେବ ମଧ ପ୍ରଳୟକାଳରେ ପୂର୍ବ ସୃଷ୍ଟିକଥା ଭୁଲିଯାଆନ୍ତି । ପୁନର୍ବାର ସୃଷ୍ଟିକାଳରେ ସ୍ୱପ୍ନ ଭଳି ପୂର୍ବସ୍ମୃତି ମନକୁ ଆସେ ଫଳରେ ଜଣେ ଅନୁଭୂତି ସମ୍ପନ୍ନ ବ୍ୟବସାୟୀ ଭଳି ସେ ସୃଷ୍ଟି ସର୍ଜ୍ଜନା କରନ୍ତି । ଶବ୍ଦ ବ୍ରହ୍ମ ବା ବେଦରେ ପୁଣ୍ୟର ପରିଣାମ ସ୍ୱରୂପ ସ୍ୱର୍ଗ ସୁଖର ପରିକଳ୍ପନା ହେତୁ ମନୁଷ୍ୟ ସକାମ ବ୍ରତ, ଆରାଧନା ଆଦିରେ ପ୍ରବୃତ୍ତ ହୁଏ ମାତ୍ର ଏଥିରେ ମନୁଷ୍ୟ ପୂର୍ଣ୍ଣ ସନ୍ତୋଷ ପାଏନାହିଁ, ଫଳରେ ଭଗବତ ପ୍ରାପ୍ତିଠାରୁ ଦୂରେଇ ଯାଏ । ମାତ୍ର ଯିଏ ଫଳେଚ୍ଛା ତ୍ୟାଗ ପୁର୍ବକ କର୍ମ କରେ ତାକୁ ଭଗବତ ପ୍ରାପ୍ତି ହୁଏ । ନିଜର ଦେହଧାରଣ ନିମିତ୍ତ ଯେତିକି କର୍ମର ଆବଶ୍ୟକତା ଅଛି ସେତିକି କରିବା ଉଚିତ । ପଣ୍ଡିତମାନେ ଏହା ବୁଝି କର୍ମରେ ଆସକ୍ତ ହୁଅନ୍ତି ନାହିଁ, ସେମାନଙ୍କ ମତରେ ଭୂମିଥାଉଁ ଶଯ୍ୟାର କି ପ୍ରୟୋଜନ ? ବଳକଳ ଥାଉ ବସ୍ତ୍ରର କି ଆବଶ୍ୟକ ? ଅଞ୍ଜଳି ଥାଉ ପାତ୍ରର କ'ଣ ଦରକାର ? ଗିରିଗୁହା ଥାଉ ଗୃହର ବା ଆବଶ୍ୟକତା କାହିଁ ?ଏଣୁ ଏମାନେ ଯାହା ମିଳେ ସେଥିରେ ସନ୍ତୁଷ୍ଟ ହେବା ସହ ବିଭୁଦତ୍ତ ସାମଗ୍ରୀରେ ନିଜର ଜୀବନ ନିର୍ବାହ କରନ୍ତି । ମାତ୍ର ସାଧାରଣ ଜୀବ ସବୁ ଜାଣିଶୁଣି, ଦେଖିପରଖି ମାୟାରେ ଜଡିତ ହୁଏ ଏବଂ କ୍ଲେଶରେ ବଞ୍ଚେ । ବିଜ୍ଞ ଏହା ଜାଣି ନିଜର ଶରୀର ମଧ୍ୟରେ ପ୍ରସନ୍ନ ବଦନ, ପଦ୍ମ-ପଲାଶ ନୟନ, ଦୀର୍ଘ ବପୁ, କଦମ୍ବ କେଶର ତୁଲ୍ୟ, ହରିତବର୍ଣ୍ଣ ବଦନ, ପୀତ ବସନ, ସୁବର୍ଣ୍ଣ ବଳୟଶୋଭିତ ବାହୁ, ଅତ୍ୟୁଜ୍ଜ୍ୱଳ ମୁଖ ଖଚିତ କିରୀଟ, କୁଣ୍ଡଳ ଶୋଭିତ ମସ୍ତକ । ହୃଦୟରେ ଶ୍ରୀବସ୍ତ ଚିହ୍ନ ଓ କୌସ୍ତୁଭ ମଣି, କଣ୍ଠରେ ବନମାଳା, ବିଭିନ୍ନ ଅଙ୍ଗରେ ମେଖଳା, ଅଙ୍ଗୁରୀୟ ପାଦରେ ନୁପୂର, ଚିକକ୍କଣ କେଶରାଜି, ଦରସ୍ମିତ ବଦନ-ସରୋଜ, ଆହା ! ସେ ରୂପର ପଟାନ୍ତର ନାହିଁ । ଯେତେ ଦୀର୍ଘକାଳ ସମ୍ଭବ ଶ୍ରୀହରିଙ୍କର ଏହି ରୂପକୁ ନିଶ୍ଚଳ ଚିତ୍ତରେ ମନ ମଧ୍ୟରେ ଧ୍ୟାନ କରିବା ଫଳରେ ସମ୍ପୂର୍ଣ୍ଣ ସମର୍ପଣ ଭାବ ଜାତ ହୁଏ । ଦେହତ୍ୟାଗ କରିବାକୁ ଇଚ୍ଛା ହେଲେ ପବିତ୍ର ସ୍ଥାନ ଓ କାଳ ନିର୍ଣ୍ଣୟ କରି ଯୋଗାସନରେ ବସି ପ୍ରାଣାୟାମ କରି ଆତ୍ମାକୁ ଆତ୍ମାରେ ଲୀନ କରି କର୍ମତ୍ୟାଗୀ ହେବ । ଏହି ଅବସ୍ଥାରେ ଯୋଗୀ ତ୍ରିଗୁଣରେ ଉର୍ଦ୍ଧ୍ୱରେ ରହି ପରମଶାନ୍ତି ଲାଭକରେ ଓ ଇଚ୍ଛାନୁଯାୟୀ ଦେହମୁକ୍ତ ହୁଏ । ଏହି ଅବସ୍ଥାରେ ଯୋଗୀ କାଳଜୟୀ ହୁଅନ୍ତି । ଯୋଗୀ ବିଷ୍ଣୁ ଦର୍ଶନ ଛଡା ଅନ୍ୟ କିଛି ଜାଣିପାରେନାହିଁ । ସାଧନାର ପ୍ରଥମ ସୋପାନରେ ନିଜର ଗୋଇଠି ଦ୍ୱାରା ମୂଳାଧାରକୁ ନିରୋଧ କରି ପରେ ପ୍ରାଣବାୟୁକୁ ଉର୍ଦ୍ଧ୍ୱଗାମୀ କରାଇ ନାଭି, ହୃଦୟ, ତାଳୁ କ୍ରମରେ ଉତ୍ତୋଳନ କରି ଭ୍ରୂଯୁଗଳ ମଧ୍ୟସ୍ଥ ଆଜ୍ଞାଚକ୍ରରେ ସ୍ଥାପନ କରେ । ଚକ୍ଷୁ,କର୍ଣ୍ଣାଦି ସପ୍ତଦ୍ୱାର ନିରୋଧ କରି ଓଁକାର ସ୍ମରଣ କରିବ । ଯଦି ଭୋଗର ବାସନା ନାହିଁ ତାହାଲେ ପ୍ରାଣବାୟୁକୁ ବ୍ରହ୍ମରନ୍ଧ୍ର ମଧ୍ୟକୁ ଘେନିଯାଇ ପରମବ୍ରହ୍ମ ସହିତ ମିଳନ କରାଇ ଶରୀର ତ୍ୟାଗକରି ମୁକ୍ତି ଲାଭ କରିବ । ଯୋଗୀମାନେ ନିଜର ସୂକ୍ଷ୍ମଶରୀର ଦ୍ୱାରା ସର୍ବତ୍ର ଭ୍ରମଣ କରିଥାନ୍ତି ଯାହା କେବଳ କର୍ମଫଳ ଦ୍ୱାରା ହୋଇପାରିନଥାଏ । ଅବଶ୍ୟ ଯଜ୍ଞାଦି କର୍ମଫଳ ଦ୍ୱାରା ପ୍ରାଣୀର ଦେହାନ୍ତେ ଜ୍ୟୋତିର୍ମୟ ସୁଷମ୍ନା ରନ୍ଧ୍ରରେ ବ୍ରହ୍ମପଥ ଦେଇ ଗମନ କଲେ ତାର କଳୁଷ ନାଶ ହୋଇଥାଏ । ସେ ଉର୍ଦ୍ଧ୍ୱଗତିରେ ଯାଇ ଶିଶୁମାର ଜ୍ୟୋତିଷ୍କ ଦେଇଧ୍ରୁବଲୋକ ପର୍ଯ୍ୟନ୍ତ ପ୍ରାପ୍ତ ହୁଏ । ସେଠାରୁ ମଧ ମହର୍ଲୋକ, ବ୍ରହ୍ମଲୋକ ଯାଇପାରେ, ଯେଉଁଠି ଦୁଃଖର ଚିହ୍ନବର୍ଣ୍ଣ ନାହିଁ । ଏଠାରୁ ଯୋଗୀ ବିଷ୍ଣୁଲୋକକୁ ମଧ ଗମନ କରି ପରମ ଆନନ୍ଦମୟ ସତ୍ତାକୁ ପ୍ରାପ୍ତ ହୁଏ । ହେ ରାଜା ! ମୁଁ ତୁମ ନିକଟରେ ଭାଗବତର ଦୁଇମାର୍ଗ ତତ୍ତ୍ୱ ଯଥା- ସଦ୍ୟମୁକ୍ତି ଓ କ୍ରମମୁକ୍ତି ବିଷୟ ପ୍ରକାଶ କଲି । ବ୍ରହ୍ମା ତପସ୍ୟା ଭଳରେ ବିଷ୍ଣୁଙ୍କ ନିକଟରୁ ପ୍ରାପ୍ତ ହୋଇଥିବା ଏହି ଜ୍ଞାନ ମୁଁ କହିଲି;ଏଣୁ ତୁମର ମୃତ୍ୟୁ ଆସନ୍ନ ହେତୁ ତୁମଠାରେ ଆଉ ଭୋଗର ବାସନା ନାହିଁ । ତୁମେ ମୃତ୍ୟୁ ଭୟ ତ୍ୟାଗ ପୂର୍ବକ ପରମପୁରୁଷ ପ୍ରାପ୍ତି ନିମିତ୍ତ ନିଷ୍କାମ ଯୋଗାଚରଣ କରିବା ଉଚିତ ।

### ୩ୟ ଅଧ୍ୟାୟ

### ।। କାମନାନୁସାରେ ବିଭିନ୍ନ ଦେବୋପାସନା ଓ ଭଗବତ ଭକ୍ତିର ପ୍ରାଧାନ୍ୟ ନିରୂପଣ ।।

ଶ୍ରୀ ଶୁକଦେବ କହିଲେ, ହେ ରାଜା ! ତୁମେ ଭଲ କି ମନ୍ଦ, ସାଧୁ କି ଅସାଧୁ ତାହା ମୃତ୍ୟୁ ସମୟରେ ଭଲଭାବରେ ଜଣାଯାଏ । ମୃତ୍ୟୁ ସମୟରେ ଭାବନା ପରଜନ୍ମରେ ପ୍ରଭାବ ପକାଏ । ଜୀବିତାବସ୍ଥାରେ ମନୁଷ୍ୟ ନିଜର କାମନା ପୂରଣ ପାଇଁ ବିଭିନ୍ନ ଦେବଦେବୀ ଯଥା- ବ୍ରହ୍ମବାଦୀ ବ୍ରହ୍ମାଙ୍କୁ, ଇନ୍ଦ୍ରିୟ ସୁଖଲିପସୁ ଇନ୍ଦ୍ରଙ୍କୁ, ପୁତ୍ରକାମୀ ଦକ୍ଷପ୍ରଜାପତିଙ୍କୁ, ସୌଭାଗ୍ୟକାମୀ ବରୁଣଙ୍କୁ, ବୀର୍ଯ୍ୟକାମୀ ରୁଦ୍ରଗଣଙ୍କୁ, ଅନ୍ନକାମୀ ଦେବମାତା ଅଦିତିଙ୍କୁ, ସ୍ୱର୍ଗକାମୀ ଆଦିତ୍ୟଙ୍କୁ, ରାଜ୍ୟକାମୀ ବିଶ୍ୱଦେବଙ୍କୁ, ପ୍ରଜାହିତକାମୀ ସାଧଗଣକୁ, ଆୟୁକାମୀ ଅଶ୍ୱିନୀକୁମାରଙ୍କୁ, ସୃଷ୍ଟିକାମୀ ବସୁଧାମାତାଙ୍କୁ, ପ୍ରତିଷ୍ଠାକାମୀ ଆଦ୍ୟାଶକ୍ତିଙ୍କୁ, ସୌନ୍ଦର୍ଯ୍ୟକାମୀ ଗନ୍ଧର୍ବଙ୍କୁ, ଦିବ୍ୟନାରୀକାମୀ ଉର୍ବଶୀଙ୍କୁ, ପ୍ରଭୁତ୍ୱକାମୀ ବିଧାତାଙ୍କୁ, ଯଶକାମୀ ଯଜ୍ଞେଶ୍ୱରଙ୍କୁ,ରତ୍ନକାମୀ ବରୁଣଙ୍କୁ, ବିଦ୍ୟାର୍ଥୀକାମୀ ମହାଦେବଙ୍କୁ, ଦାମ୍ପତ୍ୟ ସୁଖକାମୀ ସତୀ ଉମାଙ୍କୁ, ସୁରକ୍ଷାକାମୀ ଯକ୍ଷମାନଙ୍କୁ, ବଳପ୍ରାର୍ଥୀ ବାୟୁଦେବଙ୍କୁ ଏବଂ ଧର୍ମକାମୀ ନାରାୟଣଙ୍କୁ ଉପାସନା କରିଥାଆନ୍ତି । ମୃତ୍ୟୁ ସମୟରେ କାମନା ଲୋପ ପାଇଯାଇଥିବା କାରଣରୁ ମନୁଷ୍ୟ ମୋକ୍ଷଦାତା ଭଗବାନ ଶ୍ରୀହରିଙ୍କୁ ଧ୍ୟାନ କରିବା ଉଚିତ । ଯେଉଁ କର୍ଣ୍ଣ ହରିକଥା ଶ୍ରବଣ କରେନାହିଁ, ଯେଉଁ ଜିହ୍ୱା ହରିନାମ ରଟିନାହିଁ, ଯେଉଁ ଶିର ହରିପାଦ ଛୁଇଁନାହିଁ, ଯେଉଁ ହସ୍ତ ହରି ପୁଷ୍ପାଞ୍ଜଳି ଦେଇନାହିଁ, ଯେଉଁ ନେତ୍ର ହରି ଦର୍ଶନ କରିନାହିଁ କି ଯେଉଁ ପାଦ ହରିକ୍ଷେତ୍ର ଯାଇନାହିଁ ସେ ସମସ୍ତ ନିର୍ଜୀବ, ନିଷ୍ଫଳ । ହରିନାମ ଶ୍ରବଣରେ ଯାହାର ପ୍ରାଣରେରୋମାଞ୍ଚାଦି ବିକାର ଜାତ ନହୁଏ, ନୟନରୁ ଅଶ୍ରୁ ନଝରେ ସେ ବ୍ୟକ୍ତି ପ୍ରସ୍ତର ସଦୃଶ ନିର୍ଜୀବ, ନିଷ୍ପ୍ରାଣ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ଅଧିକ ସମୟ ପର୍ଯ୍ୟନ୍ତ ରହୁଥିବା ଜ୍ୱର ହୋଇପାରେ କ୍ୟାନ୍ସରର ଲକ୍ଷଣ



ଜ୍ୱରରେ ପୀଡିତ ଜଣେ ୧୪ ବର୍ଷୀୟ ବାଳକଙ୍କୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେ ଦୁଇମାସ ଧରି ଅସୁସ୍ଥ ଥିଲେ, ଜ୍ୱରରେ ପୀଡିତ ଥିଲେ ଏବଂ ଓଜନ ମଧ କମି ଯାଉଥିଲା । ପାଥୋଲୋଜି ଏବଂ ଏକ୍ସ-ରେ ପରୀକ୍ଷଣର ରିପୋର୍ଟ ସାମାନ୍ୟ ଆସିଥିଲା । ବୋନ ମାରୋ ପରୀକ୍ଷାରେ କିଶୋରକୁ ବ୍ଲଡ କ୍ୟାନ୍ସର ହୋଇଥିବା ଜଣାପଡିଥିଲା । ଅନ୍ୟ ଜଣେ ରୋଗୀ ପ୍ରାୟ ଚାରିମାସ ଧରି ଜ୍ୱର ପୀଡିତ ହେବା ପରେ ମେଡିକାଲରେ ପହଞ୍ଚିଥିଲେ । ତାଙ୍କର ସମସ୍ତ ପରୀକ୍ଷା ରିପୋର୍ଟ ମଧ ସ୍ୱାଭାବିକ ଥିଲା । ତାଙ୍କୁ ବୁଝାଇ ଦିଆଯାଇଥିଲା ଯେ, ଭିତରୁ ଜ୍ୱର ଭଳି କୌଣସି ଶାରୀରିକ ଅସୁସ୍ଥତା ନାହିଁ । ଜ୍ୱରର ଅନୁଭବ ଅଧିକ ଦିନ ପର୍ଯ୍ୟନ୍ତ ରହିବା ଏକ ମାନସିକ ରୋଗ । ଯାହା ମୁଖ୍ୟତଃ ଚାପ ଦ୍ୱାରା ହୋଇଥାଏ । ବ୍ୟାୟାମ ଏବଂ ଡିପ୍ରେସନ ମେଡିସିନ ଖାଇ ସେ ସୁସ୍ଥ ହୋଇଥିଲେ । ବାସ୍ତବରେ ଦୀର୍ଘକାଳୀନ ଜ୍ୱର ଯେକୌଣସି ବ୍ୟକ୍ତି, ଶିଶୁ ଏବଂ ବୟସ୍କଙ୍କୁ ହୋଇପାରେ । ଯଦି ଭାଇରାଲ୍ ଜ୍ୱର, ଟାଇଫଏଡ୍ ଇତ୍ୟାଦି ଜ୍ୱର ଅନେକ ଦିନ ଧରି ରହିଥାଏ, ତେବେ ଏହା ଏକ ଗୁରୁତର ସମସ୍ୟା ହେବାର ସମ୍ଭାବନା ଥାଏ । ଦୀର୍ଘ ସମୟ ଧରି ଜ୍ୱରର ଅନେକ କାରଣ ଅଛି । କିନ୍ତୁ କେତେକ କାରଣ କ୍ୟାନ୍ସର ରୋଗରେ ପରିଣତ ହୁଏ । ଜ୍ୱର ରକ୍ତ କର୍କଟ, ହାଡ କର୍କଟ ଏବଂ ଅନ୍ୟାନ୍ୟ ପ୍ରକାରର କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ଅନେକ ମେଡିସିନ୍ ମଧ ଜ୍ୱର ସୃଷ୍ଟି କରେ । ଦୀର୍ଘ ସମୟ ଧରି ଜ୍ୱରକୁ କେବେବି ଅଣଦେଖା କରାଯିବା ଉଚିତ୍ ନୁହେଁ ।

# ଆପଣ ଚାହୁଁଛନ୍ତି କି କାହାକୁ ହସେଇବା ପାଇଁ: ଏହି ୬ଟି ଉପାୟ କରିବ ସହଯୋଗ

**କୁହାଯାଏ ଯେ ହସିବା ଦ୍ୱାରା ଚାପ କମେ, ଶରୀରର ରକ୍ତ ମଧ ବଢେ । କାରଣ ଯେତେବେଳେ ଜଣେ ବ୍ୟକ୍ତି ଖୁସି ରୁହେ ଶରୀର ପ୍ରତ୍ୟେକ ଅଙ୍ଗ ଠିକ୍ ଭାବେ କାମ କରନ୍ତି । ଏହା ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ । କିନ୍ତୁ ଆଜିର ବ୍ୟସ୍ତବହୁଳ ଦୁନିଆରେ ମଣିଷ ହସକୁ ପୁରା ଭୁଲିଯାଇଛି । କାହା ମୁହଁରେ ପ୍ରକୃତ ମନ ଖୋଲା ହସ ପ୍ରାୟ ଦେଖାଯାଉ ନାହିଁ । ତେବେ ହସିବାର ଉପକାର ବିଷୟରେ ଲୋକମାନଙ୍କୁ ଜଣାଇବା ଏବଂ ହସିବାର କଳାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ମେ' ମାସ ପ୍ରଥମ ରବିବାରରେ 'ବିଶ୍ୱ ହାସ୍ୟ ଦିବସ' ପାଳନ କରାଯାଏ । ଆଜି ହେଉଛି ସେହିଦିନ । ୧୯୯୮ ମସିହାରେ ବିଶ୍ୱ ହାସ୍ୟ ଦିବସ ଆରମ୍ଭ ହୋଇଥିଲା, ଯାହା ପଛରେ ଡାକ୍ତର ମଦନ କଟାରିୟାଙ୍କ ଚେଷ୍ଟା ଥିଲା । ସେ ଯୋଗ ମାଧ୍ୟମରେ ହସିବାର କଳାକୁ ବିକଶିତ କରିଥିଲେ । ଏହି 'ବିଶ୍ୱ ହାସ୍ୟ ଦିବସ'କୁ ବିଭିନ୍ନ ମାଧ୍ୟମରେ ପାଳନ କରାଯାଇ ପାରେ । ଯେପରିକି ସାଙ୍ଗସାଥୀମାନଙ୍କୁ କିମ୍ବା ପରିଚିତ ବା ସମ୍ପର୍କୀୟଙ୍କୁ ମଧ ବିଶେଷ ବାର୍ତ୍ତା ପଠାଇ ଏବଂ ଥଟ୍ଟାମଜ୍ଜା କରି । ଆଜିର ଦିନରେ ଲୋକଙ୍କ ମୁହଁରୁ ହସ ଦୂରେଇ ଯାଉଥିବାରୁ ସମସ୍ତେ ଅନ୍ୟକୁ ହସେଇବା ପାଇଁ ଚେଷ୍ଟା କରିବା ଦରକାର । ତେବେ ନିଜେ ହସିବା ସହ କାହାକୁ ହସେଇବାକୁ ହେଲେ କ'ଣ କରିବାକୁ ହୁଏ ଆସନ୍ତୁ ଜାଣିବା ।**



*ବ୍ୟଙ୍ଗ :*
ବ୍ୟଙ୍ଗାତ୍ମକ କଥା କହି ଥଟ୍ଟା ପରିହାସ କରି ମଧ ଜଣଙ୍କୁ ହସାଯାଇପାରେ । ଏପରି କ୍ଷେତ୍ରରେ ମନେରଖିବା ଉଚିତ ଯେ ଆପଣଙ୍କ କଥା ଯେପରି କାହାର ଭାବନାକୁ ଆଘାତ ନ କରେ ।

*ପ୍ୟାରୋଡି :*
ପ୍ୟାରୋଡି ହେଉଛି ଅଭିନୟ ସହିତ କଟାକ୍ଷ କରିବା । ଯେକୌଣସି ପରିସ୍ଥିତିରେ ଆପଣ ଏହା କରି ଜଣଙ୍କୁ ହସେଇଦେଇ ପାରିବେ । ଉଦାହରଣ ସ୍ୱରୂପ କୌଣସି ଏକ ଜଣାଶୁଣା ସ୍ୱରକୁ ନେଇ ସେଥିରେ କିଛି ଶବ୍ଦ ପରିବର୍ତ୍ତନ କରି ଏହାକୁ ହାସ୍ୟାତ୍ମକ ଉପାୟରେ ପରିବେଷଣ କରିବା ଦ୍ୱାରା ଜଣେ ହସିପାରେ ।

*କାର୍ଟୁନ୍ :*
ଆପଣ ଯଦି ଚିତ୍ର କରିପାରନ୍ତି ତେବେ କାହାର ଫଟୋ ଚିତ୍ରକୁ କାର୍ଟୁନ୍ କରି ଆପଣ ତାଙ୍କୁ ହସେଇପାରିବେ । ଯେଉଁ ବ୍ୟକ୍ତିଙ୍କୁ ହସେଇବାକୁ ଚାହୁଁଛନ୍ତି ତାଙ୍କ ଚିତ୍ର କରିବା ବେଳେ ତାଙ୍କ ନାକକୁ ବଡ କରି, ପାଟିକୁ ତେଡା କରି, ମୁହଁକୁ ବଙ୍କା କରି କିମ୍ବା ଅନ୍ୟାନ୍ୟ ଉପାୟରେ ବ୍ୟଙ୍ଗ ଚିତ୍ର କରି ସେମାନଙ୍କୁ ଦେଖେଇ ଆପଣ ହସେଇ ପାରିବେ ।

*ଚୁଗୁଲିଠାରୁ ଦୂରତା:*
ଯଦି କୌଣସି ନିର୍ଦ୍ଦିଷ୍ଟ କଥାର ଆଲୋଚନାରେ ପାରସ୍ପରିକ ତିକ୍ତତା ବଢୁଥାଏ, ତେବେ ସେହିପରି କଥାକୁ ଏଡାଇବା ଉଚିତ । ଅନେକ ସମୟରେ ଚୁଗୁଲି ଭଲ ଲାଗେ, କିନ୍ତୁ ବେଳେବେଳେ ଏହା ମଧ ମତଭେଦର କାରଣ ହୋଇପାରେ, ତେଣୁ ଏହାକୁ ଏଡ଼ାଇବା ଭଲ ।

*କମେଡି ଶୋ':*
ପାରିବାରିକ ପରିବେଶକୁ ସୁଖମୟ ରଖିବା ପାଇଁ ଏକାଠି ବସି କମେଡି ଶୋ' ଦେଖିବାର ବହୁତ ଭଲ ପ୍ରଭାବ ରହିଛି । ଆଜିକାଲି, ଟିଭିରେ ଏପରି ଅନେକ ଶୋ' ଅଛି, ଯାହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ହସାଇବା, ତେଣୁ ମାଗଣାରେ ଉପଲବ୍ଧ ଏହି ହସର ମାତ୍ରାକୁ ହାତଛଡା କରନ୍ତୁ ନାହିଁ ।

*ସାଙ୍ଗମାନଙ୍କ ସହିତ ସମୟ ଦେବା:*
ଏମିତି କିଛି ଲୋକ ଥାଆନ୍ତି ଯେଉଁମାନଙ୍କ ସହ ମିଶିଲେ ସବୁ ଟେନ୍‌ସନ୍ ଦୂର ହୋଇଯାଏ ଏବଂ ସମସ୍ତ ପ୍ରକାର ଦୁଃଖ ଏବଂ ଯନ୍ତ୍ରଣା ମଧ ପଳାଏ । ତେଣୁ ନିଶ୍ଚିତ ଭାବରେ ଏହିପରି ଲୋକଙ୍କୁ ଆପଣଙ୍କ ଜୀବନରେ ସାମିଲ କରନ୍ତୁ । ଏପରି ଲୋକମାନଙ୍କ ସହିତ କଥା ହେଲେ ମନ ହାଲୁକା ଲାଗେ । ନିଜ ମନ ଖୁସି ହେଲେ ଜଣେ ଅନ୍ୟକୁ ମଧ ଖୁସି କରି ପାରିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅର୍ଥନୀତିକ ଅଭିବୃଦ୍ଧିର କାହାଣୀ...

ସାରା ଦେଶରେ ଭୋଟର ଚର୍ଚ୍ଚା- ଭୋଟରମାନେ ଭୋଟ୍ ଦେବେ କାହାକୁ ; ଭୋଟ୍ ପାଇ ସରକାର ଗଢ଼ିବ କିଏ ! ଏତିକି ବେଳେ ଗୋଟିଏ ସୁଖବର ନେଇ ଆସିଛି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏସ୍ଏଫ୍)- ବିପୁଳ ସଂଖ୍ୟାରେ ବିଶ୍ୱାସର ଭୋଟ୍ ପାଇ- ଯେ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬.୮ ପ୍ରତିଶତ ହାରରେ ବୃଦ୍ଧି ପାଇବ, କିନ୍ତୁ ଏହା ପରିଚାଳିତ ହେବ ମୁଖ୍ୟତଃ ସରକାରୀ ନିବେଶ ଦ୍ୱାରା । ଭାରତୀୟ ଅର୍ଥନୀତି ପାଇଁ ଏହାର ପୂର୍ବ ଅଭିବୃଦ୍ଧିଜନିତ ଭବିଷ୍ୟବାଣୀ ଥିଲା ୬.୩ ପ୍ରତିଶତ । ସଦ୍ୟତମ ଅଭିବୃଦ୍ଧି ସମ୍ପର୍କିତ ଭବିଷ୍ୟବାଣୀ କରି ଆଇଏସ୍ଏଫ୍ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅପେକ୍ଷା ଭାରତୀୟ ଅର୍ଥନୀତି ପ୍ରତି ଅଧିକ ସତର୍କ ହୋଇଥିବା ମନେ ହେଉଛି, ଯାହା ବିଶ୍ୱାସ କରେ ଯେ ଦେଶର ଅର୍ଥନୀତି ୭ ପ୍ରତିଶତ ହାରରେ ବୃଦ୍ଧି ପାଇବ । ଆଉ ଏକ ସଂସ୍ଥା ଇଣ୍ଡିଆ ରେଟିଂସ୍ ଭବିଷ୍ୟବାଣୀ କରିଛି ଯେ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତିକ ଅଭିବୃଦ୍ଧି ହାରାହାରି ୭.୧ ପ୍ରତିଶତ ରହିବ । ଅର୍ଥନୀତିକ ଅଭିବୃଦ୍ଧି ସଂଖ୍ୟାରେ ଏହି ଉର୍ଦ୍ଧ୍ୱମୁଖୀ ସଂଶୋଧନ ଦେଶର ଅନ୍ୟାନ୍ୟ ସ୍ଥୂଳ-ଅର୍ଥନୀତିକ ସୂଚକଗୁଡ଼ିକ, ଯଥା ନିର୍ମାଣଜନିତ ଅଭିବୃଦ୍ଧି, ଟିକସ ସଂଗ୍ରହ ଏବଂ ସେବା କ୍ଷେତ୍ରର ସମ୍ପ୍ରସାରଣ ସହିତ ମଧ ମେଳ ଖାଉଛି । ଗତ ୧୪ ବର୍ଷ ଭିତରେ ସେବା କ୍ଷେତ୍ର ଅନ୍ୟତମ ସର୍ବାଧିକ ବଳିଷ୍ଠ କ୍ଷେତ୍ର ଭାବରେ ତା'ର ସ୍ଥିତିକୁ ବଜାୟ ରଖି ଚାଲିଛି, ଯଦିଓ ଏପ୍ରିଲ ମାସରେ ଏହା ୬୦.୮ ପ୍ରତିଶତକୁ ଖସି ସାମାନ୍ୟ ଶିଥିଳତା ପ୍ରଦର୍ଶନ କରିଥିଲା । ଏସ୍‌ସି ଇଣ୍ଡିଆ ସର୍ଭିସେସ୍ ପିଏମ୍ଆଇ ବ୍ୟବସାୟିକ କାର୍ଯ୍ୟକଳାପ ସୂଚକାଙ୍କରେ ଏସ୍ ଆଣ୍ଡ୍ ପି ଗ୍ଲୋବାଲ୍ ଦ୍ୱାରା କରାଯାଇଥିବା ସଂକଳନ ଅନୁସାରେ, ମାର୍ଚ୍ଚ ମାସରେ ଏହା ୬୧.୨ ପ୍ରତିଶତରୁ ଖସିଥିଲା ଏବଂ ମୁଖ୍ୟତଃ ନୂଆ ରପ୍ତାନୀ ଅର୍ଡରରେ ସାମାନ୍ୟ ଅଦଳବଦଳ କାରଣରୁ ପ୍ରାକ୍- ଆକଳନଠାରୁ ମଧ ଏହା କମ୍ ଥିଲା । ଦେଶର ଅର୍ଥନୀତିକ ଅଭିବୃଦ୍ଧି ସମ୍ପର୍କିତ ଏଇ ସୁଖବର ଅନେକଗୁଡ଼ିଏ କାରକ ଦ୍ୱାରା ସମର୍ଥିତ ହୋଇଥାଏ, ଯାହା ମଧ୍ୟରେ ସାମିଲ ରହିଛି ଏକ ନିରବଚ୍ଛିନ୍ନ ସରକାରୀ ପାଣ୍ଠି ବ୍ୟୟ, କର୍ପୋରେଟ୍ ସଂସ୍ଥା ଏବଂ ବ୍ୟାଙ୍କମାନଙ୍କ ସନ୍ତୁଳନପତ୍ରର ଋଣ ପରିମାଣରେ ହ୍ରାସ ଏବଂ ଘରୋଇ କର୍ପୋରେଟ୍ ପାଣ୍ଠି ବ୍ୟୟ ଚକ୍ରର ଆବିର୍ଭାବ । ଇଣ୍ଡ୍-ରା ନାମକ ଏକ ଅର୍ଥନୀତିକ ଭବିଷ୍ୟବାଣୀ ପ୍ରଦାନକାରୀ ସଂସ୍ଥା ବିଶ୍ୱାସ କରୁଛି ଯେ ଘରୋଇ ଶେଷତମ ଉପଭୋଗ ବା କଞ୍ଜମ୍ପସନ୍ ବ୍ୟୟ (ପିଏଫ୍‌ସିଇ) ବର୍ଷ ପରେ ବର୍ଷ କ୍ରମରେ ବୃଦ୍ଧି ପାଇ ୨୦୨୫ ଆର୍ଥିକ ବର୍ଷ ବେଳକୁ ସାତ ପ୍ରତିଶତ ହାରରେ ପହଞ୍ଚିବ, ଯାହା ବିଗତ ତିନି ବର୍ଷ ମଧ୍ୟରେ ସର୍ବାଧିକ ହେବ । ତେବେ ସାମ୍ପ୍ରତିକ ସମୟରେ ଉପଭୋଗର ଚାହିଦା କୁଟିଳ ଗତିସମ୍ପନ୍ନ ରହିଥିବା ଜଣା ପଡ଼ିଛି, ଯାହା ଅଧିକ ପରିମାଣରେ ଅଧିକ-ଆୟକାରୀ ବର୍ଗର ପରିବାରଙ୍କ ଦ୍ୱାରା ଉପଭୋଗ କରାଯାଉଥିବା ସାମଗ୍ରୀ ଓ ସେବାଗୁଡ଼ିକ ଦ୍ୱାରା ପରିଚାଳିତ ହେଉଛି । ଗ୍ରାମାଞ୍ଚଳର ଉପଭୋଗ ହାର ଦୁର୍ବଳ ରହି ଆସିଛି, କିନ୍ତୁ ଇଣ୍ଡ୍-ରା ଆଶା କରୁଛି ଯେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଭବିଷ୍ୟବାଣୀ ଅନୁସାରେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ଏବଂ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅଧିକ ଖାଦ୍ୟଶସ୍ୟ ଆହରଣ କରାଯିବାର ଲକ୍ଷ୍ୟର ସମର୍ଥନ ଲାଭ କରି ଏ କ୍ଷେତ୍ରରେ ବୃଦ୍ଧି ଦେଖାଯିବ । ନିର୍ମାଣ ଏବଂ ବିଦ୍ୟୁତ୍ ଶକ୍ତି/ଉପଯୋଗ ଉଦ୍ୟୋଗଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ ବର୍ଷ-ପରେ-ବର୍ଷ କ୍ରମରେ ଔଦ୍ୟୋଗିକ ଉତ୍ପାଦନ ଅଭିବୃଦ୍ଧି ୭.୦ ପ୍ରତିଶତ ହାରରେ ବଜାୟ ରହିବ ବୋଲି ଆକଳନ କରାଯାଉଛି । କୃଷି କ୍ଷେତ୍ର ସ୍ୱାଭାବିକଠାରୁ ଅଧିକ ପରିମାଣର ବୃଷ୍ଟିପାତରୁ ଲାଭ ଉଠାଇବା ଆଶା କରାଯାଉଥିବା ବେଳେ ବର୍ଷ-ପରେ-ବର୍ଷ କ୍ରମରେ ଏହି କ୍ଷେତ୍ରର ଅଭିବୃଦ୍ଧି ହାର ୩.୬ ପ୍ରତିଶତ ରହିବା ନେଇ ଭବିଷ୍ୟବାଣୀ କରାଯାଇଛି । ଦେଶର ଅର୍ଥନୀତି ବିପୁଳ ପରିମାଣରେ ସରକାରୀ ବ୍ୟୟ ତଥା କେନ୍ଦ୍ର ସରକାରଙ୍କ ପ୍ରଯୋଜନାରେ ପରିଚାଳିତ ହେବାକୁ ଯାଉଥିବା ବେଳେ ଅର୍ଥନୀତିଜ୍ଞମାନେ ମତ ପ୍ରଦାନ କରନ୍ତି ଯେ ଘରୋଇ ଉପଭୋଗକୁ ବଢ଼ାଇବା ନିମନ୍ତେ ଉଦ୍ୟମ କରାଯିବା ଉଚିତ । ଏ ସବୁଯାକ କାରକ ଦୃଢ଼ ମୂଳଦୁଆ ଉପରେ ଆଧାରିତ, ପରନ୍ତୁ ଭାରତୀୟ ରାଜନୀତିକ ପ୍ରତିଷ୍ଠାନ ସଂଖ୍ୟାଗୁଡ଼ିକୁ ଅଧିକ ସାବଧାନତାର ସହିତ ପାଠ କରିବା ଉଚିତ ତଥା ସେଥି ସହିତ ସେହିସବୁ ସୂତ୍ରଗୁଡ଼ିକୁ ଖୋଜି ବାହାର କରିବାର ଉଦ୍ୟମ କରିବା ଆବଶ୍ୟକ, ଯେଉଁସବୁ କ୍ଷେତ୍ରରେ ଦୁର୍ଦ୍ଦଶା ବା ଭରସାର ଅଭାବ ରହିଥିବାର ଲକ୍ଷଣମାନ ରହିଛି । ପ୍ରତ୍ୟକ୍ଷ ଚାକିରି କ୍ଷେତ୍ରରେ ସମାନୁପାତିକ ବୃଦ୍ଧି ବିନା ମଧ୍ୟ ଅଭିବୃଦ୍ଧି ସମ୍ଭବ ହୋଇ ପାରିବାର ଉଦାହରଣ ଆଜିକା ସମୟର ବୈଶ୍ୱିକ ଅର୍ଥନୀତିରେ ପ୍ରତିଷ୍ଠିତ ହୋଇ ପାରିଛି । କାରଣ ରୋବୋଟିକ୍ ଏବଂ ସ୍ୱୟଂଚାଳିତ ଯନ୍ତ୍ରଗୁଡ଼ିକରେ ଉତ୍ପାଦନଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଇତ୍ୟାଦି ଆଧୁନିକ ସମୟରେ ବିଶେଷ ମାନବୀୟ ଉଦ୍ୟମର ଆବଶ୍ୟକ ନ କରି ମଧ ବେଶ୍ କିଛି କ୍ଷେତ୍ରରେ ଉତ୍ପାଦନ କାର୍ଯ୍ୟ କରିବା ସମ୍ଭବପର ହୋଇ ପାରୁଛି । ପରିଶେଷରେ ଆଇଏସ୍ଏଫ୍ ଦ୍ୱାରା କଥିତ ଅଭିବୃଦ୍ଧିର କାହାଣୀ ମଧ୍ୟ ସମାଜରେ ରହିଥିବା ଅସମାନତାର କଥାକୁ ବୟାନ କରିନାହିଁ । ତେଣୁ ଖରାଦିନର ଉଜ୍ଜ୍ୱଳ ଖରାରେ ଚିକ୍ ଚିକ୍ କରୁଥିବା ଆକାଶକୁ ଦେଖି ଉଲ୍ଲସିତ ହେବା ବେଳେ ଏହା ପଛରେ ରହିଥିବା କଳା ବାଦଲର ଖଣ୍ଡଗୁଡ଼ିକ ମଧ ଆମର ଧ୍ୟାନ ଆକର୍ଷଣ କରିବା ବିଧେୟ ଏବଂ ଏହାକୁ ହଟାଇବା ପାଇଁ କାର୍ଯ୍ୟ କରାଯିବା ମଧ ଜରୁରୀ ।




### ତାହା ସମ କେହି ନାହିଁ

**ସୁନୀଲ କୁମାର ପ୍ରଧାନ**



ପ୍ରକୃତି ଘେରା ମୋ ଗାଆଁ ଆମର
ସୁଖ ଦୁଃଖେ ଯାଉ ରହି
ତାହା ସମ କେହି ନାହିଁ ।

ସହରେ ବାସ କରେ ସିନା ମୁହିଁ
ମନ ଯାଉଥାଏ ରହି
ତାହା ସମ କେହି ନାହିଁ ।

ମୋ ଗାଆଁ ମାଟିରେ ସୁନା ଫସଲ
ତାହାରି ବୁକୁରେ ରହି
ତାହା ସମ କେହି ନାହିଁ ।

ବହୁ ପାଇକକୁ ଜନ୍ମ ଦେଇଛି
ଶିକ୍ଷିତ ଯୁବକ ହୋଇ
ତାହା ସମ କେହି ନାହିଁ ।

କେତେ ଚାଷୀ ଭାଇ ଆମରି ଗାଁରେ
ଅନ୍ନଦାତା ଯାକୁ କହି
ତାହା ସମ କେହି ନାହିଁ ।

ପ୍ରକୃତି ରାଣୀର ଅପୂର୍ବ ସ୍ଥଳୀ
ଗାଆଁ ମୋ ହେଉଛି ସେହି
ତାହା ସମ କେହି ନାହିଁ ।

ସନ୍ଧ୍ୟା ହୋଇଲେ ମୟୂର ନଚାଇ
ଗୋଠରୁ ଫେରନ୍ତି ଗାଈ
ତାହା ସମ କେହି ନାହିଁ ।

ଗାଁ ମାଟିକୁ ମୁଁ ନମନ କରଇ
ମହାନ ଅଟଇ ସେହି
ତାହା ସମ କେହି ନାହିଁ ।


ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬


## 'ନିର୍ବାଚନୀ ରାଜନୀତି' ବନାମ 'ଓଡ଼ିଆ ଅସ୍ମିତା'



**ବିପିନ ବିହାରୀ ମହାନ୍ତି**

ନିର୍ବାଚନରେ ନିଜସ୍ୱ ପକ୍ଷର ଜିତାପଟ ନେଇ ପ୍ରତିଟି ଦଳ ବା ପ୍ରାର୍ଥୀ ଯେତେ ପ୍ରକାର ଡାହା ମିଛ, ବାଜେ ନୀତି ଏବଂ ଅଲାଜୁକି ପ୍ରସଙ୍ଗ ବା ଇସ୍ତାହାର ଉପସ୍ଥାପନ କରିଥାନ୍ତି । ପରସ୍ପରକୁ ଦୋଷାରୋପ କରିବା ବା କାଦୁଅ ଛାଟିବା ଏଗୁଡାକ ଏମାନଙ୍କର ସାଧାରଣ କଥା । ସେମିତି ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଯେତେ ପ୍ରକାର ପ୍ରଲୋଭନ ଦିଆଯାଇପାରେ । ଏଥିରୁ କେଉଁ ଦଳ ବାଦ୍ ପଡ଼ନ୍ତି ନାହିଁ । ଏହି ଦୃଷ୍ଟିରୁ ବିଚାର କଲେ ଏମାନଙ୍କ ମଧ୍ୟରୁ କେହି ଜଣେ ବି ଯତି ବା ସତୀ ନୁହଁନ୍ତି । ବାହାଘର ପରେ ବେଦି ମୁହଁ ପୋଡ଼ କହି ଭୋଟ୍ ପରେ କିଏ କାହାର ? ଭୋଟ୍ ବେଳେ ଯେଉଁ ଦଣ୍ଡବତ ମାନ ମାରି କାମ ହାସଲ କରାଯାଇଥାଏ, ଭୋଟ୍ ପରେ ଭୋଟରମାନେ କୌଣସି କାର୍ଯ୍ୟ ହାସଲ ପାଇଁ ସେମାଙ୍କୁ ଶତସହସ୍ର ମୁଣ୍ଡିଆ ବା ଦଣ୍ଡବତ ମାରିବାକୁ ପଡ଼ିଥାଏ । ତଥାପି କାମ ହୁଏନା ।

ଆମେ ବୁଝୁଛୁ ଯେ ନିର୍ବାଚନୀ ବୈତରଣୀ ପାରି ହେବାରେ ଦଳମାନେ କିଏ କେତେ ପ୍ରକାର ପ୍ରସଙ୍ଗକୁ ଭିତ୍ତି କରି ନିର୍ବାଚନ ଲଢ଼ନ୍ତି । କଣ ନା ଏସା କରିଦେବୁ, ତେସା କରିଦେବୁ, ତୁମ ପେଁକାଳି ବଜେଇ ଦେବୁ.... । ଠିକ୍ ଅଛି ତୁମେ କଣ କରୁଛ କର । ତୁମ ସ୍ୱରୂପଟି ମତଦାତା ଠିକ୍ ଜାଣେ ।

ଚଳିତ ନିର୍ବାଚନରେ ଓଡ଼ିଆ ଅସ୍ମିତାକୁ ନେଇ ଏକ ସାଂଘାତିକ ପ୍ରସଙ୍ଗ କରାଯାଇଛି । ଯାହାର ମାନେ ସତେ ଯେମିତି ଓଡ଼ିଆଙ୍କର ଅସ୍ମିତା ନାହିଁ । ଏହା ଓଡ଼ିଆ ଜାତି, ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି କୁଠାରଘାତ କରୁଛି ।

ଆମର ପ୍ରଶ୍ନ ଯେଉଁମାନେ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରୁଛନ୍ତି, ଏମାନେ ଆମକୁ ପ୍ରଥମେ ବୁଝାନ୍ତୁ 'ଅସ୍ମିତା' କହିଲେ ସେମାନେ କ'ଣ ବୁଝନ୍ତି ? ଏହାର ତାତ୍ତ୍ୱିକ ବା ବ୍ୟାକରଣିକ ବିଶ୍ଳେଷଣ କଣ ? ଅସ୍ମିତାର ପରିସର ବା ସୀମାବଦ୍ଧତା (ଲିମିଟେସନ୍) କଣ ?

ଭାଷାଭିତ୍ତିକ ଶାସ୍ତ୍ରୀୟତା ପ୍ରାପ୍ତିରେ ଓଡ଼ିଆ ଭାଷାର ସ୍ଥାନ ଷଷ୍ଠ । ଯେଉଁମାନେ ଏ ଜାତିର ଅସ୍ମିତା ନେଇ ପ୍ରଶ୍ନ କରୁଛନ୍ତି, ସେମାନେ ବ୍ୟବହାର କରୁଥିବା ଭାଷାର ଶାସ୍ତ୍ରୀୟତା ଅଛି କି ? ଓଡ଼ିଆ ଜାତିର ଅସ୍ମିତା ଖ୍ରୀଷ୍ଟପୂର୍ବ ପାଂଚହଜାର ଠାରୁ ଏଯାବତ୍ ଲମ୍ବି ଆସିଛି ଏବଂ କ୍ରମଶଃ ବୃଦ୍ଧି ପାଉଛି । ଏହାର ବନ, ଗିରି, ନଦ,ନଦୀ, ହ୍ରଦ, ସାଗର, ମାଟି, ପାଣି, ପବନ, ଜଳବାୟୁ ଏବଂ ପ୍ରାକୃତିକ ଦୃଶ୍ୟାବଳୀ ଇତ୍ୟାଦି ଚରମ ବା ପରମ ସ୍ଥାନରେ ପହଂଚିପାରିଛି । ଏମିତି କହିଲେ ଯାହା ଓଡ଼ିଶାରେ ନାହିଁ, ତାହା ଭାରତରେ ନାହିଁ । ଏହା ଆଜି ନୁହେଁ କି କାହିଁ ନୁହେଁ ଯୁଗ ଯୁଗ ଧରି ପ୍ରତିଟି କ୍ଷେତ୍ରରେ ଦେଶୀ, ବିଦେଶୀ ବା ପରଦେଶୀକୁ ମହାନ୍ ଶିକ୍ଷା ଦେଇ ଆସିଛି । ଓଡ଼ିଶା ଜଗନ୍ନାଥଙ୍କର ଦେଶ । ସର୍ବଧର୍ମର ସମନ୍ୱୟକାରୀ ଭୂଇଁ ।

ଓଡ଼ିଆ ଜାତିର ଭାଷାକୁ ନେଇ ଭାଷା, ଦକ୍ଷତା ବା ଭାଷାଜ୍ଞାନ ନଥିବା ମହାମାନ୍ୟମାନଙ୍କୁ ଆମର ପ୍ରଶ୍ନ : ଓଡ଼ିଆରେ ଶ୍ରୁତଲିଖନଟିଏ ଡାକିଲେ ଶୁଦ୍ଧ ଭାବରେ ଲେଖିପାରିବେ ତ ! ଏଣୁ ଆମେ ଭାବୁଛୁ ବୋଧେ ଏମିତି କହିଲେ ଠିକ୍ ଲାଗିବ- ବୋହୂ ଚାଲି ନଜାଣଇ ଲୋ ପାଦ ପଡୁଥାଏ ବଙ୍କା... । ଆମର ଅନୁରୋଧ ଏ ମହାନ୍ ଓଡ଼ିଆ ଜାତିର ଅସ୍ମିତାକୁ ନେଇ ରାଜନୀତିରେ ପ୍ରସଙ୍ଗ କରନ୍ତୁ ନାହିଁ ।


ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ
ଏବଂ ଗବେଷଣା ପ୍ରତିଷ୍ଠାନ:
ବିକାଶନଗର, କଟଣୀ
ମୋ: ୯୯୩୮୩୪୪୧୩୮


## ଏହା ପ୍ରଦୂଷଣ ନୁହେ ବରଂ ଉପଦ୍ରବ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଅଧିକାଂଶ ସମୟରେ ପ୍ରଦୂଷଣ ବିଷୟରେ ଆଲୋଚନା ହେଲାବେଳେ ଶବ୍ଦ ପ୍ରଦୂଷଣର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଆଲୋଚନା କରାଯାଏ ନାହିଁ । ସାଧାରଣତଃ କୌଣସି ସମୟରେ ବି ଜୋରରେ ଶବ୍ଦ ଆମର ଆବଶ୍ୟକତା ନଥାଏ, କିନ୍ତୁ ଲୋକମାନେ ମଜା ପାଇଁ ଉଚ୍ଚ ଶବ୍ଦକୁ 'ଉପଭୋଗ' କରନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରନ୍ତି । ଗତ କିଛି ବର୍ଷ ମଧ୍ୟରେ ଅନେକ ସମାବେଶରେ ଏମିତି ଘଟିଛି ଯେ ଜୋରରେ ସଙ୍ଗୀତ ଶବ୍ଦରେ ନୃତ୍ୟ କରୁଥିବା ଲୋକମାନେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି କିମ୍ବା ମୃତ୍ୟୁବରଣ କରିଛନ୍ତି । ବୈଜ୍ଞାନିକ ଏବଂ ଡାକ୍ତରଙ୍କ ମତରେ କ୍ରମାଗତ ଶବ୍ଦ ଯୋଗୁଁ ଜଣେ ବ୍ୟକ୍ତିଙ୍କ ମନରେ ଭୟ ମିଶ୍ରିତ ଚିନ୍ତା ଆରମ୍ଭ ହୋଇଯାଏ; ତାଙ୍କ ରକ୍ତଚାପ ଉଚ୍ଚ ହେବା ସହ ହୃତ୍ପିଣ୍ଡର କାର୍ଯ୍ୟକଳାପ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଯେଉଁମାନେ ପୂର୍ବରୁ କୌଣସି ହୃଦ୍ ରୋଗ, ରକ୍ତଚାପର ଅସ୍ଥିରତା କିମ୍ବା ମାନସିକ ଚାପ ଅନୁଭବ କରୁଛନ୍ତି ସେମାନଙ୍କ ପାଇଁ ଏହି ବିପଦ ବଢିଯାଏ ।

ବିଶେଷକରି ସହରାଞ୍ଚଳ ଜୀବନରେ ପ୍ରବଳ ଶବ୍ଦ ଏକ ବିପଦର ସଂକେତ । ଯାହାର ପରିଣାମ ଭୋଗିବାକୁ ପ୍ରତ୍ୟେକ ନାଗରିକ ବାଧ ହେଉଛନ୍ତି । ସମସ୍ତେ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପାଇଁ ତରବରିଆ ହୋଇଥିବାରୁ ସାମାନ୍ୟ ଜାମ୍ ହେବା ମାତ୍ରେ ଚାଳକମାନେ ହର୍ନ ମାରିବା ଆରମ୍ଭ କରିଦିଅନ୍ତି । ବାହ୍ୟ ଶବ୍ଦକୁ ଏଡ଼ାଇବା ପାଇଁ ଲୋକମାନେ ପ୍ରାୟତଃ ନିଜ କାରରେ ସ୍ୱାଭାବିକ ଠାରୁ ଅଧିକ ମାତ୍ରାରେ ସଙ୍ଗୀତ ବଜାଉଛନ୍ତି । ଟ୍ରେନ, ବସରେ ଯାତ୍ରା କରୁଥିବା କିମ୍ବା ରାସ୍ତାରେ ବୁଲୁଥିବା ଯୁବକଙ୍କ କାନରେ ହେଡଫୋନ ଲାଗିଥାଏ । ଅନେକ ସମୟରେ ଏହି ହେଡଫୋନର ଶବ୍ଦ ଏତେ ଜୋରରେ ହୋଇଥାଏ ଯେ ପଛପଟୁ ଆସୁଥିବା କାରର ହର୍ନ ଲଗାତାର ବାଜିବା ଶବ୍ଦ ଶୁଣିବାକୁ ମିଳେ ନାହିଁ । ଏଭଳି ସ୍ଥିତିରେ ଅନେକ ଦୁର୍ଘଟଣା ଘଟେ । ଗବେଷଣାରୁ ଜଣାପଡିଛି ଯେ ଏହି ଶବ୍ଦ ପ୍ରଦୂଷଣ ହିଁ ଲୋକଙ୍କ ମଧ୍ୟରେ କ୍ରମାଗତ ଭାବରେ ବଢୁଥିବା ଚିଡ଼ଚିଡ଼ାପଣ ଏବଂ ରାସ୍ତାରେ ଚାଳକଙ୍କ ମଧ୍ୟରେ ସଂଘର୍ଷର କାରଣ ଅଟେ । ଆମ ଚାରିପାଖରେ ବଢୁଥିବା ଶବ୍ଦ କ୍ରମାଗତ ଭାବରେ ବିପଦ ସୃଷ୍ଟି କରୁଛି । ମଣିଷର ଶ୍ରବଣ ଶକ୍ତି ସୀମିତ । ଜଣେ ସାଧାରଣ ବ୍ୟକ୍ତି ଡେସିବେଲ ତୀବ୍ରତା ସହିତ ସହଜରେ ଶବ୍ଦ ଶୁଣିପାରିବେ । ଡେସିବେଲ ହେଉଛି ଶବ୍ଦର ସ୍ତର ମାପିବାର ଏକ ୟୁନିଟ୍ । ସାଧାରଣତଃ ତିରିଶ ଡେସିବେଲରୁ ଅଧିକ ଶବ୍ଦକୁ ଶବ୍ଦ ପ୍ରଦୂଷଣ ବୋଲି ବିବେଚନା କରାଯାଏ । ଏହି ସ୍ତର ୧୨୦ ଡେସିବେଲ୍ ରୁ ଅଧିକ ହେଲେ ହୃଦସ୍ପନ୍ଦନ ଦ୍ରୁତ ହୋଇଯାଏ । ଯେତେବେଳେ ହୃଦୟ ଦ୍ରୁତ ଗତିରେ ସ୍ପନ୍ଦନ କରିବା ଆରମ୍ଭ କରେ, ସେତେବେଳେ ଏକ ଅଦ୍ଭୁତ ଅସ୍ଥିରତା ଦେଖାଯାଏ । ଶ୍ରୋତାଙ୍କ ରକ୍ତଚାପ ବଢିଥାଏ ଏବଂ ଏହି ଅବସ୍ଥା ଶରୀରର ଅନ୍ୟ ଅଙ୍ଗକୁ ମଧ ପ୍ରଭାବିତ କରିଥାଏ । ବୟସ୍କ ବ୍ୟକ୍ତି କିମ୍ବା ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହି ଅବସ୍ଥା ବେଳେବେଳେ ମାରାତ୍ମକ ହୋଇଯାଏ ।

ବିବାହ, ବ୍ରତ ରେ ବାଜୁଥିବା 'ଡିଜେ' ପ୍ରାୟତଃ ୧୨୦-୧୩୦ ଡେସିବେଲ ପର୍ଯ୍ୟନ୍ତ ଶବ୍ଦ ଉତ୍ପନ୍ନ କରିଥାନ୍ତି । ରାଜରାସ୍ତାର ଧାର୍ମିକ ଶୋଭାଯାତ୍ରା, ବେଳେବେଳେ ଏହି ସ୍ତରରୁ ମଧ ଉପରକୁ ଯାଇଥାଏ । ଏହି ଶବ୍ଦ ଯୋଗୁଁ ରାସ୍ତା କଡ଼ରେ ଥିବା ଘରର ବାସିନ୍ଦାମାନେ ଅନେକ ସମୟରେ ଘରର କବାଟ ଓ ଝରଣାରେ କମ୍ପନ ଅନୁଭବ କରନ୍ତି । ଆଜିକାଲି ନିର୍ବାଚନର ଭିଡ଼ ଦେଖିବାକୁ ମିଳୁଛି । ନିର୍ବାଚନ ଯୁଗରେ ଏଭଳି ଶବ୍ଦ ବଢ଼ିବ । ପ୍ରଚାର ପାଇଁ ନିୟୋଜିତ ଗାଡ଼ି ଗୁଡ଼ିକ ଲଗାତାର ଜୋରସୋରରେ ରାସ୍ତାକୁ ଓହ୍ଲାଇବ । ତେଣୁ ଲୋକଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ବିଷୟରେ କିଏ ଚିନ୍ତା କରିବ ?

ସାଉଣ୍ଡ ଆମ୍ପ୍ଲିଫାୟାର ଦ୍ୱାରା ହେଉଥିବା ଶବ୍ଦର ସ୍ତର ଏହି ତଥ୍ୟରୁ ଆକଳନ କରାଯାଇପାରେ ଯେ ଯେତେବେଳେ ଏକ କୁକୁର କ୍ରମାଗତ ଭାବରେ ଭୁକିଥାଏ, ସେତେବେଳେ ଏହା ୬୦ରୁ ୮୦ ଡେସିବେଲ ଶବ୍ଦ ଉତ୍ପନ୍ନ କରିଥାଏ । ସେଥିପାଇଁ ଯଦି କୌଣସି କୁକୁର ଲଗାତାର ଭୁକିଥାଏ, ତେବେ ଏକ ଅଦ୍ଭୁତ ପ୍ରକାରର ଚିଡ଼ଚିଡ଼ାପଣ ଅନୁଭବ ହୁଏ । ରାସ୍ତାରେ ଶୋଭାଯାତ୍ରା ଡିଜେ ଶବ୍ଦକୁ ନେଇ କେତେକ ଅଦାଲତ ରାୟ ମଧ ଦେଇଛନ୍ତି, କିନ୍ତୁ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି । ଏହାର କାରଣ ହେଉଛି ସାଧାରଣତଃ ଲୋକମାନେ ଶବ୍ଦ ପ୍ରଦୂଷଣ ବିରୋଧରେ ଅଭିଯୋଗ କରନ୍ତି ନାହିଁ ଏବଂ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ କୋର୍ଟ ଚାଲାଣ କରିବା ପୋଲିସ ପାଇଁ ମଧ କାର୍ଯ୍ୟଭାର ବଢ଼ାଇବା ଭଳି ମନେ ହୁଏ । ପ୍ରାୟ ୮ ବର୍ଷ ତଳେ ମଧ୍ୟପ୍ରଦେଶର ଖରଗୋନରେ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଡିଜେ ପିଲାଙ୍କ ଏକ ବୈଠକ କରି ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଦାହରଣ ଦେଇ କହିଥିଲେ ଯେ ଡିଜେ କୌଣସି ଶୋଭାଯାତ୍ରା,କିମ୍ବା ରାଲିଯାତ୍ରାରେ ୧୦ ଡେସିବେଲରୁ ଅଧିକ ବଜାଇବେ ନାହିଁ, ନଚେତ ଦୋଷୀଙ୍କୁ ୬ ମାସ ଜେଲ ନହେଲେ ଜୋରିମାନା କିମ୍ବା ଉଭୟ ଦଣ୍ଡ ହୋଇପାରେ । ପାଖାପାଖି ଦୁଇ ବର୍ଷ ପରେ ପଞ୍ଜାବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ପିପିସିବି) ମଧ ଶବ୍ଦ ପ୍ରଦୂଷଣକୁ ଗମ୍ଭୀରତାର ସହ ନେଇ ବିବାହ ଆୟୋଜକମାନଙ୍କୁ ନିର୍ଦ୍ଧାରିତ ମାନଦଣ୍ଡ ମଧ୍ୟରେ ଡିଜେ ବଜାଇବାକୁ ନିର୍ଦ୍ଦେଶ ଦେଇଥିଲା । ଏହା କେତେଦୂର କାର୍ଯ୍ୟ କରିଛି କେହି ଯାଣନ୍ତି ନାହିଁ । ଶବ୍ଦ ସାରା ବିଶ୍ୱରେ ଚିନ୍ତାର କାରଣ ପାଲଟିଛି । ଏହା କେବଳ ପ୍ରଦୂଷଣ ନୁହେଁ ବରଂ ଉପଦ୍ରବ, କାରଣ ଏହା ଅନ୍ୟର ଶାନ୍ତିଭଙ୍ଗ କରିଥାଏ । ୨୦୦୫ମସିହାରେ ସ୍ପେନରେ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ ଜଣାପଡ଼ିଥିଲା ଯେ ଲୋକମାନେ ବହୁ ପରିମାଣର ଅର୍ଥ ଖର୍ଚ୍ଚ କରି ଶବ୍ଦ ପ୍ରଦୂଷଣରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି । ଶବ୍ଦ ପ୍ରଦୂଷଣ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଦେଶିକ ସରକାର ଏବଂ ସ୍ଥାନୀୟ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି । କାନାଡା ଏବଂ ୟୁରୋପୀୟ ସଂଘ ର ଦେଶମାନଙ୍କରେ ମଧ ସାଧାରଣ ଲୋକଙ୍କୁ ଶବ୍ଦ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଆଇନ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ୮୫ ଡେସିବେଲରୁ ଅଧିକ ଶବ୍ଦକୁ ବିଚାର କରି ବଢୁଥିବା ଶବ୍ଦ ପ୍ରଦୂଷଣକୁ ନେଇ ଚିନ୍ତା ପ୍ରକଟ କରିଛି । କିନ୍ତୁ ଶବ୍ଦ ପ୍ରଦୂଷଣର କୁପ୍ରଭାବକୁ ଦେଖିଲେ କୁହାଯାଇପାରେ ଯେ ଆମ ଚାରିପାଖର ଏହି ଶବ୍ଦ ଆମକୁ ଶାନ୍ତିରେ ରହିବାକୁ ଦେବ ନାହିଁ ।


ନୟାଗଡ଼
ମୋ:୯୪୩୭୬୪୨୯୪୭


## ଅପରାଧ ମୁକ୍ତ ସମାଜ ଦେଶ ପାଇଁ ଏକ ଆହ୍ୱାନ



**ବିଷ୍ଣୁ ପ୍ରସାଦ ଦାସ**

(ପୂର୍ବ ପ୍ରକାଶିତ ଉତ୍ତାରୁ..) ନିଜର ମକଦ୍ଦମା ଅଦାଲତରେ ଲଢ଼ିବା ପାଇଁ କିପରି ଆଇନ ରକ୍ଷକଙ୍କ ଦ୍ୱାରା ନିର୍ଯାତିତ/ଶୋଷିତ ହେଉଛନ୍ତି, ଶେଷରେ ନିଜର ସମସ୍ତ ସଂଚିତ ଥିବା ପୁଞ୍ଜି ସରିଯିବା ପରେ ଜମି, ବାଡ଼ି ଏପରିକି ନିଜର ବାସନ କୁସନ ମଧ ବିକ୍ରି କରି ଦେଉଛନ୍ତି, ତଥାପି ସେମାନେ ଆଇନ ଆଖିରେ ନିରପରାଧୀ ସାବ୍ୟସ୍ତ ହୋଇ ପାରୁ ନାହାନ୍ତି । ପୋଲିସ୍, ଆଇନ୍ ରକ୍ଷକ, ଅଦାଲତର ନିୟମ କାନୁନ ଭିତରେ ପେଷି ହୋଇ ତିଳ ତିଳ ହୋଇ ମରୁଛନ୍ତି । ଏହି ନିର୍ମାୟା, ଅଶିକ୍ଷିତ, ସରଳ ଅସହାୟ ଗୋଷ୍ଠୀଙ୍କୁ କେବେ ନ୍ୟାୟ ମିଳିବ? ହଁ, ହୁଏତ କାଗଜପତ୍ରରେ ମିଳୁଛି କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହା ଶୂନ୍ୟ । ଏହା କ'ଣ ଗରିବଙ୍କୁ ଶୋଷଣ/ ନିର୍ଯାତନାର ଏକ ଜ୍ୱଳନ୍ତ ଉଦାହରଣ ନୁହେଁ ? ମଇ ପହିଲା ୨୦୨୪ ଦିନ ଓଡିଶାର ଏକ ଓଡିଆ ସମ୍ବାଦ ପତ୍ର ପଢ଼ି ଜାଣିବାକୁ ମିଳିଲା ଯେ ୨୯ ଜଣ ଶିଶୁ କୌଣସି ଦୋଷ ନ'କରି ମଧ୍ୟ ଜେଲ୍ ମଧ୍ୟରେ ନିଜର ଶୈଶବକୁ ବନ୍ଧା ପକାଇଛନ୍ତି, କାରଣ ସେମାନଙ୍କ ମାଆ ମାନେ ମହିଳା ବନ୍ଦୀ ଭବେ ସଜା ଭୋଗୁଛନ୍ତି ଏବଂ ସେମାନଙ୍କ ଗର୍ଭରୁ ଜାତ ଶିଶୁ ମାଆ ମାନଙ୍କ ସହିତ ଜେଲ୍‌ର ଚାରିକାନ୍ଥ ଭିତରେ ମାନବିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ୨୦୦୬ ମସିହା ଠାରୁ ସର୍ବୋଚ୍ଚ ନ୍ୟାୟାଳୟ ଏଥିପାଇଁ ଚିନ୍ତିତ ଅଛନ୍ତି ତଥା ଏପରି ଶିଶୁଙ୍କ ପାଇଁ କିଛି ଗାଇଡ୍ ଲାଇନ୍ ଜାରି କରିଛନ୍ତି, କିନ୍ତୁ ଦୁଃଖର ବିଷୟ ଏହା ଆଦୌ କାର୍ଯ୍ୟକାରୀ ହେଉନାହିଁ । ଏହା ଆମ ପାଇଁ ଏକ ଲଜ୍ୟା କର ବିଷୟ ଛଡ଼ା ଆଉ କିଛି ନୁହେଁ ।

ବିଶ୍ୱରେ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର, ଚତୁର୍ଥ ଶକ୍ତି, ମଙ୍ଗଳ ଯାନ ପଠାଇବାରେ ଅନ୍ୟତମ ଦେଶ ତେବେ ଆମ ଦେଶରେ ମାନବ ସମ୍ବଳର ବିକାଶ ବଦଳରେ ଅପରାଧ କାହିଁକି ବଢି ବଢି ଚାଲିଛି ? ଛୋଟ ଛୋଟ ଅପରାଧୀ ମାନଙ୍କୁ କ'ଣ ବର୍ଷ ବର୍ଷ ଜେଲର ଚାରି କାନ୍ଥ ଭିତରେ ରଖି ସରକାର କ୍ଷତିର ସମ୍ମୁଖୀନ ହେଉ ନାହାନ୍ତି ? ମାନବିକତାକୁ ନଜରରେ ରଖି ବର୍ତ୍ତମାନ ସମୟ ଆସିଛି ଜେଲ୍ ସୁଧାର କାର୍ଯ୍ୟକ୍ରମ ଦ୍ୱାରା ଅପରାଧ କମାଇବା ତଥା ଅପରାଧୀ ମାନଙ୍କୁ ତୃଣମୂଳ ସ୍ତରରୁ ସୁଧାରିବା । ବିଚାରାଧୀନ କଏଦୀ ମାନେ ଦୋଷୀ ସାବ୍ୟସ୍ତ ନ'ହେବ ପର୍ଯ୍ୟନ୍ତ ଅପରାଧୀ ବୋଲି ବିବେଚିତ ହେବେ ନାହିଁ ବୋଲି ଅଦାଲତ ମତ ଦେଇଛନ୍ତି । ବିଚାରାଧୀନ କଏଦୀ ମାନଙ୍କୁ ଦଣ୍ଡିତ କଏଦୀଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା ରଖିବାର ଆବଶ୍ୟକତା ଅଛି ଫଳରେ ସେମାନେ ଦୁର୍ଦ୍ଦାନ୍ତ ଅପରାଧୀ ମାନଙ୍କ ସଂସ୍ପର୍ଶରେ ଆସି ପାରିବେ ନାହିଁ । ସେହି ଅଲଗା ଗୃହଟିର ନାମ ଜେଲ୍ / କାରାଗାର ନ'ଦେଇ ଅନ୍ୟ କିଛି ଦିଆଗଲେ ଭଲ ହୁଅନ୍ତା, କାରଣ ସେମାନେ ଯଦି ଭବିଷ୍ୟତରେ ଅଦାଲତ ଦ୍ୱାରା ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ ହୁଅନ୍ତି ତେବେ ସେମାନେ ସମାଜକୁ ଫେରି ସାମାଜିକ ବାଛନ୍ଦରୁ ମୁକ୍ତି ପାଇବେ ଏବଂ ନିଜ ଜୀବନ ଜୀବିକାକୁ ସୁଚାରୁ ରୂପେ ଆଗେଇ ନେବେ । ନିର୍ଦ୍ଦୋଷୀ ମଣିଷ ଟିଏ ଯଦି ଥରେ ଜେଲ୍ ଗଲା ତେବେ ଆମ ସମାଜ ତା'କୁ ଘୃଣା ଚକ୍ଷୁରେ ଦେଖେ, ଫଳରେ ସେ ଜେଲ୍ ଭିତରର ନିର୍ଯାତନା ଠାରୁ ସମାଜରେ ବେଶୀ ନିର୍ଯାତିତ ହୁଏ ତା'ର ମନରେ ସମାଜ ପ୍ରତି ଘୃଣା ଭାବ ଉଦ୍ରେକ ହୋଇଥାଏ ଯାହାକି ତା'କୁ ବଡ଼ ଅପରାଧୀ କରିବା ପାଇଁ ସହାୟତା ଯୋଗାଇଥାଏ ବା ନିଜ ଜୀବନକୁ ଆତ୍ମହତ୍ୟାର ରୂପ ଦେଇଥାଏ, କୁହନ୍ତୁ ତ' ସେହି ବ୍ୟକ୍ତିଟିର ପରିବାର ତା ବିନା ସମାଜରେ ବଞ୍ଚିବ କିପରି ? ଏହି ବିଷୟରେ ସରକାର ହୃଦୟରୁ ଟିକେ ଚିନ୍ତା କରିବା ସହିତ ଗୁଣି, ଜ୍ଞାନୀ ତଥା ମନସ୍ତତ୍ତ୍ୱବିତ ମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବା ସମାଜର ମଙ୍ଗଳ ପାଇଁ ଉପଯୁକ୍ତ ପଦକ୍ଷେପ ହେବ । ଘୃଣା ଦ୍ୱାରା ଆମେ ସମାଜର ଉନ୍ନତି ସାଧିତ କରିପାରିବା ନାହିଁ, ସ୍ନେହ ପ୍ରେମ ଏବଂ ଆନ୍ତରିକତାର ଆବଶ୍ୟକତା ଜରୁରୀ ବୋଲି ମୋର ମନେହୁଏ ।

ପ୍ରଶାସନ ଚାହିଁଲେ ସେହି ବ୍ରିଟିଶ ଯୁଗରୁ ଚାଲି ଆସିଥିବା କାରାଗାରର ଅମାନୁଷିକତା /ନିର୍ଯାତନାର କିଛିଟା ପରିବର୍ତ୍ତନ ହୁଏତ ସମ୍ଭବ ହୋଇ ପାରିବ । ସ୍ୱାଧୀନତାର ୭୭ ବର୍ଷ ପରେ ମଧ ଆମେ ସେହି ବ୍ରିଟିଶ ଯୁଗର ମାନସିକତାକୁ ଧରି ବସିଛୁ । ଆମେମାନେ ହିଂସ୍ର ଜୀବ ଜନ୍ତୁ ମାନଙ୍କୁ ବର୍ତ୍ତମାନ ଆଉ ଚିଡିୟା ଖାନାରେ ନ'ରଖି ବିରାଟ ଜଙ୍ଗଲକୁ ଆବଦ୍ଧ କରି ଅଭୟାରଣ୍ୟ କରି ପାରୁଛୁ ଏହାର କାରଣ ହେଲା ଯେ, ସେମାନେ ସ୍ୱାଧୀନ ଭାବେ ବିଚରଣ କରିବା ସହିତ ମନୁଷ୍ୟ ମାନଙ୍କର କିଛି କ୍ଷତି କରି ପାରିବେ ନାହିଁ, ତେବେ ଆମ ବିଚାରାଧୀନ କଏଦୀ ମାନଙ୍କ ପାଇଁ କ'ଣ ସହରଠାରୁ ଟିକେ ଦୂରରେ ଆଶ୍ରମ ଗୃହ ଖୋଲି ପରିବା ନାହିଁ ? ସେଠାରେ ବହୁତଳ ଜେଲ ଗୃହ ନିର୍ମାଣ ନ'କରି ଛୋଟ ଛୋଟ ଚାଳ/ ଆଜବେଷ୍ଟସ ଘର କରି ବିସ୍ତୀର୍ଣ୍ଣ ସ୍ଥାନକୁ ସୁରକ୍ଷିତ ବାଡ଼ ଦେଇ ଆବଦ୍ଧ କରି ପାରିବା, ଖାଲି ସ୍ଥାନରେ କୃଷି କାର୍ଯ୍ୟ ମଧ କରାଯାଇ ପାରେ ବା ଯେ କୌଣସି କୁଟୀରଶିଳ୍ପ କରାଯାଇ ପାରେ ଠିକ ଉନ୍ମୁକ୍ତ କାରାଗାର ପରି । ସେଠାରୁ କେହି ଯେପରି ବିନା ଅନୁମତିରେ ପଳାଇଯାଇ ନ'ପାରିବେ ତାହାର ସୁରକ୍ଷା ପାଇଁ ଦକ୍ଷ ସୁରକ୍ଷା କର୍ମୀ ମୁତୟନ, ସି :ସି କ୍ୟାମେରା ସ୍ଥାପନ ସହିତ ଦକ୍ଷ ଅଧିକାରୀ, ମନସ୍ତତ୍ତ୍ୱବିତ ମାନେ ସେମାନଙ୍କର ଦେଖା ଶୁଣାର ଦାୟିତ୍ୱ ନେଇ ପାରନ୍ତେ । ବିଚାର ବିଭାଗୀୟ ଅଧିକାରୀ ମାନେ ପ୍ରତି ସପ୍ତାହରେ କ୍ୟାମ୍ପ କୋର୍ଟ କରି ଅନେକ ଛୋଟ ଛୋଟ ମକଦ୍ଦମାର ଫଇସଲା ତୁରନ୍ତ କରିଦେଇ ପାରନ୍ତେ ଫଳରେ ବିଚାରାଧୀନ ଅପରାଧୀ ମାନେ ତୁରନ୍ତ ନ୍ୟାୟ ପାଇବାରେ ସକ୍ଷମ ହୁଅନ୍ତେ ଏବଂ ସେଠାରୁ ପୁଣି ସମାଜକୁ ଫେରିଆସି ପାରନ୍ତେ, ଯଦିଓ ନ୍ୟାୟିକ ପ୍ରକ୍ରିୟା ଏତେ ସରଳ ନୁହେଁ ତେବେ ବି ଚେଷ୍ଟା କରାଯାଇ ପାରେ । ଛୋଟ ଛୋଟ ଅପରାଧ ପାଇଁ ପୋଲିସ ବିଭାଗ ମଧ ଯଦି ଟିକେ ହୃଦୟରୁ ଚିନ୍ତା କରନ୍ତେ ତେବେ ଅପରାଧୀ ମାନଙ୍କୁ କୋର୍ଟ ଫରୱାର୍ଡ଼ ନ'କରି ଥାନାରେ ଏକ ପ୍ରକାର କାଉନସେଲିଂ ଦ୍ୱାରା ସମାଧାନ ବା ନୀୟମ ଅନୁଯାୟୀ କିଛି ଜରିମାନା ଆଦାୟ କରି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଛାଡି ଦେଇ ପାରନ୍ତେ ଫଳରେ ଅଦାଲତର ଅନେକଟା କାର୍ଯ୍ୟ ଭାର କମିଯିବା ସହିତ ସମୟ ବଞ୍ଚି ପାରନ୍ତା, ଏଥିପାଇଁ ହୁଏତ ସରକାରଙ୍କୁ କିଛି ଦାୟିତ୍ୱବାନ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ପଡିବ, ଫଳରେ ଅଦାଲତ/ଜେଲ୍ ଉପରେ ଅନେକଟା ଚାପ କମିଯାଇ ପାରେ । ଶିକ୍ଷାର ଅଭାବ ତଥା ଆମ ଦେଶର ଆଇନ କାନୁନ୍, ବିଧି ବ୍ୟବସ୍ଥା ଉପରେ ଗରିବ, ଆଦିବାସୀ, ଜନଜାତିର ୭୦ ପ୍ରତିଶତ ନାଗରିକ ସମ୍ପୂର୍ଣ୍ଣ ଜାଣି ନାହାନ୍ତି ତେଣୁ ତୃଣମୂଳ ସ୍ତରରୁ ଆଇନ୍ ଉପରେ ଜନ ସାଧାରଣଙ୍କୁ ବିଭିନ୍ନ ଉପାୟରେ ପ୍ରଚାର ପ୍ରସାର ଦ୍ୱାରା ଜଣାଇବା ତଥା ଅଜ୍ଞ ବ୍ୟକ୍ତି ମାନଙ୍କୁ ଆଇନ୍ କୁ ସମ୍ମାନ ଜଣାଇବାକୁ ଶିକ୍ଷା ଦେବା ଦ୍ୱାରା ମଧ ଅପରାଧ ଅନେକାଂଶରେ କମିବ ବୋଲି ଆଶା କରୁଛି । ସ୍କୁଲ ଶିକ୍ଷା ସହିତ ଆଇନ୍ ପାଠ୍ୟକ୍ରମକୁ ସରଳ ଭାବରେ ଯଦି ସାମିଲ କରାଯାଇ ପାରନ୍ତା ତେବେ ଉଚ୍ଛୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ଆଇନ୍ କୁ ସମ୍ମାନ ଜଣାଇବାକୁ ଏକ ସାମାଜିକ ଦାୟିତ୍ୱ ବୋଲି ମନେ କରିବେ ।ଅପରାଧ, ଅପରାଧୀ ଏବଂ ଅପରାଧ ନିରୋଧ ନାମରେ ଅକଥନୀୟ ଅତ୍ୟାଚାର/ଶୋଷଣ ବର୍ତ୍ତମାନ ଆମ ସମାଜକୁ ଖୁବ୍ ନକାରାତ୍ମକ ସନ୍ଦେଶ ଦେଉଛି । ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇ ଯଥା ସମ୍ଭବ ପଦକ୍ଷେପ ନିଆଗଲେ ସମାଜର ନିଶ୍ଚିତ ପରିବର୍ତ୍ତନ ହେବ ବୋଲି ଅନୁଭବ କରୁଛି ।

(ସମାପ୍ତ)


(ବରିଷ୍ଠ ନାଗରିକ)
ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭


### ଗ୍ରୀଷ୍ମ

**ସୁହଂସ ଭୋଇ**

ଗ୍ରୀଷ୍ମ ଅବକାଶେ ହେଲେ ପରବେଶ
ଧରଣୀକୁ ଦିନମଣି
ନିଦାଘ କିରଣ ଦିଅଇ କଷଣ
ଆକାଶରୁ ଝରେ ବହ୍ନି ।

ତୃଣ ତରୁଲତା ବରନ ମଳିନ
ନିଶବଦ ବନ ପକ୍ଷୀ
ଜୀବ ସରୀସୃପ ପଡି ରହିଛନ୍ତି
କଳବଳେ ବିନା ଭକ୍ଷି ।

ପଥ ପ୍ରାନ୍ତ କ୍ଷେତ ଗୋଠ ଘାଟ ହାଟ
ଉଦାସୀନ ମରୁଭୂମି
ମାଟି ଗୋଡ଼ି ବାଲି ତାତି ଉଠିଲେଣି
ପାନ୍ଥ ହୁଏ କ୍ଲାନ୍ତ ଭ୍ରମି ।

ଦେହରେ ବାଜିଲେ ଶୁଖିଲା ପବନ
ଲାଗୁଛି ଅନଳ ପରି
ଜଳକୁ ଛୁଇଁଲେ ଜଳି ଯାଉଅଛି
ବହି ଯାଏ ଶ୍ରମବାରି ।

ନଈ ନାଳ ପୁଷ୍କରିଣୀ ଗୋଟି ଗୋଟି
ସଭିଏଁ ଗଲେଣି ଶୁଖି
ମନ ଅବସନ୍ନେ ବସିଛି ମଣିଷ
ଆଖି ଅଛି ନଭେ ଲାଖି ।


ପହଣ୍ଡି,ବରଗଡ଼
ମୋ: ୯୪୩୭୫୨୨୪୫୫


### ଯନ୍ତ୍ରଣା

**ଅଜିତ୍ କୁମାର ରାଉତ**



ଧିକ୍କାର ବଚନ
କେତେ କଷ୍ଟ ଦିଏ
ପୁଅ ଠାରୁ ବାପ ଶୁଣେ ।

ମରିବା ବଞ୍ଚିବା
ସମାନ ହୁଅଇ
ବଜ୍ରପାତ ପରି ମଣେ ।

ଅନ୍ତରୁ ଉଠଇ
କୋହର ଜୁଆର
କର୍ମର ଫଳକୁ ଗଣେ ।

ଭାବି ଥାଏ ଯାହା
ଅଲଟ ହୁଅଇ
ମନୋବଳ ପୋଡ଼ି ଯାଏ ।
ଶତ୍ରୁ ଯାହା କେବେ
କରି ପାରେ ନାହିଁ
ପୁତ୍ର ହୋଇ କରି ଦିଏ ।

କଳିଯୁଗ ପରା
କଳିର ତାଣ୍ଡବ
ମନ ଦୁଃଖ କଷ୍ଟ ହୁଏ ।

ବୃଦ୍ଧ ବାପା ମାଆ
ଲୁଚାଇ ରଖନ୍ତି
କରି ଅଛି ଜନ୍ମ ସିଏ ।
କିପରି ସମାଜ
ନିର୍ମାଣ ହେଉଛି
ଦେଖି ଦୁଃଖ ଅତି ହୁଏ ।

ପିତୃମାତୃ ସେବା
କର୍ତ୍ତବ୍ୟ ପୁତ୍ରର
ଯନ୍ତ୍ରଣାଟି ଭରି ଦିଏ ।


ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା, ଜି-ଖରସୁଆଁ
ବ୍ଲକ-ରାଜନଗର
ଶାଖା ଝାଡ଼ଖଣ୍ଡ ରାଜ୍ୟ ।



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୧୬



ଡ.ସିନ୍ଧୁ ସେନ୍

ତାକୁ ତ ଚେତାଇବା ସମ୍ଭବ ନୁହେଁ । କାରଣ ବ୍ରହ୍ମଦେବଙ୍କ ନିଦ୍ରାସନ ବର ତାଙ୍କୁ ସେଇଆ କରିବାକୁ ବାଧ କରିଛି । ବିଭୀଷଣ ଆଉ ମୁଁ ନିରବରେ ନଉକାରେ ବସିଥିଲୁ । ବିଭୀଷଣ ଦୂର ଦିଗ୍‌ବଳୟକୁ ଅନାଇ ଦାର୍ଶନିକ ପାଲଟି ଯାଇଥିଲେ । ପିଲାଟି ଦିନରୁ ତାର ତ ଧର୍ମରେ ଲୟ । ଏବେ ପୁଣି ଧର୍ମର ରକ୍ଷା ପାଇଁ ବର ତାକୁ ପ୍ରାପ୍ତ ହୋଇଛି । ତେଣୁ ତା ସହ ମୋ ଚିନ୍ତାଧାରାକୁ ବାଣ୍ଟି ଲାଭ କ'ଣ ? ସେ ତ ଅହିଂସାର ପକ୍ଷପାତି, ସେ କେମିତି ବୁଝିବ ମୋ ମନସ୍ତତ୍ତ୍ୱ । ମୁଁ କଣ ଚାହେଁ, ମୋର କ'ଣ ଉଦ୍ଦେଶ୍ୟ ? କ'ଣ ଲକ୍ଷ୍ୟ ? ଏ ବିଷୟରେ ତାର ଜାଣିବାର ଆବଶ୍ୟକ କ'ଣ ? ବରଂ ଜଣେ ଧର୍ମାତ୍ମା ଭାବରେ ମୋତେ ଧର୍ମ ଉପଦେଶ ଦେଇ ମୋର ଲକ୍ଷ୍ୟଭ୍ରଷ୍ଟ କରାଇବ । ତେଣୁ ସେ ତା ବାଟରେ ଥାଉ । ତାର ମତି ଧର୍ମ ଆଡ଼କୁ ରହିଥାଉ । ମୋତେ କିନ୍ତୁ ମୋ ସ୍ୱପ୍ନକୁ ସାକାର କରିବାକୁ ପଡ଼ିବ ।

ବେଳାଭୂମି କ୍ରମଶଃ ପାଖେଇ ଆସୁଥିଲେ, ତଳେ ନୀଳ ଜଳରାଶି ଆଉ ଉପରେ ନୀଳ ଆକାଶ । ଦୂରରୁ ଦେଖା ଯାଉଥାଏ ନାରୀକେଳ ଗଛର ନୀଳବଳୟ । ଚାରିଆଡ଼େ କେବଳ ନୀଳ ଆଉ ନୀଳ । ସତେଯେମିତି ସବୁଆଡ଼େ ନୀଳ ନୀଳିମାର ଉଚ୍ଛ୍ୱାସ । ମୋ ମନରେ ଉଙ୍କି ମାରୁଥିଲା କେତେକେତେ ନୀଳସ୍ୱପ୍ନ । ଏ ସ୍ୱପ୍ନ ମୋର ଆଗାମୀ ଦିନର, ମୋ ଭବିଷ୍ୟତ ଜୀବନର । ଭାବୁଥିଲି ଏ ସ୍ୱପ୍ନ କ'ଣ କେବଳ ମୋର ରାଜ୍ୟ ଜୟ । ସାମ୍ରାଜ୍ୟର ଆଧିପତ୍ୟ ପାଇଁ । ଜୀବନରେ ଆଉ କ'ଣ କିଛି କାମନା ନାହିଁ । ବାସନା ନାହିଁ । ସହଜେ ମୁଁ ପୁରୁଷ, ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ପାଇଁ ମୁଁ ସଦା ଆତୁର । ବ୍ରହ୍ମଦେବଙ୍କ ଠାରୁ ତ୍ରିଭୁବନ ବିଜୟୀ ବର ପାଇଁ ମୋ ମନରେ ମଧ ଗର୍ବ ଅହଂକାର ବଢ଼ି ଯାଇଥିଲା । କିନ୍ତୁ ଏ ସମୟରେ ଏ ସବୁ ଶୋଭା ପାଏନା । ଏବେବି ମୋର ଲଙ୍କା ବିଜୟ ଯାତ୍ରା ଆରମ୍ଭ ହୋଇନି । ମୁଁ ତ ଏବେ ଦଣ୍ଡକାରଣ୍ୟରୁ ବାଲିଦ୍ୱୀପ ଅଭିମୁଖେ ନଉକା ଯାତ୍ରା କରୁଛି । ମୋ ମନରେ ଏତେ ସ୍ୱପ୍ନ ଉଙ୍କି ମାରୁଛି କାହିଁକି ?

ସ୍ୱପ୍ନ.... ସ୍ୱପ୍ନ.... ସ୍ୱପ୍ନ....

ଜୀବନରେ ସ୍ୱପ୍ନ ତ ଅସୁମାରୀ । କେଉଁଠି କେତେବେଳେ କେମିତି ସେ ସ୍ୱପ୍ନ ମଧ ମନକୁ ଆବୋରି ବସେ । ତାର ମଧ ଠିକଣା ନଥାଏ । ତାଛଡ଼ା ସବୁ ସ୍ୱପ୍ନ ଯେ ସଫଳ ହେବ ତାର ମଧ କିଛି ମାନେ ନାହିଁ । ତେବେ, ସ୍ୱପ୍ନ ସଫଳ ହେଉ କି ନ ହେଉ ସ୍ୱପ୍ନ ଦେଖିବାକୁ କାହାକୁ ତ ବାରଣ ନାହିଁ ।

ମୁଁ ନିଜେ ମଧ ଜାଣିପାରୁନି । ମୋ ମନରେ କାହିଁକି ଏତେ ସ୍ୱପ୍ନ ଉଙ୍କି ମାରୁଛି । ଗୋଟିଏ ପରେ ଗୋଟିଏ ସ୍ୱପ୍ନ ମନକୁ ଆବୋରି ବସୁଛି । ଭାରାକ୍ରାନ୍ତ ହୋଇଯାଉଛି ମନ । ମୋ ମନ ଏମିତି ଅନେକ କିଛି ସ୍ୱପ୍ନରେ ଭାରାକ୍ରାନ୍ତ । ଆଉ ନଉକା ଯେତେଯେତେ କୂଳ ଛୁଇଁବାରେ ଲାଗିଥିଲା । ସେତିକି ସେତିକି ଭାବନା ମୋ ମନରେ ପ୍ରତ୍ୟୟ ସୃଷ୍ଟି କରୁଥିଲା । ଖାଲି ତ ମୋର ଆଗାମୀ ଜୟଯାତ୍ରାର ଭାବନା ନୁହେଁ, ଅନ୍ୟ କିଛି ଭାବନାରେ ମୋ ମନ ଭାରାକ୍ରାନ୍ତ । ଫେରି ଯାଉଥିଲି କିଛି ଅତୀତର ସ୍ମୃତିକୁ । ମକର ଉତ୍ସବର ଦିନଗୁଡ଼ିକୁ । ସେଇ ଅପରିଚିତ ସୁନ୍ଦରୀ ଯୁବତୀଙ୍କ ସାନ୍ନିଧ୍ୟକୁ । ପରମୁହୂର୍ତ୍ତରେ ନିଜ ମନକୁ ପ୍ରବୋଧନା ଦେଲି । ଏ କ'ଣ ମୁଁ ଭାବୁଛି । ସେ ଯେ ବିବାହିତା । ଆଉ ଜଣେ ବିବାହିତ ନାରୀ ବିଷୟରେ ଭାବିବା ହିଁ ପାପ, ସମଗ୍ର ରାକ୍ଷସ କୁଳ ମୋତେ ଆଗାମୀ ଦିନରେ ଲଙ୍କାର ରାଜା ଭାବେ ଦେଖିବାକୁ ଚାହାଁନ୍ତି । ଆଉ ମୁଁ ଏମିତି ଛୋଟ ଛୋଟ କଥାରେ ଦୁର୍ବଳ ହେବାଟା ଆଦୌ ଭଲ ଲକ୍ଷଣ ନୁହେଁ । ଯିଏ ମୋର ନୁହେଁ, କେବେବି ହୋଇ ପାରିବନି ତା ବିଷୟରେ ଏତେ ଚିନ୍ତା କରିବା ଠିକ୍ ନୁହେଁ । ସାମୟିକ ମନୋରଞ୍ଜନ ପାଇଁ ସେ ମୋତେ ସଂଗସୁଖ ଦେଇଥିଲା ସତ । ତା ବୋଲି ସେସବୁ ଘଟଣାକୁ ନେଇ ବିଚଳିତ ହେବା ମୋ ଠାରେ ଶୋଭାପାଏନା । ସେଇଥିପାଇଁ ତ ମୁଁ ସେଦିନ ସେ ତରୁଣୀର ନାମ ପଚାରିବାକୁ ମଧ ଭୁଲିଯାଇଥିଲି । ସେ ଯେଉଁଠି ଅଛି ଭଲରେ ଥାଉ, ଜଣେ ସାଧାରଣ ବାନ୍ଧବୀ ଭାବେ ତାର ଶୁଭ ମାନସିବା ମୋର ଉଚିତ୍ । ତେଣୁ ତା ବିଷୟରେ ବେଶି ମୁଣ୍ଡ ଖେଳାଇବା ଠିକ୍ ନୁହେଁ । ବର୍ଷବର୍ଷ ଧରି ମୁଁ ଥିଲି ତପସ୍ୟାରତ । ଆଉ ଏବେ ତପସ୍ୟାର ସିଦ୍ଧି ପରେ ମୁଁ ମୋର ଲକ୍ଷ୍ୟଦିଗରେ ଧ୍ୟାନ ଦେବା ଉଚିତ୍ ।

ପାଖେଇ ଆସୁଥିଲା ବେଳାଭୂମି । ଦନ୍ତୁରିତ ସମୁଦ୍ରକୂଳ ପ୍ରାକୃତିକ ଶୋଭା ପରିପୂର୍ଣ୍ଣ ବାଲିମୟ ଶଯ୍ୟା । ଆହୁରି କେତୋଟି ନଉକା କିଛି ମାଲବାହୀ ପୋତ ମଧ । ମୁଁ ଆଗରୁ ମଧ ମାତାମହଙ୍କ ସହ ଏଠିକୁ ଆସିଥିଲି । ସେ କେମିତି ରଣତରୀ ଗୁଡ଼ିକ ନିରେଖି ଦେଖନ୍ତି । ଆଉ ନାଉରିଆ ମାନଙ୍କୁ ପ୍ରୋତ୍ସାହନ ଦିଅନ୍ତି ତାହା ମଧ ଲକ୍ଷ୍ୟ କରିଛି । ମାତାମହ କହନ୍ତି ସେ ଯେତେବେଳେ ଲଙ୍କା ଛାଡ଼ି ପଳାଇ ଆସିଥିଲେ ସେତେବେଳେ ସବୁ ତ ଆଣି ପାରି ନଥିଲେ । କେତୋଟି ମାତ୍ର ରଣତରୀକୁ ସାଂଗରେ ନେଇ ଆସିଥିଲେ । ସେମାନଙ୍କ ସମର କୌଶଳ ଦେଖି ପ୍ରଶଂସା କରନ୍ତି । ସେସବୁ ମୋ ମନରେ ଉଙ୍କି ମାରୁଥିଲା ଏବେ କିନ୍ତୁ ସେ ସବୁର ସଂଖ୍ୟା ଅନେକ କମି ଯାଇଚି । ସେଥିପାଇଁ ତ ମାତାମହଙ୍କ ମନରେ ଲଙ୍କାରାଜ୍ୟ ପାଇଁ ଆକାଂକ୍ଷା ।

ଖାଲି ସେତିକି ନୁହେଁ, ଲଙ୍କା ଛାଡ଼ିବାବେଳେ ମାତାମହ ତାଙ୍କ କୁଳଦେବୀଙ୍କୁ ମଧ ସାଂଗରେ ନେଇ ଆସିଥିଲେ । ସେହିଦିନରୁ ଏଠାରେ ଯେକୌଣସି ଶୁଭକାମରେ ଦେବୀଙ୍କ ଠାରେ ଆଗେ ପୂଜାର୍ଚ୍ଚନା କରାଯାଏ । ଆଶୀର୍ବାଦ କାମନା କରାଯାଏ । ଆମ ନଉକା କୂଳରେ ଲାଗିବା ପରେ ମାତାମହ ମୋ ହାତ ଧରି ଓହ୍ଲାଇ ଆଣିଲେ । କହିଲେ ରାବଣ, ତୋତେ ଆଗ ଯାଇ କୁଳଦେବୀଙ୍କ ପାଖରୁ ଆଶୀର୍ବାଦ ନେବାକୁ ପଡ଼ିବ । ତୁ ଯେ ତପସ୍ୟାରୁ ସିଦ୍ଧିଲାଭ କରିପାରିଛୁ । ତାର ଶ୍ରେୟ କେବଳ ସେହି କୁଳଦେବୀଙ୍କ ଦୟାରୁ । ତେଣୁ ଘରକୁ ଯିବା ପୂର୍ବରୁ ଆମେ ସେହି କୁଳଦେବୀଙ୍କ ପାଖକୁ ଯାଇ ପ୍ରାର୍ଥନା କରିବା । ଆମ ନଉକା କୂଳରେ ପହଞ୍ଚିବା କ୍ଷଣି ଶଙ୍ଖ, ଦୁନ୍ଦୁଭି ବାଦ୍ୟରେ ଚଉଦିଗ କମ୍ପି ଉଠିଲା । ରାକ୍ଷସମାନେ ଆନନ୍ଦରେ କରତାଳି ଦେଇ ନୃତ୍ୟ କରିକରି ଆମକୁ ଅଭିବାଦନ କରୁଥିଲେ ।

ଆମ ମୁନିଋଷି ମାନେ ଅହିଂସାର ଜୟଗାନ କରି ଆମ ମନକୁ ଦୁର୍ବଳ କରି ଦେଇଛନ୍ତି ସତ । ମାତ୍ର ଏ ଜଗତରେ ତିଷ୍ଠି ରହିବା ପାଇଁ ଆବଶ୍ୟକ ପଡ଼ିଲେ ହିଂସାର ମାର୍ଗକୁ ଆପଣେଇ ନେବାକୁ ପଡ଼ିବ । ଆଉ ସେଥିରେ ପାପ ହେବ କାହିଁକି ? ଅଧର୍ମ ହେବ କାହିଁକି ? ସବୁଠି ଯଦି କେବଳ ଅହିଂସାର ପଥ ଅନୁସରଣ କରିବା, ତେବେ ଆମେ ଆମର ହକ୍ ପାଇବା କେମିତି ? ବରଂ ଭୀରୁ ସାଜି ପଳାୟନ କରିବା ହିଁ ଆମ ପାଇଁ ଶ୍ରେୟ ହେବ ।

ମୋତେ ବି ଲଙ୍କା ବିଜୟ କରିବାକୁ ହେଲେ ହିଂସା ଆଚରଣ କରିବାକୁ ପଡ଼ିବ । ନହେଲେ ଯକ୍ଷମାନଙ୍କୁ ଲଙ୍କାରୁ ବିତାଡ଼ିତ କରିବାକୁ କେବେବି ସଫଳ ହୋଇପାରିବିନି । ମୋ ଉପରେ ମାତାମହ ଆଉ ରାକ୍ଷସକୁଳଙ୍କ ଅନେକ ଭରସା । ଆଉ ରାକ୍ଷସକୁଳର ବିଜୟ ପାଇଁ ମୋତେ ଅହିଂସା ନୁହେଁ, ହିଂସା ମାର୍ଗରେ ହିଁ ଲଙ୍କା ରାଜ୍ୟକୁ ନିଜ ଅଧୀନକୁ ଆଣିବାକୁ ପଡ଼ିବ । ମୋତେ ତେଣୁ ଏବେ ପିତାଙ୍କ ଠାରୁ ଆଉ ମୁନିଋଷି ମାନଙ୍କ ଠାରୁ ପାଇଥିବା ଅହିଂସା ମାର୍ଗକୁ ଭୁଲିଯିବାକୁ ପଡ଼ିବ । ମୋର ଆଗକୁ ବଂଚିବାର ଅଛି । ନିଜର ଯଶ, ପ୍ରତିଷ୍ଠା ପାଇଁ କିଛି କରିବାର ଅଛି । ଯାହା ମୁଁ ଆଗାମୀ ଦିନରେ ନିଶ୍ଚିତ କରି ଦେଖାଇ ଦେବି ।

ଆମର ନୌକା ଦୋହଲି ଦୋହଲି ଚାଲୁଥିଲା । ନାଉରୀ ମାନେ ଧୀରେଧୀରେ ବାହି ନେଉଥିଲେ । ମୁଁ କିନ୍ତୁ ଆଗାମୀ ଦିନ କଥା ଚିନ୍ତାକରି କିଛିଟା ଅନ୍ୟମନସ୍କ ହୋଇ ପଡ଼ିଥିଲି । ଏହା ଭିତରେ ନଉକା ମଧରେ ଭାଇ କୁମ୍ଭକର୍ଣ୍ଣ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲେ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୪୩ ॥

ସନାତନ ଧର୍ମରେ ପତି, ପତ୍ନୀଙ୍କ ସମ୍ପର୍କ ଦୁଇଟି ଦେହ ଅବା ମନର ମିଳନ ନୁହେଁ, ଦୁଇଟି ଆତ୍ମାର ମିଳନ ବୋଲି ଗ୍ରହଣ କରାଯାଏ । ମୃତ୍ୟୁ ପରେ ମଧ ଦୁଇଟି ଆତ୍ମା ଏକାଠି ହୋଇଥାନ୍ତି ଏବଂ ସାତଟି ପୁନର୍ଜନ୍ମ ପର୍ଯ୍ୟନ୍ତ ପରସ୍ପର ପତି, ପତ୍ନୀ ହୋଇ ମୋକ୍ଷ ପର୍ଯ୍ୟନ୍ତ ରହିଥାନ୍ତି । ତେଣୁ ବ୍ରହ୍ମା ଏବଂ ବ୍ରହ୍ମ ପୁତ୍ର ମାନେ ଏହି ଆତ୍ମିକ ମିଳନରେ ପତ୍ନୀମାନଙ୍କ ସହ ସମ୍ପର୍କ ରଖିଥିଲେ । ପୃଥିବୀର ମଙ୍ଗଳ କାର୍ଯ୍ୟପାଇଁ ଅଧିକ ସମୟ ଦେଇଥିଲେ ଓ ଦୈହିକ ବନ୍ଧନରୁ ନିଜକୁ ମୁକ୍ତ ରଖିଥିଲେ ।

ପ୍ରଶ୍ନ ଉଠେ ଯେ, ଉଭୟ ସ୍ୱୟମ୍ଭୁ ଓ ଶତରୂପା ବ୍ରହ୍ମାଙ୍କ ଆଙ୍ଗରୁ ସୃଷ୍ଟି ହୋଇଥିଲେ । ଏହି ମାନଙ୍କର ବଂଶକନୁକ୍ରମ ସମାନ ଥିଲା । ରକ୍ତ ମଧ ସମାନ ହୋଇ ଥାଇପାରେ । ଏମାନେ ଏକ ପିତାଙ୍କ ସନ୍ତାନ ଥିଲେ ଏବଂ ଏମାନଙ୍କ ସମ୍ପର୍କ ଭାଇ ଭଉଣୀର ସମ୍ପର୍କ ଥିଲା । ତଥାପି ଏମାନଙ୍କର ବିବାହ ହେଲା କିପରି ? ସନାତନ ଧର୍ମରେ ସ୍ୱଗୋତ୍ରରେ ବିବାହ କଲେ, କୋଡ଼ିଏ ସପ୍ତାହ ମଧରେ ସେମାନଙ୍କର ଗର୍ଭସ୍ଥ ସନ୍ତାନର ମୃତ୍ୟୁ ହୋଇଥାଏ ବୋଲି କୁହାଯାଇଅଛି । ଶୈଶବରେ ଶୁଣିଥିଲି, ସ୍ୱାଗୋତ୍ର ବିବାହକଲେ, ପିଲା ପାଦ ବାଟେ ଜନ୍ମ ହୋଇଥାଏ । କିନ୍ତୁ ବିଜ୍ଞାନ ମତରେ ଭାଇ, ଭଉଣୀ କିମ୍ବା ଯେ କୌଣସି ସମ୍ପର୍କ ଥିବା ଦୁଇ ନାରୀ ପୁରୁଷଙ୍କ ଭିତରେ ବିବାହ କାହାର କୌଣସି କ୍ଷତି କରିନଥାଏ । ସମଗୋତ୍ରୀ ବା ସମାନ ରକ୍ତର ବିବାହ ମଧ କ୍ଷତିକାରକ ହୋଇନଥାଏ । କେବଳ ସମାନ ଯୁକ୍ତ ଓ ବିଯୁକ୍ତ ରକ୍ତର ମିଳନ ହେଲେ, ସନ୍ତାନ ରଗ୍ଣ ହୋଇ ପାରେ ! ! କେବଳ ଜ୍ୟୋତିଷ ଶାସ୍ତ୍ର ଦୃଷ୍ଟିରୁ ଏବଂ ନିଜର ମାର୍ଜିତ ସଂସ୍କାର ପାଇଁ ଏମାନେ କୌଟୁମ୍ବିକ ବିବାହ କରିନଥାନ୍ତି । ଏପରି ବିବାହ ସମ୍ପର୍କର ଅନାବିଳ ପବିତ୍ରତାକୁ ନଷ୍ଟ କରିଥାଏ । କିନ୍ତୁ ଅଂଗଜ ସୃଷ୍ଟି ଏକ ସ୍ୱତନ୍ତ୍ର ସୃଷ୍ଟି ରୂପେ ଗ୍ରହଣ କରାଯାଏ ।

ଏହି ପ୍ରତିରୂପ ମାନଙ୍କ ମଧରୁ ଜଣେ ବ୍ରହ୍ମା ଏବଂ ଅନ୍ୟ ଜଣେ ସାବିତ୍ରୀଙ୍କ ସ୍ୱରୂପ ଥିଲେ । ଏହିପରି ସୃଷ୍ଟି ଭାଇ, ଭଉ ଣୀର ସମ୍ପର୍କ ମଧରେ ସୀମିତ ନହୋଇ ସୃଷ୍ଟି ରଚନାକୁ ଅଧିକ ପ୍ରାଧାନ୍ୟ ଦେଇଥିଲା । ଏହା ସମୟର ଆବଶ୍ୟକ ଥିଲା । କିନ୍ତୁ, ପିତା, ମାତାଙ୍କର କେଉଁ ଭୁଲ୍ କାର୍ଯ୍ୟ ପାଇଁ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ ମାନବ ନହୋଇ ଆଦି ଦାନବ ହୋଇ ପୃଥିବୀରେ ଜନ୍ମ ହୋଇଥିଲେ ?

ସୃଷ୍ଟିର ପ୍ରାକ୍ ସମୟରେ ବେଦ ପତି ବ୍ରହ୍ମା କଠିନ ଯୋଗ ସାଧନା କରିବାରୁ ତାଙ୍କଠାରୁ ସନକ, ସନତ, ସନନ୍ଦ ଓ ସନାତନ ଚାରି ପୁତ୍ର ଜନ୍ମହେଲେ । ସେହି ମହାଶୂନ୍ୟ ମଧରେ ଅନାମିକା ରୂପରେ ପ୍ରକାଶ ହେବାର ବହୁ ବର୍ଷପରେ ସେମାନଙ୍କୁ ନାମିତ କରିଥିବା ସେହି ଚାରିଜଣ ପୃଥିବୀ ପୃଷ୍ଠର ପ୍ରଥମ ବିଷ୍ଣୁ ପ୍ରେମୀ ରୂପେ ଜନ୍ମଗ୍ରହଣ କରିଥିଲେ । ଏମାନେ ଯୋଗ ସାଧନା ବିଷୟରେ ବ୍ରହ୍ମାଙ୍କୁ ପ୍ରଶ୍ନ କରିବାରୁ ଅନଭିଜ୍ଞ ବ୍ରହ୍ମା ବିଷ୍ଣୁଙ୍କୁ ଧ୍ୟାନକରି ତାଙ୍କର ସାହାଯ୍ୟ ପ୍ରାର୍ଥନା କରି ଥିଲେ । ବିଷ୍ଣୁ ଏକ ହଂସ ରୂପରେ ପୃଥିବୀକୁ ଆସି (ହଂସର ଅର୍ଥ ଆତ୍ମା । ହର୍ଷିତ । ତେଣୁ ଏହି ହଂସ ଜଣେ ପରମ ହଂସ ମାନବ ହୋଇପାରନ୍ତି । ) ବ୍ରହ୍ମାଙ୍କ ମାଧ୍ୟମ ରେ ଏହି ଚାରି ପୁତ୍ରଙ୍କୁ ସେ ପ୍ରଥମେ ଯୋଗ ଶିକ୍ଷା ଦେଇଥିଲେ । ଏହି ଚାରି ଜଣଙ୍କଠାରୁ ଯୋଗ ବିଜ୍ଞାନ ପ୍ରସାର ଲାଭ କଲା । ଏହିଭଳି ଜ୍ଞାନୀମାନଙ୍କର ପିତା, ମାତା, ଜନ୍ମସ୍ଥାନ ଏସବୁର କୌଣସି ପାର୍ଥିବ ପରିଚୟ ନଥିଲା । ଏମାନଙ୍କୁ ବ୍ରହ୍ମାଙ୍କର ସନ୍ତାନ ରୂପେ ଗ୍ରହଣ କରାଯାଉଥିଲା । ଏହି ଚାରିଜଣ ବିବାହ, ଗୃହସ୍ଥ ଧର୍ମ ବା କୌଣସି ସୃଷ୍ଟି କାର୍ଯ୍ୟ ନକରି ନିରନ୍ତର ପରଂବ୍ରହ୍ମ ବିଷ୍ଣୁଙ୍କୁ ଧ୍ୟାନ କରୁଥିଲେ । ସେହି ଧ୍ୟାନାବସ୍ଥିତ ଅବସ୍ଥାରେ ସେମାନେ ତଥା ଅତ୍ରି, ତ୍ରିଅଙ୍ଗିରା, ବଶିଷ୍ଠ,ମରିଚୀ, କ୍ରତୁ, ପୁଲହ, ପୁଲସ୍ତ୍ୟ, ଭୃଗୁ,ଦକ୍ଷ ଓ ନାରଦ ଆଦି ଦଶପୁତ୍ର ବୈକୁଣ୍ଠ ଧାମରେ ପହଞ୍ଚିଗଲେ ।

ବୈକୁଣ୍ଠଧାମ କ'ଣ ? ଭାଗବତ ଅନୁସାରେ ସୁତାଙ୍କ ପତ୍ନୀ ବିକୁଣ୍ଠା ସାକ୍ଷାତ କମଳାଙ୍କ ସଦୃଶା ଥିଲେ । ତେଣୁ ତାହାଙ୍କ ଶ୍ରୀଅଙ୍ଗରେ ବିଷ୍ଣୁ ବାସ କରୁଥିଲେ । ସେହି ବିକୁଣ୍ଠାଙ୍କର ବସତିସ୍ଥାନକୁ ବୈକୁଣ୍ଠ କୁହାଯାଉଥିଲା । ବ୍ରହ୍ମଜ୍ଞାନୀ ମାନଙ୍କ ମତରେ ଭ୍ରୂଲତା ମଧରେ ଏହି କୁଣ୍ଠ ଓ ବିକୁଣ୍ଠ ସ୍ଥାନ ଅଛି । ଏହା ଅର୍ଦ୍ଧମାତ୍ରା ତଳେ ଅଛି ଏଠାରେ ନିରାକାର, ଏକାକ୍ଷର ବ୍ରହ୍ମ ପ୍ରଣବ ରହିଛନ୍ତି । ମୋର ଧାରଣା ଏହାର ସଂଯୋଗ ଅଛି ଶୂନ୍ୟ ମଣ୍ଡଳରେ ଧ୍ରୁବ ଚକ୍ରର ନିକଟବର୍ତ୍ତୀ ଥିବା ଏକ ବ୍ରହ୍ମାଣ୍ଡ ସହ । ଯେଉଁଠାକୁ ଯୋଗ ବା ଧ୍ୟାନ ବଳରେ ଜ୍ଞାନୀମାନେ ଯାତାୟତ କରିଥାନ୍ତି । ତାହାର ନାମ ହେଉଛି ଅଚ୍ୟୁତ ବୈକୁଣ୍ଠ ।

ତାହା ସେହି ବିକୁଣ୍ଠା କୁମର ବିଷ୍ଣୁଙ୍କର ନିବାସସ୍ଥାନ, ସେହି ପରମ ରୂପଙ୍କର ଆତ୍ମା ଧାମ, ଯାହା ସାଧାରଣ ଲୋକଙ୍କ ପକ୍ଷେ ଅତି ଅଗମ୍ୟ ଥିଲା । ଯେଉଁଠାକୁ କି ଜୀବନ୍ତ ଅବସ୍ଥାରେ ଗଲେ ପ୍ରାଣୀ ଆଉ କେବେ ନିଜ ନିବାସକୁ ପ୍ରତ୍ୟାବର୍ତ୍ତନ କରିପାରେ ନାହିଁ । ସାଧାରଣ ଯୋଗୀ ନିଜର ଯୋଗ ବଳରେ କେବଳ ଧ୍ରୁବ ମଣ୍ଡଳ ପର୍ଯ୍ୟନ୍ତ ଯାଇପାରନ୍ତି । ଅସାଧାରଣ ଯୋଗୀମାନେ ବା ଦେବତା ମାନେ କେବଳ ନିଜ ଯୋଗ ମାର୍ଗରେ ଯାଇ ସେଠାରେ ପରମ ପୁରୁଷଙ୍କର ସାକ୍ଷାତ କରି ପାରନ୍ତି । ଧ୍ରୁବ ମଣ୍ଡଳଠାରୁ ସୂଚୀମୁନଠାରୁ ସରୁ ରାସ୍ତାରେ ଦ୍ୱାଦଶ କୂଣ,ପୁଣି ଚାରି ଯୋଜନ ଆହୁରି ସୂକ୍ଷ୍ମ ରାସ୍ତା, ପୁଣି ଚାରି ଯୋଜନ ଆହୁରି ସରୁ, ପୁଣି ଚାରି କୂଣ ଲେଶପ୍ରମାଣ । ସେଠାରୁ ଗଲେ ବୈକୁଣ୍ଠ ଭୁବନ ପଡେ । ଏହିପରି ଦୁର୍ଗମ ସଙ୍କଟ ପୂର୍ଣ୍ଣ ପଥ ଅତିକ୍ରମ କରିବା ସହିତ ରେବତୀ ଓ ବଳ ଭଦ୍ର, ସୁଜାଣ ନାମରେ ସର୍ପ, କଳ୍ପନା, ତ୍ରିପୁରା, ମାୟାବ୍ରହ୍ମ ଆଦି ଦ୍ୱାରୀ ମାନଙ୍କୁ ଜିତି ସେହି ଅଦୃଷ୍ଟ,ଅଶ୍ରୁତ ବୈକୁଣ୍ଠ ଧାମରେ ପହଞ୍ଚି ବାକୁ ହୁଏ । ଏହି ଦ୍ୱାର ଗୁଡିକ ତିଳ ପ୍ରମାଣର ହୋଇଥାଏ ।

ପ୍ରଥମେ ଦେବ ନାଶନ ବଟ ତା ପରେ ହିମମୟ, ହିମାଳୟ, ଯାହା କାରୁଣ୍ୟ ଜଳ ନାମରେ ନାମିତ, ଏହାପରେ ଧ୍ରୁବ ମଣ୍ଡଳ, ତାପରେ ଅର୍ଦ୍ଧଶୂନ୍ୟ, ପୁଣି ଦେବନାଶନ ବଟ, ମାଙ୍କଡ଼ସା ସୂତାସମ ସୁଜାଣ ସର୍ପ (ତାର ଲାଞ୍ଜ ଓ ମୁଣ୍ଡ ଏକାଠିଥାଏ), ପୁଣି ଅନଳ, ପୁଣି ମାୟାବ୍ରହ୍ମ । ସୂଚୀ ମୁନରୁ କୋଟି କୋଟି ଭାଗରେ ସୁକ୍ଷ୍ମପଥ ଦେଇ ଏହି ସ୍ଥାନକୁ ଯିବାକୁ ହୁଏ । ସେଠାରେ ସେହି ପରମ ବିଷ୍ଣୁଙ୍କର ଶିର,ପାଦ, ହସ୍ତ କିଛିବି ଦେଖା ଯାଏନାହିଁ । କେବଳ ପରମ ବିଷ୍ଣୁ ପ୍ରେମୀମାନେ ଅନେକ ଦିନ ପରେ ବିଷ୍ଣୁଙ୍କ ସହ ଦେଖା କରିପାରନ୍ତି ।

ସେହି ଅଚ୍ୟୁତ ବୈକୁଣ୍ଠ ଭୁବନ ଅତୀବ,ଐଶ୍ୱର୍ଯ୍ୟ ଶାଳିନୀ ଅଟେ । ଏଠାରେ ମୁକ୍ତା , ବୈଦୁର୍ଯ୍ୟ ଓ ସ୍ୱର୍ଣ୍ଣ ନିର୍ମିତ ଶତ ଶତ ବିମାନ ବିରାଜିତ ଅଛି । ସେହି ଗୃହମାନଙ୍କ ମଧରେ ସୁବର୍ଣ୍ଣ ଅଶ୍ୱତ୍ଥ ବୃକ୍ଷ ଶୋଭା ପାଉଅଛି । ସେହି ଭୁବନବାହାରେ ବିମଳନାମକ ସୁନ୍ଦର ବନରେ ଏକ କଳ୍ପବୃକ୍ଷ ଅଛି । ତାହା ହେଉଛି ସମସ୍ତ ଋତୁମାନଙ୍କର ବିହାର ସ୍ଥଳ । ଏଠାରେ ତୁଳସୀ ବନ ସହିତ କୁନ୍ଦ, କୁରୁବକ, ମନ୍ଦାର,ଚମ୍ପକ, ବକୁଳ, ପୁନ୍ନାଗ ଓ ପାରିଜାତ ଆଦି ସୁଗନ୍ଧିତ ପୁଷ୍ପ ବୃକ୍ଷମାନଙ୍କର ସୌରଭ ବହନ କରି ଅନୀଳ ଥାଏ ମୃଦ୍ୟୁ ମନ୍ଦ, ଶୀତଳ ଓ ସୁରଭିତ ।

ଏହି ଯୋଗ ସ୍ଥାନ ସନାତନୀ ବିଷ୍ଣୁ ପ୍ରେମୀ ମାନଙ୍କର ଆତ୍ମା ସ୍ଥାନ ଥିଲା । ଯେ ତାଙ୍କୁ ଯେପରି ଚିନ୍ତା କରିଥାନ୍ତି, ସେତ ସେହିପରି ହୋଇଥାନ୍ତି ! !

ସେଠାକୁ ଯୋଗ ମାର୍ଗରେ ଯାଇ ବ୍ରହ୍ମାଙ୍କର ଏହି ଚାରି ପୁତ୍ର କେଉଁ ପ୍ରତି ବନ୍ଧକର ସମ୍ମୁଖୀନ ହୋଇଥିଲେ ? ? ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ହଠାତ୍

ସ୍ନିଗ୍ଧା ପଣ୍ଡା



ଫୁଲ ଗଛ ମରିବା ଆଗରୁ
କଥା ସରିବା ଆଗରୁ
ତୋ ସହ ହଠାତ୍ ଦେଖାହେଲା
ପ୍ରକୃତରେ ଦେଖା ହେଲା ନୁହେଁ
ତୁ ରାସ୍ତା ମଝିକୁ ଚାଲି ଆସିଲୁ
ମୋର ଚାଲିବା ଓ ଭୁଲିବା ସହ
ଯୋଡ଼ି ହେବାକୁ ଏକା ସମୟରେ
ମତେ ମନେ ହେଲା
ମୁଁ ତତେ ଜାଣିଛି ଅନେକ କାଳରୁ
କିନ୍ତୁ ମନେ ରଖି ପାରିନାହିଁ
ଜୀବନର ବେକାର ହିସାବ କିତାବ ଭିତରେ ?
ହଠାତ୍ ଭୁଲି ହେଇଗଲା
ଯେତେ ସବୁ ସାଇତା ହେଇଥିବା ଠିକଣା
ମୁଖସ୍ତ କରିଥିବା ପଣିକିଆର ଖନ୍ଦା
ଘରକୁ ନେଇ ଆସିଥିବା ବିନ୍ଦୁ ବିନ୍ଦୁ ଅସ୍ତିତ୍ୱର
ଦୃଶ୍ୟ ଓ ଶବ୍ଦମାନଙ୍କୁ
ତୋ ଆଡ଼କୁ ଚାହିଁଦେଇ
ଏତିକି ମାତ୍ର ମନେ ରହିଲା
ଯେତେ ବାଟ ଚାଲିଆସିଲି ଦରଜା ଆଉଜେଇ
ଯେତେ ସମୟ ଜିଇଁଲି ନିରୋଳାରେ କି ଗହଳିରେ
ଯେତେ ପ୍ରେମରେ ଗୋଲାପି ରଙ୍ଗ ବୋଳିଲି ରୂପର ଅରୂପର
ସବୁ ଖାଲି ନିଜକୁ ଠକିବା ଥିଲା ?
ହଠାତ୍ ମନେ ହେଲା ଏଇ ଲଗ୍ନରୁ
ଅଧା ଖୋଲା ଅଧା ବୁଜା ଆଖିରେ
ତତେ ଦେଖିବାକୁ ଅଛି ମୋର ବାକି ସବୁ ଦିନ
ଯେମିତି ଆଜିଯାଏଁ ତୁ ମତେ ଦେଖୁଥିଲୁ
ତତେ ଆଙ୍କିବାକୁ ଅଛି ମୋର ଦିଗ-ଦିଗନ୍ତରେ
ଛାଇକୁ ଆଡେଇ ଦେଇ
ଯେମିତି ତୁ ମୋ ଆତ୍ମାର ଚିତ୍ରଟିଏ ଆଙ୍କି ପାରୁଥିଲୁ
ଯାହା ସବୁ ମୋର ବୁଝିବା ବାହାରେ
ଏଣିକି ତତେ ବାଦ୍ ଦେଲେ
କିଛି ଆଉ ଅଲଗା ନୁହେଁ
ମୋର ଥିବା ନ ଥିବାରେ ?

+ମୋ-୯୮୬୧୩୨୩୬୫୦

## ମା'

ସୁଶ୍ରୀ ସୁଚିସ୍ମିତା ମହାପାତ୍ର



ସକାଳର ସୁରୁଜର ସୁନେଲି କିରଣ ସିଏ
ଅସ୍ତରାଗର ନାରଙ୍ଗୀ ସମୀରଣ ସିଏ
ଅମାବାସ୍ୟାର ନିଶିର ରଜନୀ ଶଶି ସିଏ
ଆରେ କହିଲ ଦେଖି କଣ ତା'ର ନା ?
ସେ ଆମରି ମାଆ ।

ନିଜ ନଖାଇ ଆମ ପେଟ ପୁରାଏ ଯିଏ
ନିଜେ ନପିଇ ଆମ ଶୋଷ ମେଣ୍ଟାଏ ସିଏ
ଅବାଟେ ଗଲେ ବାଟ ଦେଖାଏ ଯିଏ
ଅସ୍ଥିର ହେଲେ ସ୍ଥିର କରେ ସିଏ
କହିଲ ଦେଖି କ'ଣ ତା'ର ନା ?
ସେ ଆମରି ମାଆ ।

ଅସୁସ୍ଥ ହେଲେ ପାଖ ନଛାଡ଼େ ଯିଏ
ଘରକୁ ନଫେରିଲେ ଦୂଆରେ ଅନେଇ ବସିଥାଏ ସେ
ଭଲ ମନ୍ଦ ଶିଖାଏ ସିଏ
ଠିକ୍ ଭୁଲ ବତାଏ ସିଏ
କହିଲ ଦେଖି କ'ଣ ତା'ର ନା ?
ସେ ଆମରି ମାଆ ।
ତା' ହାତ ଧରି ଚାଲି ଶିଖାଏ
ଧୂଳି ମଳି ତା ହାତେ ଝାଡ଼ିଦିଏ
ଝାଳନାଳ ତା ପଣତେ ପୋଛିଦିଏ
ଆନ୍ଧାରେ ହଜିଲେ ଆଲୁଅ ଦେଖାଏ
ଡରିଗଲେ କୋଳେଇ ପିଠି ଥାପୁଡ଼େଇ ଦିଏ
କହିଲ ଦେଖି କ'ଣ ତା'ର ନା ?
ସେ ଆମରି ମା ।

+ବ୍ରହ୍ମପୁର
ମୋ: ୯୭୭୬୧୭୯୮୮୩

## ପ୍ରତିଶୃତି

ଦୀପ୍ତି ମିଶ୍ର



ଜୀବନ ଯେ ଏକ
ଛାଇ ଆଲୁଅର ଖେଳ....
ଅସରନ୍ତି ଦୀର୍ଘ ପଥ
ଚାଲିବାର ଅଛି ଏଠି,
ହେଲେ ପଥ ଧାରେ ଦୃଶ୍ୟମାନ
କେବେ କେବେ ମାୟାବୀ ଶୂନ୍ୟତା...
କେବେ ପୁଣି ପୁଷ୍ପିତ ପୂର୍ଣ୍ଣତା ।
ଜ୍ଞାନ ଏଠି ଅସତ୍ୟ ହାତରେ ବନ୍ଦୀ
ପ୍ରେମ ସତେ କି ପ୍ରତାରଣାର
ଜାଲରେ ଉହଳ ବିକଳ....
ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ,
ଆଲୋକ .....ଅନ୍ଧକାରର
ନୀରବ ମନର ଦୁର୍ବୋଧ ଭାଷା,
ଆସନ୍ତା କାଲି ....ଆଜିର କ୍ଳାନ୍ତ ଆଖିର ଆଶା
ହୃଦୟରେ ଭାବର ମାଟି ଭରି ଉଠେ
ଅମାନିଆ ଅବିଶ୍ରାନ୍ତ ଆତୁରିତ
ଲୁହର ବର୍ଷାରେ ।
ଜୀବନ ବି ଏଠି ଏକ ପ୍ରତିଶ୍ରୁତିଟିଏ
ଅଫୁରନ୍ତ ଶକ୍ତି ଓ ଆନନ୍ଦର ....
ମମତାର ଘନ ପ୍ରାଚୁର୍ଯ୍ୟ ବୋଧର
ପ୍ରୀତି ଆଉ ଐଶ୍ୱର୍ଯ୍ୟର ...
ଏଠି ନିର୍ଭର ଯୋଗ୍ୟ ଦୁରନ୍ତ ସବିତା
ପୂର୍ଣ୍ଣ କରନ୍ତି ଅରଣ୍ୟ ର ଅବଶୋଷ....
ଏଠି ଜୀବନ ଚିର ଜାଗ୍ରତ,
ଅବାସ୍ତବ ସୁଷମାର ମୁଗ୍ଧ ଲାଳିତ୍ୟରେ
ସବୁଜିମାର ବଳୟ ମଧରେ
ଏକ ଆପଣା ପଣର ଶୁଦ୍ଧ ସ୍ଫଟିକର
ମୋହର ଭିତରେ..... ।
ଦିନେ ଏହା ଭେଟି ଦିଏ
ଶ୍ରଦ୍ଧାର ସୁମଧୁର ସ୍ୱର ଧାରା....
ଆଙ୍କିବାକୁ ସ୍ୱପ୍ନର ସନ୍ଧି ସୂତ୍ରଟିଏ
ଏକ ଦୀର୍ଘ ଆଶ୍ୱସ୍ତିର
ଚିର ହରିତ ଉପବନ .....
ଚାଲିବାକୁ ଆଗାମୀ ଆଲୋକର ପଥ ।

+ ବାରିପଦା
ମୋ - ୬୩୭୦୨୧୨୯୧୮

# କନ୍ଧମାଳ ସଂସଦୀୟ କ୍ଷେତ୍ର ଓ ଫୁଲବାଣୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଚୂଡାନ୍ତ : ସାଂସଦ ପ୍ରାର୍ଥୀ ୮ ଜଣ ଓ ବିଧାୟକ ପ୍ରାର୍ଥୀ ୧୦ ଜଣ

କନ୍ଧମାଳ, ୦୮/୫ (ନି.ପ୍ର): କନ୍ଧମାଳ ଲୋକସଭା ଆସନ ସମେତ ଫୁଲବାଣୀ, ବାଲିଗୁଡା, ଘୁ.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ଲୋକସଭା ଆସନ ପାଇଁ ଜଣେ ଓ ଫୁଲବାଣୀ ବିଧାନସଭା ଆସନ ପାଇଁ ଜଣେ ଲେଖାଏଁ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଥିବା ଜଣାପଡିଛି। ସାଂସଦ ପ୍ରାର୍ଥୀ ସୁଶୀଳା ତ୍ରିପାଠୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ବେଳେ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ମଲ୍ଲିକ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ ଯେ, କନ୍ଧମାଳ ଲୋକସଭା ଆସନ ପାଇଁ ସମୁଦାୟ ୧୦ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ଫିରୋଜ ଦିଗାଲଙ୍କ ପ୍ରାର୍ଥିପତ୍ର ଖାରଜ ହୋଇଯାଇଥିଲା। ସେହିଭଳି ଫୁଲବାଣୀ ବିଧାନସଭା ଆସନ ପାଇଁ କଳିଙ୍ଗ ସେନାର ପ୍ରାର୍ଥୀ ଅନନ୍ତ କହଁରଙ୍କ ନାମାଙ୍କନ ନାକଚ ହୋଇଥିଲା। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଲୋକସଭା ଆସନ ପାଇଁ ସମୁଦାୟ ୮ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିଜେଡିରୁ ଡ.ଅଚ୍ୟୁତାନନ୍ଦ ସାମନ୍ତ, ବିଜେପିରୁ ସୁକାନ୍ତ ପାଣିଗ୍ରାହୀ, କଂଗ୍ରେସରୁ ଅମୀରଚାନ୍ଦ ନାୟକ, ବିଏସପିରୁ ହରିବନ୍ଧୁ ବେହେରା, ମାନସ ଲୋକଶକ୍ତି ଦଳରୁ ଭାଗିରଥି ବଳିଆରସିଂ, ଜାତୀୟ ଜନ ଦଳରୁ ସୁଭାଷ ମହାପାତ୍ର, କଳିଙ୍ଗ ସେନା ପକ୍ଷରୁ ପର୍ଶୁରାମ ପ୍ରଧାନ । ସ୍ୱାଧୀନ ପ୍ରାର୍ଥୀ ଓ କନକ ମଞ୍ଜରୀ ରଥଙ୍କ ନାମାଙ୍କନ କାଏମ ରହିଥିବା ରିଟର୍ଣ୍ଣିଂ ଅଫିସର ତଥା କନ୍ଧମାଳ ଜିଲାପାଳ ଆଶୀଷ ଈଶ୍ୱର ପାଟିଲ ସୂଚନା ଦେଇଛନ୍ତି। ସେହିଭଳି ଫୁଲବାଣୀ ବିଧାନସଭା ଆସନ ପାଇଁ ସମୁଦାୟ ୧୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସେମାନଙ୍କ ମଧ୍ୟରୁ କଳିଙ୍ଗ ସେନାର ଅନନ୍ତ କହଁରଙ୍କ ପ୍ରାର୍ଥିପତ୍ର ଖାରଜ ହୋଇ ଯାଇଥିଲା। ଆଜି ପ୍ରତ୍ୟାହାର ପ୍ରକ୍ରିୟା ଶେଷ ପରେ ବିଜେଡିରୁ ଜୟଶ୍ରୀ କହଁର, କଂଗ୍ରେସରୁ ପ୍ରତିଭା କହଁର, ବିଜେପିରୁ ଉମାଚରଣ ମଲ୍ଲିକ, ବିଏସପିରୁ ଦୀପାଞ୍ଜଳୀ କହଁର, ସମାଜବାଦୀ ପାର୍ଟିରୁ ଦେବେନ୍ଦ୍ର କହଁର ଓ ମାନସ ଲୋକଶକ୍ତି ଦଳରୁ ବିଶ୍ୱମ୍ଭର କହଁର, ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ କହଁର, ସୁଧାଂଶୁ କହଁର, ଟିକେଶ୍ୱର କହଁର ଏବେ ନିର୍ବାଚନ ମୈଦାନରେ ରହିଥିବା ରିଟର୍ଣ୍ଣିଂ ଅଫିସର ତଥା ଫୁଲବାଣୀ ଉପଜିଲ୍ଲାପାଳ ଚିତରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି।

# ବିଜେପି ନଗର ସଭାପତି ସମର୍ଥକଙ୍କ ସହ ବିଜେଡିରେ ମିଶିଲେ

କେନ୍ଦ୍ରାପଡ଼ା, ୦୮/୫ (ନି.ପ୍ର): କେନ୍ଦ୍ରାପଡା ବିଜେପିର ନଗର ସଭାପତି ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ନିର୍ବାଚନ ପାଖେଇ ଆସୁଥିବାବେଳେ ଦୈନିକ କିଛି ନେତା ସେମାନଙ୍କ ସମର୍ଥକଙ୍କ ସହ ଦଳ ବଦଳ କରୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୀର୍ଘ ବର୍ଷ ଧରି ବିଜେପି ଦଳରେ ରହି ଦକ୍ଷତାର ସହ କାମ କରି ଆସୁଥିବା ଜିଲ୍ଲା ଯୁବ ସଂଯୋଜକ ତଥା ବିଜେପି ନଗର ସଭାପତି ଦିଲିପ କୁମାର ଦାଶ ବିଜେପି ଦଳ ଛାଡ଼ି ନିଜର ଶତାଧିକ ମସର୍ଥକଙ୍କ ସହ ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ପ୍ରଭାରୀ ପ୍ରତାପ କୁମାର ଜେନା, ରାଜ୍ୟସଭା ସାଂସଦ ସସମିତ ପାତ୍ର, କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା, ଜିଲ୍ଲା ସଂଯୋଜକ ରାଜେଶ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ଦାଶ ନିଜର ସମର୍ଥକ ବିଜୟ ସେଠୀ, ମମତାମୟୀ ସାମଲ, ପ୍ରଦିପ ନାୟକ, ଗୌର ପ୍ରସାଦ ମହାପାତ୍ର, ବରିଷ୍ଠ ଆଇନଜୀବି ହାଡିବନ୍ଧୁ ସିଂହ, ପ୍ରକାଶ ନାୟକ, ଦେବେନ୍ଦ୍ର ଜେନା, ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର ମହାନ୍ତି, ମିର ନସିମ୍, ମିର ନାଇଦର ଅଲ୍ଲୀ ପ୍ରମୁଖଙ୍କ ସହ ବିଜେଡି ରେ ଯୋଗଦାନ କରିଛନ୍ତି । ଶଙ୍ଖ ଭବନରେ ଏମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆ ଯାଇଥିଲା।

# ଆପତ୍ତି ଅଭିଯୋଗ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଯୋଗାଯୋଗ ନମ୍ବର

ସୁବର୍ଣ୍ଣପୁର, ୦୮/୫ (ନି.ପ୍ର): ଆସନ୍ତା ମଇ ୨୦ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ। ଏହି ପରିପେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ, ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ତରଫରୁ ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ସୁବର୍ଣ୍ଣପୁର ଜିଲ୍ଲାରେ ସଂସଦୀୟ କ୍ଷେତ୍ର ସାଧାରଣ ପର୍ଯ୍ୟବେକ୍ଷକ ରାଜନ ଭିଶାଲ, ଆଇ ଏ ଏସ ନିଯୁକ୍ତ ହୋଇଥିବାବେଳେ, ସେ ବର୍ତ୍ତମାନ ଜିଲ୍ଲା ସର୍କିଟ ହାଉସ ଠାରେ ଅବସ୍ଥାନ କରୁଛନ୍ତି। ଉଭୟ ନିର୍ବାଚନ ମଣ୍ଡଳୀ ର ଭୋଟର ତଥା ଜନସାଧାରଣ ନିର୍ବାଚନ ସମ୍ପର୍କିତ କୌଣସି ଆପତି ଅଭିଯୋଗ ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଭିଶାଲଙ୍କୁ ମୋବାଇଲ ନଂ ୮୮୯୫୨୬୩୬୧୯ ରେ ଯୋଗାଯୋଗ କରିପାରିବେ ବୋଲି ସୂଚୀତ କରାଯାଉଛି। ସେହିପରି ଜିଲ୍ଲା ଅନ୍ତର୍ଗତ ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରମୋଦ ପି ଶାହକର(ଆଇଆରଏସ) ନିର୍ବାଚନ ଖର୍ଚ୍ଚ ତଦାରଖ କରିବାକୁ ଜିଲ୍ଲାରେ ଆସି ପହଂଚିଛନ୍ତି। ଖର୍ଚ୍ଚ ପର୍ଯ୍ୟବେକ୍ଷକ ସ୍ଥାନୀୟ ସର୍କିଟ ହାଉସ ଠାରେ ଅବସ୍ଥାନ କରୁଥିବା ବେଳେ ଜିଲ୍ଲାରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଜନସାଧାରଣ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ଆପତି ଅଭିଯୋଗ ନିମନ୍ତେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଶାହକରଙ୍କୁ ମୋବାଇଲ ନମ୍ବର ୮୮୯୫୨୦୫୨୩୮ ରେ ଯୋଗାଯୋଗ କରିପାରିବେ। ନିର୍ବାଚନ ଶେଷଯାଏଁ ଏହି ନମ୍ବର ଉପଲବ୍ଧ ରହିବ। ଜନସାଧାରଣ ଏହାର ଉଚିତ ବିନିଯୋଗ କରିବାକୁ ଅନୁରୋଧ କରାଯାଇଛି।

# ରାଜସ୍ୱ ସେବା ଅଧିକାରୀଙ୍କ ରାଜନୈତିକ ପ୍ରାର୍ଥୀଙ୍କ ସହିତ ଆଲୋଚନା

ଝାରସୁଗୁଡା, ୦୮/୫ (ନି.ପ୍ର): ଏକକାଳୀନ ସାଧରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ୦୬ - ବ୍ରଜରାଜନଗର ଓ ୦୭ - ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବା ଅଧିକାରୀ କ୍ରିଷ୍ଣମୂର୍ତ୍ତି ଏଟି ଆଜି ଜିଲ୍ଲାର ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକଙ୍କ ସହ ୦୬-ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ୦୭-ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଓ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର(ନିର୍ବାଚନ) ପ୍ରସନ୍ନ ପଟେଲ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ସି ଟି, ଜି ଏସ୍ ଟି ସହକାରୀ କମିଶନର ଶିବପ୍ରସାଦ ଭୋଇ ଓ ଆଶିଷ କୁମାର ଦାଶଙ୍କ ସମେତ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ, ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ନିର୍ବାଚନୀ ଖର୍ଚ୍ଚର ହିସାବ ପରିଚାଳନା ସମ୍ପର୍କରେ ସୂଚନା ପ୍ରଦାନ ପୂର୍ବକ ଯଥା ସମୟରେ ଏହାର ସମ୍ପୂର୍ଣ୍ଣ ବିବରଣୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦାଖଲ ସହ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀର ସଠିକ ଅନୁପାଳନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ପର୍ଯ୍ୟବେକ୍ଷକଙ୍କୁ ମୋବାଇଲ ନଂ ୮୯୮୫୯୭୦୨୦୨ରେ ଯୋଗାଯୋଗ କରିବାକୁ ଅବଗତ କରାଯାଇଛି। ଏଥି ସହିତ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ହେଡକ୍ୱାର୍ଟର୍ସରେ ଉପସ୍ଥିତି ଅନୁସାରେ ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଦ୍ୱିତୀୟ ମହଲାରେ ଖର୍ଚ୍ଚ ପର୍ଯ୍ୟବେକ୍ଷଙ୍କ ପ୍ରକୋଷ୍ଠରେ ଦିନ ୧୦ଟାରୁ ଦିନ ୧୨ଟା ମଧ୍ୟରେ ସାକ୍ଷାତ କରିବାକୁ ସୂଚିତ କରାଯାଇଛି।

# ଜାରି ହେଲା ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ମୋବାଇଲ୍ ନମ୍ବର: ନିର୍ବାଚନୀ ଆର୍ଥିକ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିପାରିବେ ଜନସାଧାରଣ

କେନ୍ଦ୍ରାପଡ଼ା, ୦୮/୫ (ନି.ପ୍ର): ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ୩ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ପହଂଚିଛନ୍ତି। କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି ଆଇଆର୍ଏସ୍ ଅଧିକାରୀ ସ୍ୱାତୀ ଚୁଲେଟ୍। ସେହିପରି ଭାରତୀୟ ରାଜସ୍ୱ ସେବାର ଅଧିକାରୀ ଭୁବନେଶ୍ୱରୀ ଏସ୍ ୯୭-କେନ୍ଦ୍ରାପଡ଼ା, ୯୮-ଆଳି ଓ ୯୯-ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ୯୬-ପାଟକୁରା ଓ ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଆଇଏଏସ୍ ଅଧିକାରୀ ପଭେନ୍ଥନ୍ ଆରୁମୁଗମ୍ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅନିୟମିତତା ନଜରକୁ ଆସିଲେ ଜନସାଧାରଣ ବା ପ୍ରାର୍ଥୀ ସିଧାସଳଖ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମାନଙ୍କ ନିକଟରେ ଅଭିଯୋଗ କରିପାରିବେ। ପର୍ଯ୍ୟବେକ୍ଷକ ମାନଙ୍କ ମୋବାଇଲ୍ ନମ୍ବର ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଯାଇଛି। ସ୍ୱାତୀ ଚୁଲେଟ୍-୭୨୦୫୫୨୪୫୯୩, ଭୁବନେଶ୍ୱରୀ ଏସ୍-୭୨୦୫୫୧୭୨୮୯, ପଭେନ୍ଥନ୍ ଆରୁମୁଗମ୍-୭୨୦୫୫୧୭୦୮୯ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ମୋବାଇଲ୍ ନମ୍ବରରେ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିର୍ବାଚନୀ ଆର୍ଥିକ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିପାରିବେ। ଅଭିଯୋଗ ଆଧାରରେ ସେମାନେ ସମ୍ପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ଅନିୟମିତତାର ଯାଂଚ କରିବେ। ଆଜି ସଂଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ଖର୍ଚ୍ଚ ପରିଚାଳନାକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ନିୟମ ଆଧାରରେ ଖର୍ଚ୍ଚ ପରିଚାଳନା କରିବାକୁ ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକମାନେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ଜିଲ୍ଲାରେ ୧୫ଟି ଫ୍ଲାଇଙ୍ଗ୍ ସର୍ଭେଲାନ୍ସ ଟିମ୍(ଏଫ୍.ଏସ୍.ଟି) କାର୍ଯ୍ୟ କରୁଥିବା ବେଳେ ଏହାର ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି ଖର୍ଚ୍ଚ ପର୍ଯ୍ୟବେକ୍ଷକ। ଏସ୍ଏସ୍ଟି ଓ ଭିଏସ୍ଟି ବାରମ୍ବାର ଷ୍ଟ୍ରାଟେଜିକ୍ ଲୋକେସନ୍ ପରିବର୍ତ୍ତନ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ ଓ ଅନ୍‌ଲାଇନ୍ ଜରିଆରେ ଟଙ୍କା ନେଣଦେଣ ଉପରେ କଡ଼ା ନଜର ରଖିବାକୁ କହିଛନ୍ତି। ଇ-ସୁବିଧା କେନ୍ଦ୍ର, କଂଟ୍ରୋଲ୍ ରୁମ୍, ସି-ଭିଜିଲ୍ ଅଭିଯୋଗ କେନ୍ଦ୍ର, ଇକ୍ସପେଣ୍ଡିଚର୍ ମନିଟରିଂ ସେଲ,ଏମ୍‌ସିଏମ୍‌ସି ବୁଲି ସେମାନେ ଅନୁଧ୍ୟାନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆତ୍ମସନ୍ତୋଷ ପ୍ରକାଶ କରିବା ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ସିଦ୍ଧାର୍ଥ କଟାରିଆ, ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ନାଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ଟ୍ରେଜେରୀ ଅଫିସର ପ୍ରମୋଦ କୁମାର ରାଉତ, ସିଟିଜିଏସ୍ଟି କମିସନର ଅମରେନ୍ଦ୍ର ମାହାଲିକ୍, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ଏଲ୍‌ଡିଏମ୍ ମନୋଜ ପ୍ରଧାନୀ, ଇନ୍‌କମ୍ ଟ୍ୟାକ୍ସ ଅଫିସର, ଅବକାରୀ ଅଧୀକ୍ଷକ, ଡିଆଇପିଆର୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

## ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ, ୨୫ଟି ଫର୍ମ ବିକ୍ରି

କେନ୍ଦ୍ରାପଡ଼ା, ୦୮/୫ (ନି.ପ୍ର): ସାଧାରଣ ନିର୍ବାଚନ ୨୦୨୪ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ଆଜି ଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୧୪ ତାରିଖ ମଧ୍ୟରେ ଜିଲ୍ଲାର୫ ଗୋଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦିତା କରିବାକୁ ଇଚ୍ଛୁକ ଥିବା ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରି ପାରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ୩ଟି ବିଧାନସଭା ଓ ଲୋକସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ ହେବ। ସେହିଭଳି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦୀମାନେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜିଲ୍ଲାପାଳ ତଥା ଜିଲ୍ଲାମୁଖ୍ୟ ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି । ତେବେ ପ୍ରଥମ ଦିନରେ କେନ୍ଦ୍ରାପଡା ଲୋକସଭା କ୍ଷେତ୍ରପାଇଁ ୫ଟି ଫର୍ମ ବିକ୍ରି ହୋଇଥିବାବେଳେ ବିଧାନସଭା ପାଇଁ ୨୦ଟି ଫର୍ମ ବିକ୍ରି ହୋଇଥିବାବେଳେ କୌଣସି ପ୍ରାର୍ଥୀ ପ୍ରଥମ ଦିନରେ ନାମାଙ୍କନ ପତ୍ର ଦାଖଲ କରି ନଥିବା ଜଣାପଡ଼ିଛି। ଆଜି ଦିନରେ ପ୍ରମୁଖ ବ୍ୟକ୍ତି ମାନଙ୍କ ମଧ୍ୟରେ ବୈଜୟନ୍ତ ପଣ୍ଡା, ଅଂଶୁମାନ ମହାନ୍ତି, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ କେଶରୀ ଦେବ , ଗଣେଶ୍ୱର ବେହେରା, ଦୁର୍ଗା ପ୍ରସନ୍ନ ନାୟକ, ଅରବିନ୍ଦ ମହାପାତ୍ର, ତେଜେଶ୍ୱର ପରିଡା, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ନାମରେ ଫର୍ମ ବିକ୍ରି ହୋଇଥିବା ଜଣାପଡିଛି।

# ହାର୍ଡକୋର ମାଓବାଦୀ ସମାୟା ମାଡକାମ ଓରଫ ପୁନିତର ଆତ୍ମସମର୍ପଣ

କନ୍ଧମାଳ, ୦୮/୫ (ନି.ପ୍ର): କେକେବିଏନ ଡିଭିଜନ ର ଡିସିଏମ କମିଟି ମେମ୍ବର ତଥା ଅଷ୍ଟମ ପ୍ଲାଟୁନର କମାଣ୍ଡର ସାମାୟା ମାଡକାମ ଓରଫ ପୁନିତ(୨୯) ଆତ୍ମ ସମର୍ପଣ କରିଛି । ଦକ୍ଷୀଣାଂଚଳ ଡିଆଇଜି ଜୟନାରାୟଣ ପଙ୍କଜଙ୍କ ନିକଟରେ ସେ ଆତ୍ମସମର୍ପଣ କରିଛି । ଏ ସଂକ୍ରାନ୍ତରେ ଆଜି ଫୁଲବାଣୀ ସ୍ଥିତ ପୋଲିସ ମୁଖ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମାଳନୀରେ ଏହି ସୂଚନା ଦେଇଛନ୍ତି ଦକ୍ଷୀଣାଂଚଳ ପୋଲିସ ଡିଆଇଜି । ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ଥିଲେ । ମିଳିଥିବା ସୂଚନା ଅନୁସାରେ, ପୁନିତ ର ଘର ଛତିଶଗଡର ସୁକୁମା ଜିଲ୍ଲା ମଙ୍ଗଳପୁର ଗାଁରେ ବୋଲି ଜଣାପଡିଛି । ତାକୁ ୧୦ ବର୍ଷ ବୟସ ହୋଇଥିବା ବେଳେ ମାଓବାଦୀ ମାନେ ତାକୁ ଉଠାଇ ନେଇଥିଲେ । ୧୯ ବର୍ଷ ପୂର୍ବେ ତାକୁ ନେଇ ମାଓ ସଂଗଠନରେ ତାଲିମ ଦେବା ସହିତ ମାଓ ସଂଗଠନର ନୀତି ନିୟମର ତାଲିମ ଦେଇଥିଲେ । ଏହି ସମୟ ମଧ୍ୟରେ ସେ କିସ୍ତାରାମ ଏରିଆ କମିଟି, ସିତାନଦୀ ଏଲଓଏସ, ଉଡାନ୍ତି ଏଲଓଏସ, ମଣିପୁର ଏଲଜିଏସ, ଛତିଶଗଡ ବର୍ଡରର ଧର୍ମବନ୍ଧ ପ୍ଲାଟୁନ ଏବଂ ବର୍ତ୍ତମାନ ସେ ମାଓ ସଂଗଠନ କେକେବିଏନ ଡିଭିଜନର ୮ମ ପ୍ଲାଟୁନର କମାଣ୍ଡର ବାବରେ କାର୍ଯ୍ୟରତ ଥିଲା । ତା ନାମରେ କନ୍ଧମାଳ, ବୌଦ୍ଧ, ଛତିଶଗଡ ଆଦି ଅଂଚଳରେ ୧୭ଟି ବିଭିନ୍ନ ହିଂସା ଓ ଆପରାଧିକ ମାମଲା ରହିଛି । ଏହା ସହିତ ସେ ଛତିଶଗଡ ବର୍ଡରରେ ମଧ୍ୟ ଅଧିକ ହିଂସାତ୍ମକ ମାମଲାରେ ସାମିଲ ଥିବା ନେଇ ପୋଲିସ ଅନୁମାନ କରୁଛି ବୋଲି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି । ଦୀର୍ଘ ବର୍ଷ ପରେ ତାଲିମ ବେଳେ ତାକୁ କୁହାଯାଇଥିବା ମୁତାବକ ସଂଗଠନରେ ନୀତି ଆଦର୍ଶ ନଥିବା ଏବଂ ସଂଗଠନରେ ମହିଳା ମାନଙ୍କୁ ନିର୍ଯ୍ୟାତନା ଦିଆଯିବା ସହିତ ଚାନ୍ଦା ଆଦାୟ, ନିରୀହ ମାନଙ୍କୁ ହତ୍ୟା କରାଯିବାଏବଂ ଗଞ୍ଜେଇ ଚାଲାଣ ଭଳି ଅସାମାଜିକ କାର୍ଯ୍ୟକଳାପ ଯୋଗୁଁ ତଥା କନ୍ଧମାଳ ଜିଲ୍ଲାରେ ଲଗାତାର ଭାବରେ ପୋଲିସର କୁମ୍ବିଙ୍ଗ ଏବଂ ମାଓ ପୋଲିସ ଗୁଳି ବିନିମୟ, ସଂଗଠନର ପଦସ୍ଥ କ୍ୟାଡର ମାନଙ୍କର ମହିଳା ମାନଙ୍କ ଉପରେ ଯୌନ ନିର୍ଯ୍ୟାତନା, ତଳିଆ କ୍ୟାଡର ମାନଙ୍କ ଉପରେ ଅତ୍ୟାଚାର ଓ ଅସଦବ୍ୟବହାର, କନ୍ଧମାଳ ଜିଲ୍ଲାରେ ଅଧିକ ସୁରକ୍ଷା କର୍ମୀ ନିୟୋଜନ ହେବା, ଲଗାତାର ଭାବରେ ଅଚାନକ ପୋଲିସ ଭୟ ସମେତ ଗଞ୍ଜେଇ ଚାଲାଣକାରୀଙ୍କ ଠାରୁ ଟଙ୍କା ଆଦାୟ କରି ସେମାନଙ୍କୁ ସୁରକ୍ଷା ଦେବା ଏବଂ ନିର୍ବାଚନ ସମୟରେ ନିରୀହ କର୍ମଚାରୀ ମାନଙ୍କ ଉପରେ ସଂଗଠନର ଟାର୍ଗେଟକୁ ନାପସନ୍ଦ କରିବା ସହିତ ସେ ସରକାରଙ୍କର ଆତ୍ମସମର୍ପଣ ଯୋଜନାରେ ମାଓବାଦୀ ମାନଙ୍କ ପାଇଁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ସୁଯୋଗରେ ଆକୃଷ୍ଟ ହୋଇ ସେ ଆତ୍ମସମର୍ପପଣ କରିଥିବା ନେଇ ଗଣମାଧ୍ୟମକୁ କହିଛି ।

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ଓ ବିଭିନ୍ନ କେନ୍ଦ୍ର ପରିଦର୍ଶନ

ପୁରୀ, ୦୮/୫ (ନି.ପ୍ର): ୧୦୫-କାକଟପୁର ଓ ୧୦୬-ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସରୋଜ କୁମାର ପୁରୀରେ ପହଂଚି ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସର୍କିଟ ହାଉସ ଠାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର ମନିଷା ଷଡ଼ଙ୍ଗୀ ଜିଲ୍ଲାରେ ନିର୍ବାଚନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ଗଠନ ହୋଇଥିବା ବିଭିନ୍ନ ମନିଟରିଂ ଟିମ୍ ସମ୍ପର୍କରେ ଅବଗତ କରାଇଥିଲେ। ପରେ ସମ୍ପୃକ୍ତ ଟିମ ସଦସ୍ୟଙ୍କ ସହ ଶ୍ରୀ କୁମାର ଆଲୋଚନା କରିଥିଲେ। ଏହାପରେ ପର୍ଯ୍ୟବେକ୍ଷକ ଶ୍ରୀ କୁମାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଚାଲୁଥିବା ଏମସିଏମସି କେନ୍ଦ୍ରକୁ ପରିଦର୍ଶନ କରିବା ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝି ଥିଲେ। ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର ମଧ୍ୟ ଏମସିଏମସି କେନ୍ଦ୍ର ବୁଲି ଦେଖିବା ସହ ପରିଚାଳନା ସମ୍ପର୍କରେ ବିବିଧ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝି ଥିଲେ। ବିଭିନ୍ନ ପ୍ରିଂଟ ମିଡ଼ିଆ, ଇଲେକ୍ଟ୍ରୋନିକ ମିଡିଆ, ସୋସିଆଲ ମିଡିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକ ମାନଙ୍କୁ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ପେଡ ନିଉଜ ଗୁଡିକ ଅନୁଧାନ କରି ଇସିଆଇର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏମସିଏମସିର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ପରେ ପର୍ଯ୍ୟବେକ୍ଷକ ସଦଭାବନା ସଭାଗୃହରେ ଚାଲୁଥିବା ଆଦର୍ଶ ଆଚରଣ ବିଧି ସେଲ କୁ ପରିଦର୍ଶନ କରିଥିଲେ। ଲିଆସନିଙ୍ଗ ଅଫିସର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ସମର୍ଥା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପର୍ଯ୍ୟବେକ୍ଷକଙ୍କୁ ସହଯୋଗ କରିଥିଲେ।

# ଭବାନୀପାଟଣାସ୍ଥିତ ହୋଟେଲ ଭାଗିରଥି ଇନଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ଭବାନୀପାଟଣା, ୦୮/୫ (ନି.ପ୍ର): ଭବାନୀପାଟଣାଠାରେ ଭାରତୀୟ ଜନତା ପାର୍ଟି ତରଫରୁ ଭବାନୀପାଟଣା ଘୋଡ଼ାଘାଟ ଛକ ନିକଟସ୍ଥ ଭାଗିରଥି ଇନନ ହୋଟେଲ କନଫରେନ୍ସ ହଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଜୁ ଜନତା ଦଳ ର ବିଫଳତା ଉପରେ ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳ ଆଲୋକପାତ କରିବା ସହିତ ଭାରତୀୟ ଜନତା ଦଳ ର ସଫଳତା କୁ ନେଇ ମତବ୍ୟକ୍ତ କରିଥିବା ବେଳେ ୨୦୨୪ ନିର୍ବାଚନ ପାଇଁ ଏକ ଘୋଷଣା ପତ୍ର ବିଷୟରେ ଅବଗତ କରେଇଥିଲେ, ସେ କହିଲେ ଯଦି ବିଜେପି ସରକାର ଗଠନ ହୁଏ ତାହା ହେଲେ ଧାନ ର ଏମ ଏସ ପି ମୂଲ୍ୟ ୩୧୦୦ ଟଙ୍କା କରିଦେବା ସହିତ ଧାନରେ ୨ ହଉଥିବା କଟଣୀ ଓ ଟୋକାନ ବନ୍ଦ କରିଦିଆଯିବ ! ପ୍ରତେକ ଚାଷୀ ଧାନ କିପରି ସୁବିଧାରେ ବିକ୍ରୟ କରି ଲାଭବାନ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ, ତତ ସହିତ କେବିକେ ଅଂଚଳରେ ହଉଥିବା ଧଳା ସୁନା କୁ ନେଇ କଳାହାଣ୍ଡି ଓ ବରଗଡ ଜିଲ୍ଲା ରେ ଏକ ଉତ୍ପାଦନ ସ୍ପିନ୍ନିଙ୍ଗ ହୁବ ତିଆରି କରାଯିବ ଯେଉଁଥିରେ କି ବୁଣାକାର ସମାଜ ର ଉନ୍ନତି ହୋଇପାରିବ, ତତ ସହିତ ଓଡିଶା ରେ ସ୍କୁଲ, କଲେଜ, ହସ୍ପିଟାଲ ମାନଙ୍କରେ ଖାଲି ଥିବା ପଦ ଓ ପଦବୀ ୨ ବର୍ଷ ମଧ୍ୟରେ ସପୂର୍ଣ୍ଣ ପୂରଣ କରାଯିବ, ଏତତଃ ବ୍ୟତୀତ ବିଭିନ୍ନ ଘରେଇ ସଂସ୍ଥା ମାନଙ୍କରେ ନିଯୁକ୍ତି ପ୍ରଦାନ କରିଯିବ ବୋଲି ଉଲ୍ଲେଖ କରିଥିଲେ।
ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ଆର୍ତତ୍ରାଣ ମହାପାତ୍ର, ଭବାନୀପାଟଣା ବିଧାୟକ ପାର୍ଥି ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଭୋବେନ୍ଦ୍ର ପଣ୍ଡା, କଳାହାଣ୍ଡି ଜିଲ୍ଲା ପ୍ରଭାରୀ ଶ୍ରୀ ରମେଶ ସାହୁ, ଜିଲ୍ଲା ସହ ସମ୍ପାଦକ ଜୟ ଶଙ୍କର ନାଏକ, ଜିଲ୍ଲା ଯୁବ ସଭାପତି ବିକା ଯାଦବ ସାହୁ, ଉପସ୍ଥିତ ଥିବା ବେଳେ କଳାହାଣ୍ଡି ଲୋକସଭା ସମ୍ବାଦିକ ସଂଯୋଜକ ଶ୍ରୀ ଆନନ୍ଦ କୁମାର ପାତ୍ର ମଂଚ ପରିଚାଳନା କରିଥିଲେ, ସଭା ଶେଷରେ ଶ୍ରୀ ମହାପାତ୍ର ସମସ୍ତ ସମ୍ବାଦିକ ସମ୍ମିଳନୀ ଏହା କହିଥିଲେ ଯେ ଆସନ୍ତା କାଲି ଭବାନୀପାଟଣା ସ୍ଥିତ ଲାଲ୍‌ବାହାଦୁର ଷ୍ଟାଡିୟମ ରେ ଏକ ବିଶାଳ ଜଣ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶହେବ ର କାର୍ଯ୍ୟକ୍ରମ ରହିଥିବା ପ୍ରକାଶ ।

# ନିର୍ବାଚନ ସକାଶେ ରାଜନୈତିକ ଦଳର ପ୍ରାର୍ଥୀ/ପ୍ରାର୍ଥୀଙ୍କ ପ୍ରତିନିଧି ମାନଙ୍କ ସହ ଆଲୋଚନା

ଝାରସୁଗୁଡ଼ା, ୦୮/୫ (ନି.ପ୍ର): ନିର୍ବାଚନ ସକାଶେ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ଜେ. ମଞ୍ଜୁନାଥ ଜିଲ୍ଲାର ଦୁଇ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରୁଥିବା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ/ପ୍ରାର୍ଥୀଙ୍କ ପ୍ରତିନିଧି ମାନଙ୍କ ସହ ଆଲୋଚନା ପୂର୍ବକ ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ଦିଗରେ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ପର୍ଯ୍ୟବେକ୍ଷକ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନରେ ବିଶୃଙ୍ଖଳା ସୃଷ୍ଟିକାରୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପର୍ଯ୍ୟବେକ୍ଷକ ସତର୍କ କରାଇଥିଲେ। ଗଣତନ୍ତ୍ରର ପର୍ବ ନିର୍ବାଚନର ସଫଳ ପରିଚାଳନା ପାଇଁ ଆଦର୍ଶ ଆଚରଣ ବିଧିର ଅନୁପାଳନ ଉପରେ ପର୍ଯ୍ୟବେକ୍ଷକ ଗୁରୁତ୍ୱ ଆରୋପ କରିଥିଲେ। ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ପର୍ଯ୍ୟବେକ୍ଷକଙ୍କୁ ମୋବାଇଲ ନମ୍ବର ୯୪୩୭୮୧୧୯୫୩ ଯୋଗେ ଯୋଗାଯୋଗ କରାଯାଇପାରିବ ବୋଲି ବୈଠକରେ ସୂଚିତ କରାଯାଇଛି ।ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଆବୋଲୀ ସୁନୀଲ ନରଓ୍ୱଣେ ଜିଲ୍ଲାର ୫୧୫ ବୁଥ୍ ମଧ୍ୟରୁ ୩୦୯ଗୋଟି ବୁଥ୍ ରେ ଓ୍ୱେବ କାଷ୍ଟିଙ୍ଗ କରାଯିବା ନେଇ ସୂଚନା ଦେବା ସହ ପ୍ରାର୍ଥୀମାନେ ଶତ ପ୍ରତିଶତ ମତଦାନ ପାଇଁ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସହଯୋଗ କାମନା କରିଥିଲେ। ମତଦାନ କେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା ସହ ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ମାନଙ୍କ ମତଦାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ଇଭିଏମ୍ ଭିଭିପାଟ କମିଶନିଂ, ଏଫ ଏଲ ସି, ସିମ୍ବଲ ଲୋଡିଂ, ମକ୍ ପୋଲ୍ ଓ ରେଣ୍ଡମାଇଜେସନ ତଥା ଶୋଭାଯାତ୍ରା, ଗାଡି ଓ ନିର୍ବାଚନୀ ପ୍ରଚାର ପାଇଁ ବିଭିନ୍ନ ପ୍ରିଂଟିଂ ପାଇଁ ଆବଶ୍ୟକୀୟ ଆଗୁଆ ଅନୁମତି ନେବା ବିଷୟରେ ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯାଇଥିଲା। ରୌଦ୍ରତାପ ଓ କାଳ ବୈଶାଖୀକୁ ଦୃଷ୍ଟିରେ ରଖି ନିର୍ବାଚନ ନେଇ ପ୍ରସ୍ତୁତି ବିଷୟରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ଭୋଟରମାନେ ମତଦାନ କେନ୍ଦ୍ରକୁ ଆସିବା ବେଳେ ପରିଚୟ ପତ୍ର ସହ ସମସ୍ତେ ଗ୍ରୀଷ୍ମପ୍ରବାହ ପାଇଁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଯେପରି ଗାମୁଛା, ପାଣିବୋତଲ, ଛତା ଓ ଚପଲ ଆଦି ସାଙ୍ଗରେ ଆଣିବାକୁ ନ ଭୁଲନ୍ତି ସେଥିପାଇଁ ସଚେତନତା ସୃଷ୍ଟି ପାଇଁ ପ୍ରାର୍ଥୀମାନଙ୍କ ସହଯୋଗ କାମନା କରାଯାଇଥିଲ। ବ୍ରଜରାଜନଗର ଓ ଝାରସୁଗୁଡ଼ା ଉଭୟ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪୦୦ ଜଣ ପଂଚାଅଶୀ ବୟସରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ଚାଳିଶ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଭୋଟରଙ୍କ ଘରକୁ ଯାଇ ଭୋଟ ସଂଗ୍ରହ କରାଯିବ। ମତଦାନ କେନ୍ଦ୍ରରେ ଗର୍ଭବତୀ ମହିଳା ଓ ଛୋଟ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲଙ୍କ ସମେତ ବିଭିନ୍ନ ଦଳୀୟ ଓ ନିର୍ଦଳୀୟ ପ୍ରାର୍ଥୀ, ପ୍ରାର୍ଥୀଙ୍କ ପ୍ରତିନିଧିଗଣ ଉପସ୍ଥିତ ଥିଲେ ।

# ଅଧ୍ୟାପକ ସଞ୍ଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ଉନ୍ମୋଚିତ ହେଲା 'ଅଲିଭା ସ୍ମୃତି ଗ୍ରନ୍ଥ'



ବାଲେଶ୍ୱର , ୦୮/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଥାନା ଅନ୍ତର୍ଗତ ଖୁଲୁଡ଼ା ଗ୍ରାମର ସ୍ୱାଧୀନତାସଂଗ୍ରାମୀ ୰ କାର୍ତ୍ତିକ ଚନ୍ଦ୍ର ମହାନ୍ତି ଏବଂ ୰ ସୁମିତ୍ରା ମହାନ୍ତିଙ୍କର ସୁପୁତ୍ର ଅଧ୍ୟାପକ ସଞ୍ଜୟ କୁମାର ମହାନ୍ତିଙ୍କର ଆକସ୍ମିକ ବିୟୋଗର ଏକବର୍ଷ ପୂର୍ତ୍ତିରେ ତାଙ୍କ ଖୁଲୁଡ଼ା ଗ୍ରାମସ୍ଥିତ ବାସଭବନରେ ଏକ ସ୍ମୃତିସଭା ସହ ତାଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ସ୍ମୃତିଗ୍ରନ୍ଥ 'ଅଲିଭା ସ୍ମୃତି'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ୰ ମହାନ୍ତିଙ୍କ ଶିକ୍ଷାଗୁରୁ ନବେବର୍ଷର ଅବସରପ୍ରାପ୍ତ ଅଧ୍ୟକ୍ଷ, ପଣ୍ଡିତ ରବିନାରାୟଣ ରଥଶର୍ମା ଏଥିରେ ସଭାପତିତ୍ୱ କରି ତାଙ୍କର ଏକଦା ପ୍ରିୟତମ ମେଧାବୀ ଛାତ୍ରଥିବା ଅଧ୍ୟାପକ ସଞ୍ଜୟ କୁମାର ମହାନ୍ତିଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ପୁତ୍ର ମାତୃପ୍ରସାଦ ମହାନ୍ତି ତାଙ୍କ ବାପାଙ୍କର ଆକସ୍ମିକ ବିୟୋଗ ପରେ ପ୍ରକାଶ ପାଉଥିବା ସ୍ମୃତିଗ୍ରନ୍ଥ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ତାଙ୍କ ବଡ଼ଭାଇ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଅନୁବାଦକ ଡକ୍ଟର ବିଜୟ କୁମାର ମହାନ୍ତି ସାନଭାଇର ଅକାଳବିୟୋଗ ଜନିତ ଶୂନ୍ୟତାକୁ ଭିତ୍ତିକରି ତାଙ୍କ ଭାଇଙ୍କ ଗୁଣମୁଗ୍ଧ ଛାତ୍ରଛାତ୍ରୀ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖାଯାଇଥିବା ଏହି ସ୍ମୃତିଗ୍ରନ୍ଥ ଜରିଆରେ ସେ ବହୁକାଳ ପର୍ଯ୍ୟନ୍ତ ଲୋକଲୋଚନରେ ଜିଇଁ ରହିବେ ବୋଲି ମତବ୍ୟକ୍ତ କରିଥିବାବେଳେ ଏଥିରେ ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଣ୍ଡିତ ଦେବେନ୍ଦ୍ର ନାଥ ଭୂୟାଁ, ଡକ୍ଟର ଗୁରୁପ୍ରସାଦ ରାଉଳ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ କବି କାଳୀପଦ ପଣ୍ଡା, ଉମାକାନ୍ତ ସୀଟ, ତୁଷାରକାନ୍ତି ଦାସମହାପାତ୍ର, ତ୍ରିଲୋଚନ ଦାସମହାପାତ୍ର, ମିଳନ କିଶୋର ମାଇତି, ଭାଗବତ ଚନ୍ଦ୍ର ଦାସମହାପାତ୍ର ଏବଂ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିବେକାନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଗ୍ରନ୍ଥ ଉନ୍ମୋଚନ କରିବା ସହ ଛାତ୍ରବତ୍ସଳ ଓ ପରୋପକାରୀ ଅଧ୍ୟାପକ ସଞ୍ଜୟଙ୍କ ବ୍ୟକ୍ତିତ୍ୱର ଦିଗଦିଗନ୍ତ ସମସ୍ତଙ୍କୁ ଆକର୍ଷିତ କରିଥାଏ ବୋଲି ବର୍ଣ୍ଣନା କରିଥିଲେ। ଶେଷରେ ଦେବବ୍ରତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିସଭାରେ ଅଞ୍ଚଳର ଶହଶହ ଜନସାଧାରଣ ଯୋଗଦାନକରି ଅଧ୍ୟାପକ ସଞ୍ଜୟ କମ୍ମାର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶାକାନ୍ନ ଭୋଜନରେ ଆପ୍ୟାୟିତ ହୋଇଥିଲେ।

# ସମ୍ବଲପୁରରେ ଘର ଘର ବୁଲି ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୦୮/୫ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସମ୍ବଲପୁରର କୁଞ୍ଜେଲପଡ଼ାରେ ଡୋର୍ ଟୁ ଡୋର୍ କ୍ୟାମ୍ପେନ କରିବା ସହ ରାଜ୍ୟରେ ବିଜେପି ସରକାର ଗଠନ କରିବା ପାଇଁ ଭୋଟ୍ ଦେବାକୁ ଜନସାଧାରଣ ମାନଙ୍କୁ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ ଆଜି ସକାଳୁ ସମ୍ବଲପୁର କୁଞ୍ଜେଲପଡ଼ାରେ ଘର ଘର ବୁଲି ମୋଦୀ ଗ୍ୟାରେଣ୍ଟିର ଲିଫଲେଟ୍ ବିତରଣ କରିଛନ୍ତି । ଲୋକମାନଙ୍କୁ ମୋଦୀଙ୍କ ବାର୍ତ୍ତା ଉପରେ କହିବା ସହ ଓଡ଼ିଶା ବିଜେପିର ସଂକଳ୍ପ ପତ୍ର ଉପରେ ମଧ୍ୟ ଆଲୋଚନା କରିଛନ୍ତି । ପ୍ରଚାର କାଳରେ ଶ୍ରୀ ପ୍ରଧାନ କୁଞ୍ଜେଲପଡା ସ୍ଥିତ ବୁଢି ମାଆ ଗଳିରେ ଥିବା ସ୍ଥାନୀୟ ମିଞ୍ଜୁ କାକାଙ୍କ ଦୋକାନରୁ କାର୍ଯ୍ୟକର୍ତ୍ତାଙ୍କ ସହ ସରସତିଆର ମଜା ନେଇଥିଲେ। ସ୍ଥାନୀୟ ଦୋକାନରୁ କାର୍ଯ୍ୟକର୍ତ୍ତାଙ୍କ ସାଥୀରେ ଚାଉଳ ବରା ଖାଇବା ସହ କିଶୋର ଦଣ୍ଡସେନାଙ୍କ ଦୋକାନରୁ ଚା' ପିଇଥିଲେ । ଏହି ଅବସରରେ ସ୍ଥାନୀୟ ଲୋକଙ୍କ ସହ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି କୁଞ୍ଜେଲପଡା ହେଉଛି ରାଜନୈତିକ ଚର୍ଚ୍ଚା ଓ ଆଲୋଚନାର ଏକ ମଞ୍ଚ । କୁଞ୍ଜେଲ ସିଂହଙ୍କ ବୀରତ୍ୱପୂର୍ଣ୍ଣ ସଂଘର୍ଷ ଏଠାରେ ହୋଇଥିଲା । ଆଜି ଘର ଘର ବୁଲି ଲୋକଙ୍କ ଆଶୀର୍ବାଦ ନେବାର ସୁଯୋଗ ଲାଭ କଲି । ଲୋକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଓ ବିଜେପିକୁ ନେଇ ସ୍ନେହ, ଶ୍ରଦ୍ଧା, ବହୁତ ଉତ୍ସାହ ଓ ସମର୍ଥନ ଅଛି । ପ୍ରଧାନମନ୍ତ୍ରୀ ଏବଂ ଦଳର ନେତୃତ୍ୱ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଛି । ମୋଦୀ ଗ୍ୟାରେଣ୍ଟି ଲୋକଙ୍କ ଜୀବନକୁ ସହଜ ଓ ସରଳ କରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ସକାର ହୋଇ ପାରିବ ବୋଲି ସମସ୍ତଙ୍କ ଆଗାଢ ବିଶ୍ୱାସ ରହିଛି । ଐତିହାସିକ କୁଞ୍ଜେଲପଡାର ଜନମତ ଓଡ଼ିଶାରେ ବିଜେପି ସରକାରର ବଡ ସଙ୍କେତ ଦେଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସାଥୀରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ଓ ଅନ୍ୟ ନେତୃବୃନ୍ଦ ଥିଲେ ।

# କପ୍ତିପଦା ଡିଗ୍ରୀ କଲେଜ ନୂଆସାହିରେ ବିଶ୍ୱ ରେଡକ୍ରସ ଦିବସ ପାଳିତ




କପ୍ତିପଦା, ୦୮/୫ (ନି.ପ୍ର): କପ୍ତିପଦା ଡିଗ୍ରୀ କଲେଜ ନୂଆସାହିରେ ବିଶ୍ୱ ରେଡକ୍ରସର ପ୍ରତିଷ୍ଠାତା ସାର ଜନ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସ 'ବିଶ୍ୱ ରେଡକ୍ରସ ଦିବସ' ପାଳିତ ହୋଇଯାଇଛି। ଆହତ ଓ ପୀଡିତ ମଣିଷଙ୍କର ତ୍ୟାଗ ପୂର୍ଣ୍ଣ ଜୀବନର କାହାଣୀକୁ ଉପସ୍ଥିତ ବକ୍ତାମାନେ ଉପସ୍ଥାପନ କରିଥିଲେ। ଯୁବ ରେଡକ୍ରସ କାଉନ୍ସିଲର ଅଧ୍ୟାପକ ଚନ୍ଦ୍ର ମୋହନ ପରିଡାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିଭୁ ରଞ୍ଜନ ବିଶ୍ୱାଳ, ରତିକାନ୍ତ ମହାନ୍ତି, ଗୌର ଚନ୍ଦ୍ର ଆରୁଖଙ୍କ ସହ ସତୀନ୍ଦ୍ର ମହାକୁଡ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀ ମାନେ ଆଜିର ଦିନରେ ସେବାକୁ ଜୀବନର ବ୍ରତ କରିବେ ବୋଲି ଶପଥ ନେଇଥିଲେ। ସ୍ୱେଚ୍ଛାସେବୀ ମାନସୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପଳାଶୁଣିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା: ଦମ୍ପତି ମୃତ

ଭୁବନେଶ୍ୱର, ୦୮/୫ (ନି.ପ୍ର): ପଳାଶୁଣିରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି । ଆଜି ସକାଳେ ପଳାଶୁଣୀଠାରେ ଦୁଇ ପୁରୁଷ ଓ ମହିଳା ରାସ୍ତା ପାରି ହେଉଥିବାବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଏପରିକି ଗାଡ଼ିର ବେଗ ଏତେ ଅଧିକ ଥିଲା ଯେ ଦୁର୍ଘଟଣା ପରେ ନ ରୋକି ଉକ୍ତ ବ୍ୟକ୍ତି ଜଣଙ୍କୁ ପଳାଶୁଣୀରୁ ସତ୍ୟବିହାର ଯାଏଁ ଘୋଷାଡ଼ି ନେଇଥିଲା। ଫଳରେ ଦୁହିଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଉଭୟେ ଦମ୍ପତି ବୋଲି ଜଣାଯାଇଛି। ଟ୍ରକଟି ଭୁବନେଶ୍ୱରରୁ କଟକ ଯାଉଥିବା ବେଳେ ଏହି ଅଘଟଣ ଘଟିଛି।

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଓ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା



ବାରିପଦା, ୦୮/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ ସଭାବନା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୟୂରଭଞ୍ଜ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନେହା (ଭା.ରା.ସେ), ବିକ୍ରମ ଏ ଦୋଡ୍ଡମଣୀ(ଆଇ ଡି ଏ ଏସ) ଓ ବିନୋଦ ସି(ଆଇ ଏ ଏଣ୍ଡ ଏସ ), ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ (ଭା.ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ (ଭା.ପ୍ର.ସେ.) ଙ୍କ ଉପସ୍ଥିତିରେ ସାମୁହିକ ଭାବେ ଅଧ୍ୟକ୍ଷତା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ସିନ୍ଧେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବଡ଼ସାହି ଏ. ବି. ଡି. ଓ. ଶ୍ରୀ ଶରତ ଚନ୍ଦ୍ର ମହାନ୍ତି ନିର୍ବାଚନ କମିଶନ ଙ୍କ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ନିର୍ବାଚନ ଖର୍ଚ୍ଚର ସୁପରିଚାଳନା ସମ୍ବନ୍ଧରେ ଜିଲ୍ଲକ୍ଷରେ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଉପରେ ବିଶଦ ଭାବେ ଉପସ୍ଥାପନ କରିଥିଲେ. ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟର୍ ଙ୍କ ସୁବିଧା, ବୁଥ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇ ଭି ଏମ ପ୍ରସ୍ତୁତି,ପୋଲିଂ ଅଧିକାରୀ,ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି ଭିଜିଲ ରିପୋର୍ଟ, ଏମ ସି ଏମ ସି ରିପୋର୍ଟ, ପୋଷ୍ଟଲ ବାଲାଟ , ହୋମ ଭୋଟିଂ, ସମ୍ବେଦନଶିଳ ବୁଥ,ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ,ଫ୍ଲାଇଙ୍ଗ ସ୍କ୍ୱାଡ୍, ଏସ ଏସ ଟି, ସି ଜି ଏସ. ଟି ବିଭାଗ ,ଆୟକର ବିଭାଗ, ବ୍ୟାଙ୍କ କର୍ତୃପକ୍ଷ ପୋଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା କି କି ପଦକ୍ଷେପ ନିଆଯାଉଛି ସେ ବିଷୟରେ ପଚାରି ବୁଝିଥିଲେ ଏବଂ ବିଭାଗୀୟ ସମନ୍ୱୟ ଓ ମିଳିତ ଉଦ୍ୟମ ରେ ହିଁ ନିର୍ବାଚନ କାର୍ଯ୍ୟ ସଫଳ ହେବ ବୋଲି ଆଶା ବ୍ୟକ୍ତ କରିବା ସହ ସମ୍ପୃକ୍ତ ଅଧିକାରୀ ଓ ଟିମ କୁ ତତ୍ପର ରହିବା ପାଇଁ ପରାମର୍ଶ ଦେଇଥିଲେ ।ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଆସିଲେ ତୁରନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନଜରକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାର ର୍ନ୍ଦିଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଚଳିତ ମାସ ୨୫ ତାରିଖରେ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଏବଂ ୧ ତାରିଖରେ ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀ ମାନଙ୍କରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରିଟର୍ଣ୍ଣିଙ୍ଗ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମହାରଣା, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର , ଏଲ. ଡି. ଏମ. ଶିବ ପ୍ରସାଦ ଚୌଧୁରୀ, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ, ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ, ଡେପୁଟି କଲେକ୍ଟର ଡଃ ଶୁଭଙ୍କରୀ ଦାଶ, ଡେପୁଟି କଲେକ୍ଟର (ନିର୍ବାଚନ) ଦୁର୍ଗାଚରଣ ମୁର୍ମୁ ଓ ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଇରଙ୍ଗପୁର ଶ୍ରୀ ବିକାଶ ମହାନ୍ତି ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଭୋଟ ଦେବା, ଗଣତନ୍ତ୍ରକୁ ବଂଚାଇ ରଖିବା : ପ୍ରମିଳା ପଣ୍ଡା



ଉଦଳା , ୦୮/୫ (ନି.ପ୍ର): ଆମ ଦେଶର ନିର୍ବାଚନ ବ୍ୟବସ୍ଥା ଆଜିସାରା ବିଶ୍ୱବାସିଙ୍କ ପାଇଁ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟି ଯାଇଛି ବୋଲି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କହିଛନ୍ତି । ଖାଲି ସେତିକି ନୁହେଁ ଏତେଗୁଡ଼ିଏ ଭାଷା ଓ ସଂସ୍କୃତିକୁ ବଂଚାଇ ରଖିବା ପାଇଁ ସାମ୍ବିଧାନିକ ସ୍ୱିକୃତି ପ୍ରଦାନ ପରେ ଏଠାରେ କିପରି ଗଣତନ୍ତ୍ର ବଂଚି ରହିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି । ସ୍ୱାଧିନତାର ଦିର୍ଘ ୭୬ ବର୍ଷ ମଧ୍ୟରେ ଆମ ଦେଶରେ ସାମରିକ ବିଦ୍ରୋହ ଆଦୌ ଘଟିନାହିଁ । ଗଣତନ୍ତ୍ରକୁ ସମସ୍ତେ ସମ୍ମାନ ଦେଇ ଆସୁଥିବା ବେଳେ ଏହାକୁ ବଂଚାଇ ରଖିବା ପାଇଁ ସବୁ ମହଲର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଛନ୍ତି । ପୃଥିବୀର ସର୍ବବୃହତମ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ଭାବରେ ଆମେ ନିଜକୁ ଗର୍ବ ଅନୁଭବ କରୁ ବୋଲି କହିବା ସହିତ ଗଣତନ୍ତ୍ରକୁ ବଂଚାଇ ରଖିବାକୁ ହେଲେ ସମସ୍ତଙ୍କୁ ଭୋଟ ଦେବାକୁ ସେ ଅନୁରୋଧ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶାରେ ଏଥର ...

ଦୁର୍ନୀତି ହଟାଇଥିଲା କି ? କଂଗ୍ରେସ ଶାସନରେ ଭ୍ରଷ୍ଟାଚାର ବଢ଼ିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି କହିଥିଲେ ଯେ ଦିଲ୍ଲୀରୁ ଶହେ ପଇସା ଗଲେ ଲୋକଙ୍କ ପାଖରେ ୧୫ ପଇସା ପହଞ୍ଚୁଛି। କିନ୍ତୁ ଭ୍ରଷ୍ଟାଚାର ନା ସମାପ୍ତ କରିଲେ ନା ରୋକିପାରିଲେ। କିନ୍ତୁ ଜନଧନ ଜରିଆରେ ମୋଦି ଭ୍ରଷ୍ଟାଚାର ହଟାଇଛନ୍ତି। ପୂର୍ବେ ଅନ୍ତର୍ଜାତୀୟ ମଞ୍ଚରେ ଆମ ନେତାଙ୍କୁ ଗୁରୁତ୍ୱ ମିଳୁ ନଥିଲା। ବର୍ତ୍ତମାନ ମୋଦିଙ୍କ ସମୟରେ ଭାରତର ଗୁରୁତ୍ୱ ବଢ଼ିଛି।" ମୋଦିଙ୍କ ଗୁରୁତ୍ୱ କେମିତି ବିଶ୍ୱରେ ବଢ଼ିଛି, ତା'ର ଉଦାହରଣ ଦେବାକୁ ଶ୍ରୀ ସିଂହ ରୁଷିଆ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, "କଠିନ ସମୟରେ ପ୍ରାୟ ୨୫ ହଜାର ଭାରତୀୟ ଛାତ୍ରଛାତ୍ରୀଙ୍କୁ ୟୁକ୍ରେନରୁ ସ୍ୱଦେଶ ଅଣାଯାଇଥିଲେ। ଘମାଘୋଟ ଯୁଦ୍ଧ ମଧ୍ୟରେ ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ କଥା ହୋଇ ଯୁଦ୍ଧ ବନ୍ଦ କରିବାକୁ କହିଥିଲେ। ମୋଦିଙ୍କ ଫୋନ ପରେ ୪ ଘଣ୍ଟା ପାଇଁ ଯୁଦ୍ଧ ବନ୍ଦ ହୋଇଥିଲା। ଏହାପରେ ଭାରତୀୟଙ୍କୁ ଯୁଦ୍ଧ କ୍ଷତିଗ୍ରସ୍ତ ଅଞ୍ଚଳରୁ ଅଣାଯାଇଥିଲା। ଏହା ବର୍ତ୍ତମାନର ଭାରତ। ଏ ଭାରତ ଦୁର୍ବଳ ନୁହେଁ।" ରାଜନାଥ ସିଂହ କରୋନା ସମୟରେ ଭାରତର ଦକ୍ଷତା ବଖାଣିଛନ୍ତି। ସେ କହିଛନ୍ତି, ମହମାରୀ କରୋନା ବେଳେ ସମସ୍ତ ଆତଙ୍କିତ ହୋଇ ପଡ଼ି ଯାଇଥିଲେ। ବୈଜ୍ଞାନିକଙ୍କ ସହ କଥା ହୋଇ ମୋଦି କରୋନା ଟିକା ପ୍ରସ୍ତୁତ କଲେ। ଆମ ଦେଶର ଲୋକେ ଟିକା ନେବା ସହ ବିଦେଶକୁ ପଠାଗଲା। ୨୦୦୪ରେ ଭାରତର ସ୍ଥାନ ଅର୍ଥନୀତିରେ ଏକାଦଶ ଥିଲା। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପଞ୍ଚମ ସ୍ଥାନକୁ ଉନ୍ନୀତ ହେଲୁ। ୨୦୨୭ରେ ଆମ ଦେଶ ଟପ୍ ଥ୍ରୀ ଅର୍ଥନୀତି ଭାବେ ଉଭା ହେବ।

## ଅନୁଭବଙ୍କ ଆବେଦନ...

ପୁରୀଘାଟ ଥାନାରେ ଏତଲା ଦାଏର କରିଥିଲେ। ଅଭିଯୋଗର ତଦନ୍ତ କରି ପୁରୀଘାଟ ପୋଲିସ ଆଇପିସିର ଦଫା ୪୯୮ଇ/ ୩୪୧/ ୨୯୪/ ୫୦୬/ ୫୦୯/ ୧୦୯/୩୪ରେ ଚାର୍ଜଶିଟ ଦାଖଲ କରିଥିଲା। ତେବେ ଏସବୁ ଅଭିଯୋଗ ମିଥ୍ୟା ଦର୍ଶାଇ ମାମଲାରୁ ମୁକ୍ତି ପାଇଁ ଅନୁଭବ ଡିସଚାର୍ଜ ପିଟିସନ ଦାଏର କରିଥିଲେ। ଅନ୍ୟପଟେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୋଇସାରିଛି ଓ ସେମାନଙ୍କ ବିରୋଧରେ ବିଚାରଯୋଗ୍ୟ ତଥ୍ୟ ରହିଥିବା ଦର୍ଶାଇ ଡିସଚାର୍ଜ ପିଟିସନ ଖାରଜ କରିବାକୁ ସରକାରଙ୍କ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଗତକାଲି ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ସହ ବିଭିନ୍ନ ଦଲିଲକୁ ତର୍ଜମା କରି ଜେଏମଏଫସି କୋର୍ଟ ମାମଲାର ରାୟକୁ ସଂରକ୍ଷିତ ରଖିଥିଲେ। ଆଜି ରାୟ ପ୍ରକାଶ କରି ଡିସଚାର୍ଜ ପିଟିସନ ଖାରଜ କରିବା ସହ ଆସନ୍ତା ମେ ୧୦ ତାରିଖରେ ଚାର୍ଜଫ୍ରେମ ହେବ ବୋଲି କୋର୍ଟ କହିଛନ୍ତି।

## ମଳଦ୍ୱାରରେ ଆଣୁଥିଲେ...

ମୋଟ ୩.୭୭ କେଜିର ସୁନା ମିଳିଛି। ଏହାର ବଜାର ମୂଲ୍ୟ ୨.୭୯ କୋଟି ହେବ। ମିଳିଥିବା ତରଳ ସୁନାକୁ ଜବତ କରାଯାଇଛି ଓ ୪ ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଛି। କଷ୍ଟମ ଆକ୍ଟ ୧୯୬୨ ଆଧାରରେ ସମସ୍ତଙ୍କୁ ଗିରଫ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି।

## ଆଜି ୬ ଘଣ୍ଟା ବନ୍ଦ...

ଦଉ ମହାପାତ୍ର ସେବକମାନେ ଏହି ନୀତି କରିଥାନ୍ତି। ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏହା ସହ ଅନବସର ପିଣ୍ଡିରେ ଅନବସର ନୀତି ସହ ଜଡିତ କେତେକ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ସମ୍ପାଦନ କରାଯିବ। ଏଥିପାଇଁ ୪ଘଣ୍ଟା ବଦଳରେ ୬ଘଣ୍ଟା ଶ୍ରୀଜିଉଙ୍କର ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

## ଆତ୍ମସମର୍ପଣ କଲେ ୨...

ମାଓବାଦୀ କକଇଘ ଡିଭିଜନର ହୋଇଥିବା ବେଳେ ସେମାନେ ଛତିଶଗଡ଼ର ମୁଲେର ଗାଁର ଲୋକ। ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ଯୋଗି ମାଡ଼ବି ୨୦୧୯ରେ ସଙ୍ଗଠନର କାର୍ଯ୍ୟକର୍ତ୍ତା ଭାବେ ଯୋଗ ଦେଇଥିଲେ। ତାଙ୍କୁ କେକେବିଏନ୍ ଡିଭିଜନର ଅଷ୍ଟମ ଲିଡର ସିଲାର ସିକ୍ୟୁରିଟୀ ଗାର୍ଡ ଭାବେ ନିଯୁକ୍ତି ମିଳିଥିଲା। ୫ ବର୍ଷ ହେବ ବିଭିନ୍ନ ସ୍ଥାନରେ ସକ୍ରିୟ ଥିଲେ। ହେଲେ ପରବର୍ତ୍ତୀ ସମୟରେ ନକ୍ସଲ ସଙ୍ଗଠନ ଦ୍ୱାରା ବିଭିନ୍ନ ଅନୈତିକ ଗତିବିଧି ଦେଖିବାକୁ ମିଳିଥିଲା। କ୍ୟାମ୍ପରେ ମହିଳା କ୍ୟାଡଙ୍କୁ ଶାରୀରିକ ନିର୍ଯାତନା ଓ ଯୌନ ଉତ୍ପୀଡ଼ନର ଶିକାର ହେବାକୁ ପଡୁଥିଲା। ବଡ଼ ବଡ଼ ଠିକାଦାରଙ୍କୁ ଧମକାଇ ଅର୍ଥ ହଡ଼ପ, ଗଞ୍ଜେଇ ଚାଷ ତଥା ଚୋରା ଚାଲାଣକୁ ପ୍ରୋତ୍ସାହିତ କରିବା, ଗଞ୍ଜେଇ ମାଫିଆଙ୍କଠାରୁ ଟଙ୍କା ଆଣିବା ଓ ଯୁବକ, ବାଳକ ଓ ବାଳିକାମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସଂଗଠନରେ ମିଶାଇବା ଭଳି କାମ କରାଯାଉଛି। ଏଥିଯୋଗୁ ୯ ଜଣ ନକ୍ସଲ ଅସନ୍ତୋଷ ପ୍ରକାଶ କରି ସଂଗଠନ ଛାଡ଼ିଥିବା କହିଛନ୍ତି। ଏହା ବ୍ୟତୀତ ସେମାନେ କହିଛନ୍ତି ଯେ ଉଚ୍ଚ ପାହ୍ୟାରେ କାମ କରୁଥିବା ସଦସ୍ୟମାନେ ନିମ୍ନ ପାହ୍ୟାରେ ଥିବା ସଦସ୍ୟଙ୍କୁ ନିୟମିତ ଭାବେ ଅଶ୍ଳୀଳ ବ୍ୟବହାର କରି ଚାଲିଥିଲେ। ଏଥିପାଇଁ ସେମାନେ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ବେଶ ଖୁସି ବୋଲି କହିଛନ୍ତି।

## ବିବାଦ ପରେ ସାମ...

ମୋଦି ଏହାକୁ ପ୍ରସଙ୍ଗ କରି କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଘେରିଥିଲେ। ବିବାଦ ବଢୁଥିବାରୁ ସାମ ପିତ୍ରୋଡା ଆଜି କଂଗ୍ରେସର ଇଣ୍ଡିଆନ ଓଭରସିଜ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଦି ଷ୍ଟେଟମେନ୍‌କୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସାମ୍ ପିତ୍ରୋଡା ଭାରତୀୟଙ୍କ ରଙ୍ଗ ଓ ରୂପକୁ ନେଇ ବିବାଦୀୟ ବୟାନ ଦେଇଥିଲେ। ସେ ଭାରତକୁ ଏକ ବିବିଧ ଦେଶ ଭାବରେ ବର୍ଣ୍ଣନା କରିଥିଲେ। ପୂର୍ବୋତ୍ତର ଲୋକମାନେ ଚାଇନିଜ୍ ଓ ପଶ୍ଚିମ ଭାରତର ଲୋକମାନେ ଆରବ ଭଳି, ଉତ୍ତର ଭାରତରେ ଲୋକମାନେ ଗୋରା ଏବଂ ଦକ୍ଷିଣ ଭାରତରେ ଲୋକମାନେ ଆଫ୍ରିକୀୟ ପରି ଦେଖାଯାଆନ୍ତି ବୋଲି ସେ କହିଥିଲେ। ଏହାକୁ ନେଇ ଦିନ ତମାମ ବେଶ ବିବାଦ ଦେଖିବାକୁ ମିଳିଥିଲା।

## ଟଳମଳ ହରିଆଣାର...

କଂଗ୍ରେସ ଓ ଜେଜେପି ନାୟବ ସରକାରଙ୍କ ଫ୍ଲୋର ଟେଷ୍ଟ ଦାବି କରିଛି। ହରିଆଣା ବିଧାନସଭାରେ ମୋଟ ୯୦ଟି ଆସନ ରହିଛି। ଶାସକ ଦଳ ପାଖରେ ସାଂଖ୍ୟା ଗରିଷ୍ଠତା ଅନୁଯାୟୀ ୪୫ ବିଧାୟକ ସମର୍ଥନ ରହିବା ଉଚିତ। ବର୍ତ୍ତମାନ ନାୟବ ସିଂହ ସୈନି ସରକାରଙ୍କ ପାଖରେ ୪୩ ବିଧାୟକ ଥିଲେ। ଏଥିରୁ ୩ ବିଧାୟକ ନିଜ ସମର୍ଥନ ଫେରାଇ ନେବା ପରେ ତାଙ୍କ ପାଖରେ ଏବେ କେବଳ ୪୦ ବିଧାୟକ ଅଛନ୍ତି।

## ସମୂହ ଛୁଟିରେ ଗଲେ...

ଯୋଗାଯୋଗ କରିବାକୁ ଚେଷ୍ଟା କରାଯିବା ସତ୍ତ୍ୱେ ତାହା ସମ୍ଭବ ହୋଇ ପାରୁନି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଏନେଇ ଏୟାର ଇଣ୍ଡିଆ ପ୍ରବକ୍ତା କହିଛନ୍ତି, ଆମର ଶତାଧିକ କ୍ୟାବିନ କ୍ରୁ ମେମ୍ବର ଏକସଙ୍ଗେ ଅସୁସ୍ଥ ହୋଇ ଯାଇଛନ୍ତି। ଫଳରେ ଅନିଚ୍ଛା ସତ୍ତ୍ୱେ ଆମକୁ ବହୁ ଫ୍ଲାଇଟକୁ ବାତିଲ କରିବା ସହ ବହୁ ଫ୍ଲାଇଟ୍‌କୁ ବିଳମ୍ବରେ ଛାଡ଼ିବାକୁ ପଡୁଛି। ଏଥିଯୋଗୁ ଆମ ଯାତ୍ରୀମାନେ ବହୁ ହଇରାଣର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଆମ ଟିମ୍ ନିରନ୍ତର ରୂପେ କାମ ଚାଲୁ ରଖିଛି। ଏହାସତ୍ତ୍ୱେ ଯାତ୍ରୀଙ୍କ ଅସୁବିଧାକୁ ଦୂର କରିବାକୁ ଯଥାସମ୍ଭବ ଆମେ ଚେଷ୍ଟାରତ ଥିବା ବେଳେ ଏଥିନିମନ୍ତେ ସେମାନଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁଛୁ। ଏଥିସହ ଉଡ଼ାଣ ବାତିଲ ହୋଇଥିବା ଫ୍ଲାଇଟର ଯାତ୍ରୀମାନଙ୍କୁ ସେମାନଙ୍କ ଟଙ୍କା ସମ୍ପୂର୍ଣ୍ଣ ରୂପେ ଫେରାଯିବ । ନଚେତ ସେମାନେ ଚାହିଁଲେ ତାହାକୁ ଅନ୍ୟ ତାରିଖକୁ ଘୁଞ୍ଚାଇ ଦିଆଯିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଗତ ମାସରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ କ୍ୟାବିନ କ୍ରୁ ମେମ୍ବରଙ୍କ ଏକ ଟିମ୍ ଅଭିଯୋଗ କରିଥିଲେ କି ମ୍ୟାନେଜମେଣ୍ଟ ଠିକ୍ ଭାବେ କାମ କରୁନି। କର୍ମଚାରୀଙ୍କ ସହ ସମାନ ବ୍ୟବହାର ପ୍ରଦର୍ଶନ କରାଯାଉନି। ପରିଚାଳନାଗତ ତ୍ରୁଟି ହେତୁ କ୍ରୁ ମେମ୍ବର ଶକ୍ତ ମାନସିକ ଆଘାତ ପାଉଥିବାରୁ ଏପରି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।

# ବିଜେପି ପକ୍ଷରୁ ବୁଥ୍ ସ୍ତରୀୟ ସଭା ଅନୁଷ୍ଠିତ




ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଥ ସ୍ତରୀୟ ସଭା ଅନୁଷ୍ଠିତ ହୋଇ ଯାଇଛି । ଗୋବିନ୍ଦ ପୁର ପଞ୍ଚାୟତର ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଉତ୍ତରା ଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାବତ । ବିଜେପିର ବିଧାୟକ ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭାଇ ଭଉଣୀ ମାନଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ଏହି ବୈଠକ ରେ ବିଜେପିର ଭଦ୍ରକ ଜିଲ୍ଲା ଉପ ସଭାପତି ଉଦୟ ନରାୟଣ ମଲ୍ଲିକ, ଅଶୋକ ସାହୁ, ସଂଯୋଜକ ଡକ୍ଟର ପ୍ରତାପ ନାୟକ, ପ୍ରଭାରୀ ତପସ୍ୱିନୀ ମହାପାତ୍ର, ମହିଳା ମୋର୍ଚ୍ଚାର ସଭାପତି ଗୌରୀ ବେହେରା, ରାଜଘର ପୋଖରୀ ସରପଞ୍ଚ ଅରୁଣ ମହାନ୍ତି, ରମାକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଚାନ୍ଦିମାଳରେ ବୁଥ ସ୍ତରୀୟ ସଭା ଅନୁଷ୍ଠିତ ହୋଇଥିଲା । ସଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଙ୍କୁ ଓ ବିଧାୟକ ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି ଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ବୋଲି ଉତ୍ତରା ଖଣ୍ଡ ର ପୂର୍ବତନ ମୁଖ୍ୟମନ୍ତ୍ରୀ ଜନ ସାଧାରଣ ଙ୍କୁ ନିବେଦନ କରିଥିଲେ ଓ ଭାରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ସଫଳତା କଥା ବର୍ଣ୍ଣନା କରିଥିଲେ । ଜୟ ଶ୍ରୀରାମ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ସମାବେଶ ଅନୁଷ୍ଠିତ

ବାସୁଦେବପୁର, ୦୮/୫ (ନି.ପ୍ର): ବାସୁଦେବପୁର କଂଗ୍ରେସ କାର୍ଯ୍ୟାଳୟ ନିକଟରେ ବାସୁଦେବପୁର ର ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ ତାଙ୍କ ବକ୍ତବ୍ୟ ର କହିଲେ ଭାରତ ବର୍ଷର ଯାହା କିଛି ଉନ୍ନତି ହୋଇଛି କଂଗ୍ରେସ ସରକାର ପାଇଁ । ଆଗାମୀ ୨୦୨୪ ନିର୍ବାଚନ ପାଇଁ ଆପଣ ମାନେ ବିପୁଳ ସଂଖ୍ୟାରେ ହାତ ଚିହ୍ନରେ ବିଧାୟକ ପ୍ରାର୍ଥୀ ଅଶୋକ ଦାସ ଓ ଲୋକ ସଭା ପ୍ରାର୍ଥୀ ଅନନ୍ତ ସେଠୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟ ଯୁକ୍ତ କରାନ୍ତୁ । ଓଡ଼ିଶାର ବିଜେଡି ସରକାର ହଜାର ହଜାର କୋଟି ଟଙ୍କାର ଦୁର୍ନୀତିରେ ଲିପ୍ତ ଅଛନ୍ତି । ଏହି ସଭାରେ ଲୋକ ସଭା ପ୍ରାର୍ଥୀ ଅନନ୍ତ ସେଠୀ, ମଧୁମିତା ସେଠୀ, ବରିଷ୍ଠ କଂଗ୍ରେସ ନେତା ରମେଶ ବଳ, ନଗର କଂଗ୍ରେସ ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ଆଦିତ୍ୟ ଗିରି, ଆରତି ବିଶ୍ୱାଳ, ମହିଳା କଂଗ୍ରେସ ନେତ୍ରୀ ମଞ୍ଜୁଲତା ପଣ୍ଡା, ସୁଶାନ୍ତ ମହାକୁଡ, ସିଦ୍ଧାନ୍ତ ଦାସ, ଅକ୍ଷୟ ବାରିକ, ବିଜୟ ମହାନ୍ତି, ପ୍ରଭାତ ବାରିକ, ତୁହିଦ୍ ଖାଁ, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ଛାତ୍ର କଂଗ୍ରେସ ସଭାପତି ମନୋରଂଜନ ପାଢ଼ୀ, ହରି ଶଙ୍କର ପଟ୍ଟନାୟକ,




ସୁବ୍ରତ ବେହୁରା ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ କଂଗ୍ରେସ ଜିନ୍ଦାବାଦ, ସୋନିଆ ଗାନ୍ଧୀ ଜିନ୍ଦାବାଦ ଓ ରାହୁଲ ଗାନ୍ଧୀ ଜିନ୍ଦାବାଦ ଧ୍ୱନିରେ ବାସୁଦେବପୁର ସହର ପ୍ରକମ୍ପିତ ହୋଇଥିଲା । ବାଲି ନଗର ପଡିଆରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା । ହଜାର ହଜାର ଲୋକ ଏହି ସମାବେଶରେ ଯୋଗ ଦେଇଥିଲେ ।

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବାଲେଶ୍ୱର ଜିଲ୍ଲା ଗସ୍ତ ଓ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ବାଲେଶ୍ୱର, ୦୮/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସମୀକ୍ଷା ବୈଠକ କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ବିକାଶ ସିଂ, ସୁଶ୍ରୀ ଅକ୍ଷତା ଶ୍ରୀନିବାସ, ଶ୍ରୀ ଅଙ୍କିତ ସୋମାନି ଏବଂ ଶ୍ରୀ ଜୀତେଶ କୁମାର ଯେନ ପ୍ରମୁଖ ଉପସ୍ଥିତ ଥିଲେ ଓ ଏଥି ସହିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ନିର୍ବାଚନ ଖର୍ଚ୍ଚର ସୁପରିଚାଳନା ସମ୍ବନ୍ଧରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଉପରେ ବିଶଦ ଭାବେ ଉପସ୍ଥାପନ କରିଥିଲେ ଓ ତତ୍ସହିତ ଭିଭିଟି, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଆକାଉଣ୍ଟିଂ ଟିମଙ୍କ ସମେତ ନିର୍ବାଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟର୍ ଙ୍କ ସୁବିଧା, ବୁଥ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି ଭିଜିଲ ରିପୋର୍ଟ ବାବଦରେ ବିସ୍ତୃତ ତଥ୍ୟ ବୁଝିଥିଲେ ଓ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଆସିଲେ ତୁରନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନଜରକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ ଓ ବାଲେଶ୍ୱର ଜିଲ୍ଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଏକକାଳୀନ ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ ।

# ବାଣୀପୀଠ ତରଫରୁ ନିଦାଘ କବିତା ଆସର : ଜାତିକୁ ଜାଗ୍ରତ କରାଏ କବିତା

ବଡ଼ସାହି , ୦୮/୫ (ନି.ପ୍ର): ମୟୂରଭଞ୍ଜର ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ତରଫରୁ ଓଡ଼ିଆ ଲେଖକ ପରିଷଦ ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ବିବେକାନନ୍ଦ ବିହାର, ବାଣୀଭବନଠାରେ ନିଦାଘ କବିତା ଆସର ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପଲ୍ଲୀପ୍ରଭାର ସଂପାଦିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଇଁଫୁଲ ତଥା ବଳଙ୍ଗ ପୁଅର ସଂପାଦକ ପର୍ଶୁରାମ ସାହୁ ଯୋଗଦାନ କରି କବିତା ଜାତିକୁ ଜାଗ୍ରତ କରାଏ, ଯେଉଁ ଜାତି ଯେତେ ଶିକ୍ଷିତ ଓ ଜାଗ୍ରତ ସେହି ରାଷ୍ଟ୍ର ସେତେ ପ୍ରଗତିଶୀଳ ଓ ସମୃଦ୍ଧଶାଳୀ ଗଣାଯାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବନ ମୟୂରୀର ସଂପାଦକ ନିରୋଦ ସୁନ୍ଦର ଜେନା, ସମ୍ମାନୀତ ଅତିଥି ଭାବେ ଗାୟକ ସତ୍ୟନାରାୟଣ ମୋଦି , କବି




ରତିକାନ୍ତ ବେହେରା, କବି କାର୍ତ୍ତିକ ସେଠୀ, ସୁବ୍ରତ ବଳିଆରସିଂହ ଯୋଗଦାନ କରି ନିଦାଘର ଭୟାବହତା ରୋକିବା ପାଇଁ ବହୁଳ ପରିମାଣରେ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି ମତାମତ ଦେଇଥିଲେ । କବିତା ସଂଯୋଜନା କରିଥିଲେ ଜାହ୍ନବୀ ରାଣୀ ସାହୁ ଓ ସଂଯୁକ୍ତା ଦାସ । ନମ୍ରତା ବାରିକ, ଆଦ୍ୟାଶା ବେହେରା, ଶିବାନୀ ମଲ୍ଲିକ, ସତ୍ୟଜିତ୍ ପଣ୍ଡା, ଜଗଦୀଶ୍ କୁମାର ଉପାଧ୍ୟାୟ, ଶିବାନୀ ସିଂ, ମନିଷା ବିନ୍ଧାଣୀ, ସବିତା ମହାନ୍ତି, କବିତା ପତି, ରଣଜିତ୍ ମହାନ୍ତି, ବେଣୁଧର ବେହେରା, ଶୁଭଜିତ୍ ଶୁଭଙ୍କର ରାଉତ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଆଦି ୨୫ ଜଣ କବିତା ପାଠ କରିଥିଲେ । ଗେହ୍ଲମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୋନାକ୍ଷି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ ।

## କେରଳ ରାଜ୍ୟପାଳ ଆରିଫ ମୋହମ୍ମଦ ଖାନ ରାମଲଲାଙ୍କୁ କଲେ ଦର୍ଶନ

ଅଯୋଧ୍ୟା, ୦୮/୫: କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ ବୁଧବାର ଶ୍ରୀ ରାମ ଜନ୍ମଭୂମି ମନ୍ଦିରରେ ରାମଲାଲା ପରିଦର୍ଶନ କରିଛନ୍ତି । ରାଜ୍ୟପାଳ ଖାନଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମହର୍ଷୀ ବାଲ୍ମିକି ବିମାନବନ୍ଦରରୁ ଶ୍ରୀ ରାମ ଜନ୍ମଭୂମି ମନ୍ଦିର ପର୍ଯ୍ୟନ୍ତ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।
ବିମାନ ବନ୍ଦରରେ ପହଂଚିବା ପରେ ରାଜ୍ୟପାଳ ଖାନଙ୍କୁ ଅଧିକାରୀମାନେ ସ୍ୱାଗତ କରିଥିଲେ । ଏହା ପରେ ତାଙ୍କ କାରକେଡ ଶ୍ରୀ ରାମ ଜନ୍ମଭୂମି ମନ୍ଦିରକୁ ଯାଇଥିଲା ସେ ସେଠାରେ ଦର୍ଶନ ଏବଂ ରାମଲାଲାଙ୍କର ପୂଜା କରିଥିଲେ । ରାମଲାଲାଙ୍କ ଦର୍ଶନ ପାଇବା ପରେ ରାଜ୍ୟପାଳ ଶ୍ରୀ ରାମ ଜନ୍ମଭୂମି ତିର୍ଥ କ୍ଷେତର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଭେଟିଥିଲେ । ଚମ୍ପତ ରାୟ ତାଙ୍କୁ ଶ୍ରୀ ରାମଚରିତ ମାନସଙ୍କୁ ଉପସ୍ଥାପନ କରିଥିଲେ । ରାଜ୍ୟପାଳ ଖାନ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସେ ଜାନୁଆରୀରୁ ଦୁଇଥର ଅଯୋଧ୍ୟାକୁ ଆସିଛନ୍ତି, ସେହି ସମୟରେ ସେଠାରେ ଥିବା ଅନୁଭବ ଆଜି ମଧ ସମାନ । ମୁଁ ଅଯୋଧ୍ୟାଙ୍କର ପଡ଼ୋଶୀ ଏବଂ ଏହା ପୂର୍ବରୁ ଅନେକ ଥର ପରିଦର୍ଶନ କରିଆସୁଛି ।

# ଦେବଗଡ଼ରେ କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ ନିର୍ବାଚନ ପ୍ରଚାର

ଦେବଗଡ଼, ୦୮/୫ (ନି.ପ୍ର): ଦେବଗଡ ସମେତ ଓଡ଼ିଶାରେ ରେଳ ଲାଇନ କାମରେ ଜମି ଅଧିଗ୍ରହଣରେ ରାଜ୍ୟ ସରକାର ବାଧକ ସାଜିଛନ୍ତି । ଓଡ଼ିଶାରେ ବିଜେପି ସରକାର ଆସିଲେ ଜମି ଅଧିଗ୍ରହଣ ସମସ୍ୟା ରହିବ ନାହିଁ । ଏଠାରେ ତାଳଚେର-ବିମଳଗଡ଼ ଓ ବାରକୋଟ-ଝାରସୁଗୁଡ଼ା ରେଳଲାଇନ କାମ ତ୍ୱରାନ୍ୱିତ ହେବ ବୋଲି ବୁଧବାର ଦେବଗଡ଼ର ତିଲେଇବଣି, ଟିଙ୍କବୀର ଏବଂ ଛତାବରରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶ ଓ ପଦଯାତ୍ରାରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେବଗଡ ବିଧାୟକ ପ୍ରାର୍ଥୀ ସୁବାଷ ପାଣିଗ୍ରାହୀଙ୍କ ସମର୍ଥନରେ ପ୍ରଚାର କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି, ବିଗତ ୨୫ ବର୍ଷ ହେଲା ଦେବଗଡ଼ ବିଜେପିକୁ କିଛି ନା କିଛି ଦାୟିତ୍ୱ ଦେଇଛି । ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଜାତୀୟ ରାଜପଥ ସହ ଦେବଗଡ଼ ଯୋଡ଼ି ହେଲା । କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେଲା । ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୟରେ ରେଳ ସଂଯୋଗୀକରଣ କାର୍ଯ୍ୟ ଜାରି ରହିଛି । ତାଳଚେର-ବିମଳାଗଡ଼ ରେଳ ଲାଇନ କାର୍ଯ୍ୟ ଚାଲୁ ରହିଥିବା ବେଳେ



ବାରକୋଟ-ଝାରସୁଗୁଡ଼ା ରେଳଲାଇନ କାମ ପାଇଁ ସର୍ଭେ ସରିଛି । ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ପରେ କାମ ତ୍ୱରାନ୍ୱିତ ହେବ । ଜମି ଅଧିଗ୍ରହଣରେ ବିଳମ୍ବ ଓ ସମସ୍ୟା ରେଳ ଲାଇନ କାମରେ ବାଧା ସୃଷ୍ଟି କରୁଛି । ରାଜ୍ୟରେ ବିଜେପି ସରକାର ଆସିଲେ ଜମି ଅଧିଗ୍ରହଣ ସମସ୍ୟା ହଟିବ ଏବଂ ରେଳ ଲାଇନ କାମ ଶୀଘ୍ର ଶେଷ ହେବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ରାଜ୍ୟରେ ବିଜେପି ସରକାର କରିଲେ ଦେବଗଡ଼ରେ ମେଡିକାଲ କଲେଜ ଓ ହସପିଟାଲ କରାଯିବ । କେନ୍ଦୁପତ୍ର ତୋଳାଳିଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ ଏବଂ କେନ୍ଦୁପତ୍ର ବିଡାକୁ ୧.୬୦ ଟଙ୍କାରୁ ୨ ଟଙ୍କା ବୃଦ୍ଧି କରାଯିବ । ଦେଶୀ ମଦ କାରଣରୁ ଅଞ୍ଚଳର ମା' ଭଉଣୀଙ୍କ ଉପରେ ଅତ୍ୟାଚାର ବଢୁଥିବାରୁ ଦେଶୀ ମଦ ରନ୍ଧା ଓ ବିକ୍ରି ବନ୍ଦ କରାଯିବ । ଦେଶ ମଦ ବିକ୍ରି ଉପରେ କଡା କଟକଣା ଲଗାଯିବ । ବର୍ତ୍ତମାନ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଥିବା ବେଳେ ଓଡ଼ିଶାରେ ମୋଦୀଙ୍କ ସରକାର ହେଲେ ଛତିଶଗଡ ଭଳି ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଧାନ କିଣିବାର ୪୮ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ । କଟନୀଛଟନୀ ନାଁରେ ଚାଷୀଙ୍କୁ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଧାନରେ ପ୍ରଥମ ଥର ପାଇଁ ରାଜ୍ୟ ତରଫରୁ ବୋନସ ଦିଆଯିବ । ସବୁ ଚାଷ ଜମି ଜଳସେଚନ ହେବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଦୁଇ ବର୍ଷ ମଧ୍ୟରେ ଏହି ଟଙ୍କାକୁ ମହିଳାମାନେ ଏକକାଳୀନ କିମ୍ବା ଭିନ୍ନ ଭିନ୍ନ ସମୟରେ ଟଙ୍କା ଖର୍ଚ୍ଚ କରିପାରିବେ । ସବୁ ଗରିବଙ୍କୁ ପଚ୍ଚା ସହ ପକ୍କା ଘର ଦିଆଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ୧୫ ଲକ୍ଷ ଘର ଦିଆଯିବ । ରାଜ୍ୟର ଘରେ ଘରେ ନଳ ଯୋଗେ ପାନୀୟ ଜଳ ପହଞ୍ଚାଯିବ । ଶୌଚାଳୟ ଓ ଉଜ୍ଜ୍ୱଳା ଗ୍ୟାସ ସହ ସବୁ ପ୍ରକାର ସୁବିଧା ଦିଆଯିବ । ଓଡ଼ିଶାରେ ବକେୟା ଥିବା ୧.୫ ଲକ୍ଷ ସରକାରୀ ନିଯୁକ୍ତି ପୂରଣ ସହିତ ୩.୫ ଲକ୍ଷ ନୂଆ ନିଯୁକ୍ତି ଦିଆଯିବ । ଦାଦନ ଯନ୍ତ୍ରଣାରୁ ମୁକ୍ତି ଦିଆଯିବ । ପିଏମ ସୂର୍ଯ୍ୟଘର ଯୋଜନାରେ ସୌର ବିଦ୍ୟୁତ ସୁବିଧା ପ୍ରଦାନ କରାଯିବ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ଶତକଡା ୮୦ ଭାଗ ଥିବା ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ଦିଆଯିବ । ବିଜେପି ସରକାର ହେବାର ପ୍ରଥମ ମାସରେ ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ହେବ । ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ଲାଗୁ କରି ଶିକ୍ଷକ ଅଭାବ ପୂରଣ କରିବା ସହ ଗରିବ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ । ଟିଙ୍କବୀରଠାରେ ପରିବର୍ତ୍ତନ ପଦଯାତ୍ରାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଏକ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଭାବେ ଝିଅ ପିଲା ଏକାଦଶ ଓ ଦ୍ୱାଦଶ ପଢିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ଭିଡିଓରେ ଥିବାବେଳେ ରିମୋଟ୍ ବାହାର ନେତା ଗୁମାସ୍ତା ପାଖରେ ଅଛି । ଅପରପକ୍ଷରେ ଓଡ଼ିଶା ସମେତ ଦେଶରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ଆସ୍ଥାର ପ୍ରତୀକ ଓ ସ୍ୱାଭିମାନର ଛବି ହୋଇଛନ୍ତି ।

# ଗୌରୀନାନୀଙ୍କ ଥଣ୍ଡା ପାନୀୟଜଳ ସେବା

ମୟୂରଭଞ୍ଜ, ୦୮/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ଚଳିତ ୨୦୨୪ ମସିହାର ଉଣାଅଧିକ ସମୟରେ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ଭାବେ ପ୍ରିଣ୍ଟ୍ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକର ଦୃଷ୍ଟି ଆକର୍ଷଣ କରିଥିବାର ସଭିଏଁ ଜାଣନ୍ତି । ଏଭଳି କଠିଣ ପରିସ୍ଥିତିରେ ଏପ୍ରିଲ ମାସରୁ ଆଜିଯାଏ ଧୁ ଧୁ ଖରାବେଳ ଓ ଦିବସ ତମାମ ରଘୁନାଥପୁର



ନିବାସୀ ଧର୍ମପ୍ରାଣା ବୟସ୍କା ଭଦ୍ରମହିଳା ଶ୍ରୀମତୀ ଗୌରୀ ପାତ୍ର ଓରଫ୍ 'ଗୋରୀନାନୀ'ଙ୍କ ପଥଚାରୀଙ୍କୁ ଥଣ୍ଡା ପାନୀୟ ଜଳସେବା ସ୍ଥାନୀୟ ଜନସାଧାରଣଙ୍କ ଶ୍ରଦ୍ଧା ଓ ପ୍ରଶଂସା ସାଉଁଟି ପାରିଥିବାର ଲକ୍ଷ୍ୟ କରାଯାଇଛି । ନିଜଘର ଆଗରେ ଥିବା ବଉଳ ଗଛମୂଳେ ଅସ୍ଥାୟୀ ଛାଉଣୀର ଏକ ମଞ୍ଚଗଢି ତା ଉପରେ ନୂଆ ମାଟିହାଣ୍ଡିରେ ପାନୀୟଜଳ ସଂରକ୍ଷଣ ପୂର୍ବକ ସାମ୍ନାରେ ଲମ୍ବିଥିବା ରାଜରାସ୍ତା ଉପରେ ଗାଡି, ମଟର ବାଇକ୍, ସାଇକେଲ ତଥା ପାଦରେ ଚାଲିଚାଲି ଆତଯାତ ହେଉଥିବା ତୃଷାର୍ତ୍ତ ପଥଚାରୀଙ୍କୁ ଦୈନନ୍ଦିନ ଜଳସେବା ପ୍ରଦାନ କରି ଆତ୍ମିକ ସୁଖ ଅନୁଭବ କରୁଥିବାର ସେ କହନ୍ତି ।

# ତିନୋଟି ମୋରମ ବୋଝେଇ ଡମ୍ପର ଜବତ: ଦୁଇ ଗିରଫ




ନୀଳଗିରି, ୦୮/୫ (ନି.ପ୍ର): ବରହମପୁର ଥାନା ଅଧୀନ ବାଉଁଶପାଳ ଛକ ନିକଟରୁ ତିନୋଟି ମୋରମ ବୋଝେଇ ଡମ୍ପରକୁ ଜବତ କରିଛି ବରହମପୁର ପୋଲିସ । ଘଟଣା ମୁତାବକ ଗତକାଲି ବିଳମ୍ବିତ ରାତିରେ ବରହମପୁର ଅଞ୍ଚଳରୁ ବେଆଇନ ଭାବରେ ମୋରମ ଉତ୍ତୋଳନ କରାଯାଇ ଗୋହିରା ଅଭିମୁଖେ ଡମ୍ପର ଗୁଡିକ ଯାଉଥିବା ସମୟରେ ବରହମପୁର ଥାନା ଏଏସ୍ଆଇ ସସ୍ମିତା ପାଣିଗ୍ରାହୀ ଏବଂ ହାବିଲଦାର ଅଞ୍ଜନ ମିଶ୍ର ସୂଚନାପାଇ ବାଉଁଶପାଳ ଛକ ନିକଟରେ ଗାଡି ଗୁଡ଼ିକୁ ଜବତ କରିବା ସହ ଦୁଇ ଡ୍ରାଇଭରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଚାଳକ ଘଟଣା ସ୍ଥଳରେ ଗାଡି ଛାଡି ଚମ୍ପଟ ମାରିଥିଲା । ତିନୋଟି ଡମ୍ପର ଯାହାର ନମ୍ବର (ଓଡି-୦୧-ଟି-୬୬୩୨) (ଓଡି-୩୪-ଏନ୍- ୯୨୩୪), (ଓଡି -୦୧-କେ-୨୧୭୪) ଜବତ କରାଯାଇଥିବା ବେଳେ ଦୁଇଚାଳକ ଦୀପ୍ତିକାନ୍ତ ମହାନ୍ତି ଓ ଧ୍ରୁବ ସିଂ ଙ୍କୁ ଗିରଫ କରାଯାଇଛି । ଏନେଇ ବରହମପୁର ଥାନାରେ ନଂ ୮୧/୨୪ ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

# ଓଡିଶୀ ନୃତ୍ୟଗୁରୁ ପର୍ଶୁରାମ ସେଠୀଙ୍କ ସ୍ମୃତି ଚାରଣ ସଭା

ଭଦ୍ରକ, ୦୮/୫ (ନି.ପ୍ର): ଗୁରୁହିଁ ପଥ ପ୍ରଦର୍ଶକ । ସେ ଜ୍ଞାନର ଆଲୋକାବର୍ତ୍ତୀକା ସାଜି ଏକ ଅଲୌକିକ ଗୁଣରେ ଦୀକ୍ଷାନ୍ତ କରାଇଥାନ୍ତି ନିଜର ଛାତ୍ରଛାତ୍ରୀ ମାନଙ୍କୁ । ସେ ଶିକ୍ଷା ଗୁରୁ ହୁଅନ୍ତୁ ଅଥବା ଦୀକ୍ଷା ଗୁରୁ କିନ୍ତୁ ଗୁରୁଙ୍କର ଭୂମିକା ଅନବଦ୍ୟ । ସେହିପରି ଭଦ୍ରକ ମାଟିରେ ଓଡିଶୀ ଓ ଲୋକନୃତ୍ୟର ଜଣେ ଆଦର୍ଶ ଓ ପ୍ରବୀଣ ଗୁରୁ ଥିଲେ ସ୍ୱର୍ଗତ ପର୍ଶୁରାମ ସେଠୀ । ଭଦ୍ରକ ସଂଗୀତ ମହାବିଦ୍ୟାଳୟ ପରିସରରେ ଶିକ୍ଷାବିତ ଗଙ୍ଗାଧର ଦେହୁରୀଙ୍କ ସଭାପତିତ୍ୱରେ ତଥା ଶହରର କିଛି ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ସ୍ମୃତି ଚାରଣ ସଭାରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ମୂଖ୍ୟ ଅତିଥି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିବା ବେଳେ ମୁଖ୍ୟବକ୍ତା ଓଡିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରାପ୍ତ



ନାଟ୍ୟଶ୍ରୀ ନିର୍ମଳ ରାଉତ, ସମ୍ମାନିତ ଅତିଥି, ବିମଳା ନାଟ୍ୟ ସଂସଦର ସମ୍ପାଦକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ମୋଗଲ ତାମସା କଳାକାର ଅରବିନ୍ଦ ବେହେରା, ବିଶିଷ୍ଟ କଣ୍ଠଶିଳ୍ପୀ ସୁମତି ପଣ୍ଡା, ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ, ଗୁରୁଜୀ ଅଭୟ ଦାସ ପ୍ରମୁଖ ସ୍ମୃତି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ସେଠୀଙ୍କର ବହୁତ ଗୁଡ଼ିଏ ପ୍ରବୀଣ ଛାତ୍ରୀ ମାନଙ୍କ ମଧ୍ୟରୁ ଓଡିଶା ସଂଗୀତ ନାଟକ ଏକାଡ଼େମୀର ସାଧାରଣ ପରିଷଦ ସଦସ୍ୟା ଶ୍ୱେତପଦ୍ମା ଦାସ, ନୃତ୍ୟଗୁରୁ ପୁଷ୍ପିତା ମହାନ୍ତି, ପଦ୍ମାଳୟା ଦାସ, ପୁଷ୍ପମିତ୍ରା ଜେନା, ସୁଜାତା ନାୟକ, ରିଚିସ୍ମିତା ମହାନ୍ତି, ନୃତ୍ୟ ଶିଳ୍ପୀ ସଂନ୍ଧ୍ୟା ଓ ଅଭିନେତ୍ରୀ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ନିଜ ଗୁରୁଙ୍କର ସ୍ମୃତି ଚାରଣ ପରିପ୍ରେକ୍ଷୀରେ ତାଙ୍କର ଆଦର୍ଶ, ଏକନିଷ୍ଠ ଶିକ୍ଷାଦାନ ପଦ୍ଧତି ଓ ଛାତ୍ରବତ୍ସଳତା ଉପରେ ଗଭୀର ଆଲୋକପାତ କରିଥିଲେ । ବିଶିଷ୍ଟ ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

# ଖୋର୍ଦ୍ଧା ପୋଲିସ ସଜାଗ ଓ ଫ୍ଲାଗ ମାର୍ଚ୍ଚ

ଖୋର୍ଦ୍ଧା , ୦୮/୫ (ନି.ପ୍ର): ଆସନ୍ତା ମଇ ମାସ ୨୫ ତାରିଖ ନିର୍ବାଚନ ଯୋଗୁଁ ଖୋର୍ଦ୍ଧା ଏକ ନମ୍ବର ଜିଲାରେ ଖୋର୍ଦ୍ଧା ପୋଲିସ ବିଭାଗ ତରଫରୁ ଜିଲ୍ଲାରେ ସମସ୍ତ ଥାନା ଅଧିନରେ ଥିବା ସହର ଓ ଗ୍ରାମ ଗୁଡିକରେ ପୋଲିସ ଫ୍ଲାଗ ମାର୍ଚ ଜାରି ରଖିଛି । ଖୋର୍ଦ୍ଧା ଏସ, ଡି,ପି ,ଓ, ଦିଲିପ କୁମାର୍ ଦସ,(ଓ, ପି, ଏସ,)ଓ ଖୋର୍ଦ୍ଧା ନୂତନ ଏସ, ପି (ଆଇ,ପି, ଏସ) ନିର୍ଦ୍ଦେଶ ସମସ୍ତ ଥାନା ଓ ଫାଣ୍ଡି ମାନଙ୍କରେ ପୋଲିସ ପ୍ରହରା ଓ ନିଶା ବେବସାୟ କଡ଼ା ନଜର ରଖିଛି । ପ୍ରକାଶ ଥାଉକି ଖୋର୍ଦ୍ଧା ଯେତେ ବିଦେଶୀ ଓ ଦେଶୀ ମଦ ଦୋକାନ ଅଛି ସମସ୍ତ ଦୋକାନ ଖୋର୍ଦ୍ଧା ଜିଲ୍ଲା ବିଧାୟକ ମାନଙ୍କର ଶୁଣା ଜାଏ, ଏହି ଦୋକାନ ତାଙ୍କର ହୋଇ ଥିବା ବେଳେ ତାଙ୍କ ବନ୍ଧୁ ବାନ୍ଧବ ଓ ତାଙ୍କ ପାଖରେ ଦିନ ରାତି ପଡ଼ି ଥିବା କୁଜି ନେତା ଲୋକଙ୍କ ନାମରେ ଅଛି ବୋଲି ଲୋକେ କହନ୍ତି ଓ ଜାଣନ୍ତି ।ଖୋର୍ଦ୍ଧା ପୋଲିସ ଏହି ମଦ ଓ ଗଞ୍ଜା ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରୁଛି । ଏବେ ପ୍ରତି ଗ୍ରାମରେ ନିଶା ବେପାର ଗ୍ରାମ ଗଣ୍ଡଗୋଳ କାରଣ ବୋଲି ଲୋକେ କହୁଛନ୍ତି ।୨୦୧୯ନିର୍ବାଚନ ଘର ଘର, ଭାଇ ଭାଇ, ସାଇ ସାଇ, ଗାଁ ଗାଁ ମଧ୍ୟରେ ଯେଉଁ ତିକ୍ତତା ଥିଲା ତାହା କିଛି ଅଂଶରେ ଦୁରି ଭୂତ ହୋଇ ଥିଲା ବେଳେ ,ଏବେ ୨୦୨୪ ନିର୍ବାଚନ ପୁଣି ତିକ୍ତତା ଆଣିବ ଓ ଆରମ୍ଭ ହୋଇ ଗଲାଣି । ଖୋର୍ଦ୍ଧା ଜିଲ୍ଲା ପାଇକ ଅଞ୍ଚଳ ଓ ଖଣ୍ଡାୟତ ଗଡ ଥିବା ଯୋଗୁ ତାଙ୍କ ରକ୍ତ ଓ ମନ ଭାବ କଡ଼ା । ଉଦାହରଣ ସ୍ୱରୂପ କାଲୁ ଖଣ୍ଡ ତରାୟ ଘର ମଳିପଡା ଓ ପ୍ରଶାନ୍ତ ଜଗଦ୍ଦେବ ଘର ବଡ ପୋଖରିଆ ଦୁଇ ଜଣ ପାଇକ ସନ୍ତାନ ଓ ବନ୍ଧୁ । ଏହି ନିର୍ବାଚନ ତାଂକ ମଦ୍ୟରେ ଥିବା ମଧୁର ଓ ଭାଇ ଭାଇ ସମ୍ପର୍କ ଭିନ୍ନ ମୋଡ଼ ନେଇଛି । ତାଙ୍କ ପାଖେ ଥିବା କୁଜୀ ନେତା, ଟାଉଟର ,ଓ ବୋରଝାଞ୍ଜୀ ଯୋଗୁ ତାହା ଉଗ୍ର ନେବାକୁ ଯାଉଛି । ଭାଇ ଭାଇ କଳି ରେ ଖୋର୍ଦ୍ଧା ବିଧାୟକ ପଦ ହାତ ଛଡ଼ା ହୋଇ ଜାଇ ପାରେ । ତୃତୀୟ ଲୋକ ବସ୍ୟ । ପରିବାର ହାତକୁ ଜାଇ ପାରେ ଲୋକେ କୁହା କୁହି ହେଉଛନ୍ତି । ସେହିପରି ଚିଲିକା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ରଘୁ ସାହୁ ବଡ ମଦ ବେବସାୟୀ ବାଲୁଗାଁ ଓ ବାଣପୁର ଏ, ଏନ, ସି, ଓ ଗ୍ରାମ ଅଞ୍ଚଳରେ ଅଛି । ନିର୍ବାଚନ ସମୟ ଏହି ମଦ ଦୋକାନ ଓ ବଣ୍ଟନ କାରଣ ହୋଇ ପାରେ ବୋଲି ଶୁଣିବାକୁ ମିଳେ । ଖୋର୍ଦ୍ଧା ଯେତୋଟି ମଦ ଦୋକାନ ଅଛି କେଉଁ ନେତାଙ୍କ କି ତାଙ୍କ ଠିକାଦାର ନାମରେ ଅଛି । ପୋଲିସ ଖୋର୍ଦ୍ଧା ଓ ଅବକାରୀ ବିଭାଗ ଏହାର କାଗଜପତ୍ର ଓ ଷ୍ଟକ୍ ଛାଞ୍ଚ କରିବାକୁ ଜନସାଧାରଣ ଦାବି ହେଉଛି । ଯଦି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ, ସବଡିଭି ଜୋନାଲ ପୋଲିସ ଅଧିକାରୀ ବାଲୁଗାଁ ଓ ଖୋର୍ଦ୍ଧା ପାରିବା ପଣିଆ ଲୋକେ ଦେଖିବାକୁ ଚାହଁଛନ୍ତି । ଖୋର୍ଦ୍ଧା ଜିଲ୍ଲା ମିଡ଼ିଆ ଭାଇ ନିରପେକ୍ଷ ସଂବାଦ ପାଇଁ ଲୋକେ ଅନୁରୋଧ କରୁଛନ୍ତି । ଆଶା ଖୋର୍ଦ୍ଧା ଜିଲ୍ଲାପାଳ ଓ ପୋଲିସ ଆରକ୍ଷୀ ଅଧିକାରୀ କଡ଼ା ନଜର ଦେବାକୁ ଖୋର୍ଦ୍ଧା ଜିଲ୍ଲାର ପୁରୁଷ,ମହିଳା, ବୃଦ୍ଧି ଯିବି ଅନୁରୋଧ କରୁଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo